


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI ◆VOLUME- 43 ◆ISSUE-42 ◆TUESDAY ◆5 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୪୨ ◆ମଙ୍ଗଳବାର ◆୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଓଭାଲରେ ରୋମାଞ୍ଚକ ଲଢ଼େଇ

## ଶେଷ ଟେଷ୍ଟ ଜିତି ସିରିଜ୍ ବରାବର କଲା ଭାରତ

**ସିରାଜ ପ୍ଲେୟାର ଅଫ୍ ଦି ମ୍ୟାଚ୍**

**ଗିଲ୍ ଓ ରୁଟ୍ ପ୍ଲେୟାର୍ ଅଫ୍ ଦି ସିରିଜ୍**

■ **ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି):** ଇଂଲଣ୍ଡକୁ ୬ ରନ୍‌ରେ ହରାଇ ଭାରତ ଲଣ୍ଡନର କେନିଂଟନ ଓଭାଲରେ ସୋମବାର ଶେଷ ହୋଇଥିବା ରୋମାଞ୍ଚଭରା ୫ମ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୨-୨ରେ ବରାବର ରହିଛି। ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା। ଶେଷଥର ଲାଗି ଇଂଲଣ୍ଡ ୨୦୧୮ ଘରୋଇ ଟେଷ୍ଟ ସିରିଜ୍‌ରେ ଭାରତକୁ ହରାଇଥିଲା। ଏହି ଟେଷ୍ଟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲାବେଳେ ଭାରତ ଘରୋଇ ଦଳକୁ ଏହି ଟେଷ୍ଟ ଜିତିବା ଲାଗି ୩୭୪ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ହ୍ୟାରୀ ବ୍ରୁକ୍ ଓ ଜୋ ରୁଟ୍ ୧୯୫ ରନ୍‌ର ବାର୍ଟନରସିପ୍ ବଳରେ ଦଳକୁ ବିଜୟର ନିକଟବର୍ତ୍ତୀ କରାଇଥିଲେ। କିନ୍ତୁ ଏମାନଙ୍କ ଆଉଟ ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୬୭ ରନ୍ କରି ଅଲଆଉଟ ହେବା ଫଳରେ ▶ପୃଷ୍ଠା-୭

# ମହାରାଷ୍ଟ୍ରକୁ ହଁ; ଓଡ଼ିଶାକୁ ନା

## ପଶ୍ଚିମରେ ତେଜିଲା 'ବେଞ୍ଚ' ରାଜନୀତି

**ଓକିଲଙ୍କ କୋର୍ଟକୁ ବଲ୍ ଗଡ଼ାଇଦେଲେ ରାଜସ୍ୱ ମନ୍ତ୍ରୀ**

**ସରକାରଙ୍କ ଆଭିମୁଖ୍ୟ ଦୁର୍ଭାଗ୍ୟଜନକ: ବିଜେଡି**

**ଜିଲ୍ଲା ମଧ୍ୟରେ ଲଢ଼େଇ ଲଗାଉଛନ୍ତି ସରକାର: କଂଗ୍ରେସ**



**ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ୨ ଥର ଚିଠି ଲେଖିଥିଲେ ନବୀନ**

■ **ଭୁବନେଶ୍ୱର,୪।୮ (ସମିସ):** ରାଜ୍ୟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। 'ବେଞ୍ଚ' ଦାବିରେ ପଶ୍ଚିମ ଓଡ଼ିଶାରେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଆନ୍ଦୋଳନ ମଧ୍ୟ ହୋଇଛି। ମାତ୍ର କେନ୍ଦ୍ର ସରକାର ଏହି ଦାବିକୁ ସବୁବେଳେ ଉପେକ୍ଷା କରି ଆସିଛନ୍ତି। ଏପରିକି ଡିଜିଟାଲ ଯୁଗରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନ ଥିବା ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଛି। ତେବେ ଗତ ନିର୍ବାଚନ ବେଳେ ରାଜ୍ୟରେ କ୍ଷମତାକୁ ଆସିଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ଇତିମଧ୍ୟରେ ରାଜ୍ୟରେ ସରକାର ଗଠନର ୧୩ ମାସ ପୂରିଥିବାବେଳେ ଏହି ପ୍ରତିଶ୍ରୁତି ପାଳନରେ ସରକାର ବ୍ୟର୍ଥ ହୋଇଛନ୍ତି। ଠିକ୍ ଏହି ସମୟରେ ମହାରାଷ୍ଟ୍ରରେ ଆଉ ଏକ ହାଇକୋର୍ଟ ବେଞ୍ଚ ସ୍ଥାପନକୁ କେନ୍ଦ୍ର ସରକାରଙ୍କ ଅନୁମତି ପରେ ପୁଣି ଓଡ଼ିଶାରେ ତେଜିଛି ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ। ଗତକାଲି ବଲାଙ୍ଗୀର ଓକିଲ ସଂଘ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଉଠାଇଥିବାବେଳ ଆଜି ସମ୍ବଲପୁରରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ହୋଇଛି। ଆସନ୍ତା ଅଗଷ୍ଟ ୧୮ ତାରିଖରୁ ମହାରାଷ୍ଟ୍ରର କୋହ୍ଲାପୁରଠାରେ ବେଞ୍ଚ କାର୍ଯ୍ୟକ୍ଷମ ହେବ, ଏହାକୁ ମିଶାଇ ମହାରାଷ୍ଟ୍ରରେ ହାଇକୋର୍ଟର ବେଞ୍ଚ ସଂଖ୍ୟା ୪ରେ ପହଞ୍ଚିବ। ମାତ୍ର ଓଡ଼ିଶାରେ ଆଉ ଗୋଟାଏ ବେଞ୍ଚ ସ୍ଥାପନ ପାଇଁ କାହିଁକି ସରକାର ନିରବ ରହିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ବହୁ ପୁରୁଣା। ଦୀର୍ଘ ଦିନ ଧରି ସ୍ଥାନୀୟ ସାମାଜିକ ସଙ୍ଗଠନ, ଆଇନଜୀବୀ ଏହି ଦାବିକୁ ଦୋହରାଇ ଆସୁଛନ୍ତି। ପ୍ରତି ମାସର ଶେଷ ସପ୍ତାହରେ ଅଦାଲତ ବନ୍ଦ କରି ବେଞ୍ଚ ସ୍ଥାପନ ପାଇଁ ମଧ୍ୟ ଏକ ସମୟରେ ଦାବି କରାଯାଉଥିଲା। ସ୍ଥାନୀୟ ଜନସାଧାରଣ ଓ ଆଇନଜୀବୀଙ୍କ ଦାବିକୁ ଦୃଷ୍ଟିରେ ରଖି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ସେପ୍ଟେମ୍ବର ୫ ଓ ୨୦୧୯ ଜାନୁଆରୀ ୧୧ ତାରିଖରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ପଶ୍ଚିମ ଓଡ଼ିଶାରେ ବେଞ୍ଚ ସ୍ଥାପନ ପାଇଁ ଅନୁରୋଧ କରିଥିଲେ। ବିଜେଡି ସାଂସଦମାନେ ଅତୀତରେ ଲୋକସଭା ଓ ରାଜ୍ୟସଭାରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ସହ ସରକାରଙ୍କ ଉତ୍ତର ଲୋଡିଥିଲେ। ମାତ୍ର ଏଯାଏ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଏବେ ରାଜ୍ୟରେ ବେଞ୍ଚ ଦାବି ପୁଣି ଜୋର ଧରିବା ଆରମ୍ଭ ହୋଇଥିବାବେଳେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାପ ମରିବନି କି ବାଡ଼ି ଭାଙ୍ଗିବନି ପରି ରକ୍ଷଣାତ୍ମକ ମନ୍ତବ୍ୟ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ସ୍ଥାୟୀ ବେଞ୍ଚ ଗଠନ ପାଇଁ ବିଭିନ୍ନ ରାଜ୍ୟରେ ଦାବି ହେଉଛି। ଏହା ସପକ୍ଷେରେ ଆମେ କାଲି ଥିଲୁ; ଆଜି ମଧ୍ୟ ରହିଛୁ। ଓଡ଼ିଶାରେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳରେ ଏହି ବେଞ୍ଚ ପ୍ରତିଷ୍ଠା ପାଇଁ ମଧ୍ୟ ବଡ଼ ଆନ୍ଦୋଳନ ହୋଇଛି। ମାତ୍ର ଏଥିରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ରାଜ୍ୟପାଳଙ୍କ ମତାମତର ବଡ଼ ଭୂମିକା ରହିଛି। ଯଦି ବେଞ୍ଚ ପ୍ରତିଷ୍ଠା ପାଇଁ ଏକ ସାମଗ୍ରିକ ପ୍ରସ୍ତାବ ଯାଆନ୍ତା, ତାହେଲେ କେନ୍ଦ୍ର ସରକାର ତାହାକୁ ବିଚାର କରନ୍ତେ। ମାତ୍ର ଏଯାଏଁ କେବେବି ଏକ ସାମଗ୍ରିକ ପ୍ରସ୍ତାବ ଯାଇନାହିଁ। ଯେଉଁ ଓକିଲ ସଂଘ ଅଛନ୍ତି, ସେମାନେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା କଥା ନ କହି ସହମତି ଭିତ୍ତିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ କଥା ଉଲ୍ଲେଖ କରନ୍ତେ, ତାହେଲେ ବେଞ୍ଚ ପ୍ରତିଷ୍ଠା ଆହୁରି ସୁବିଧା ହୁଅନ୍ତା। ମୁଁ ଏନେଇ ଉଭୟ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଓକିଲଙ୍କ ସହ ସମ୍ପର୍କରେ ଅଛି। କେଉଁଠାରେ ବେଞ୍ଚ ପ୍ରତିଷ୍ଠା ହେବ ସେନେଇ ଥରେ ସେମାନଙ୍କ ମଧ୍ୟରେ ସହମତି ଆସିଗଲେ, ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ। ସେ କହିଛନ୍ତି ଯେ ମହାରାଷ୍ଟ୍ରରେ ବେଞ୍ଚ ପ୍ରତିଷ୍ଠାକୁ ବିଜେଡି ସ୍ୱାଗତ କରୁଛି। ମାତ୍ର ଆଜି ଯାଏଁ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନହେବା କ୍ଷୋଭରର ବିଷୟ। ଦଶନ୍ଧି ଦଶନ୍ଧି ଧରି ପଶ୍ଚିମ ଓଡ଼ିଶାବାସୀ ଏହି ଦାବି କରି ଆସୁଛନ୍ତି। ▶ପୃଷ୍ଠା-୭

**ମହିଳା ସୁରକ୍ଷା**

## ହାତ ଟେକିଦେଲେ ସରକାର



**ରାତିରେ ମହିଳାଙ୍କ କାମ ନେଇ ସରକାରଙ୍କ ନୂଆ ମାର୍ଗଦର୍ଶିକା**

**'ସ୍ୱ-ଘୋଷଣାନାମା' ଦେଇ ରାତିରେ କାମ କରିବେ ମହିଳା**

**ପୁରୁଷ ଓ ମହିଳାଙ୍କ ମଧ୍ୟରେ ତାରତମ୍ୟ କମିବ: ଶ୍ରମ ମନ୍ତ୍ରୀ**

**ଘୋଷଣାନାମାର ଅର୍ଥ ମହିଳା ନିଜ ସୁରକ୍ଷା ନିଜେ କରିବେ: ପ୍ରମିଳା**

**ଭୁବନେଶ୍ୱର,୪।୮ (ସମିସ):** ଏଣିକି ରାଜ୍ୟରେ ମହିଳାମାନେ ରାତିରେ ନିଜ କାର୍ଯ୍ୟସ୍ଥଳରେ କାମ କରିବା ପାଇଁ 'ସ୍ୱ-ଘୋଷଣାନାମା' ଦେବେ। ରାତି ସିଫ୍ଟରେ କାମ କରିବାରେ ସେମାନଙ୍କୁ କେହି ବାରଣ କରିବେ ନାହିଁ, ମାତ୍ର ଏଥିପାଇଁ ସେମାନଙ୍କୁ ଘୋଷଣାନାମା ଦେବାକୁ ପଡ଼ିବ। ରାଜ୍ୟ ଶ୍ରମ ବିଭାଗ ଜାରି ହୋଇଥିବା ଏହି ମାର୍ଗଦର୍ଶିକାକୁ ନେଇ ଏବେ ସୃଷ୍ଟି ହୋଇଛି ବିବାଦ। ମହିଳମାନଙ୍କୁ ସୁରକ୍ଷା ଦେବାରେ ସରକାର ଅସମର୍ଥ ହୋଇଛନ୍ତି ଓ ଏଥିପାଇଁ ସେମାନଙ୍କଠାରୁ ସ୍ୱ-ଘୋଷଣାନାମା ନେବା ବ୍ୟବସ୍ଥା କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ପୂର୍ବରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସନ୍ଧ୍ୟା ପରେ ମହିଳାମାନଙ୍କୁ କ୍ୟାମ୍ପସ ମନା ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯଦିଓ ତାହାକୁ ପରେ ପ୍ରତ୍ୟାହାର କରାଯାଇଛି। ଏବେ ପୁଣି ନିଜ କାର୍ଯ୍ୟସ୍ଥଳରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ସରକାର ନିଜେ ସ୍ୱୀକାର କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଶ୍ରମ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ରାତି ସିଫ୍ଟରେ କାମ କରିବା ପାଇଁ ମହିଳା କର୍ମଚାରୀଙ୍କ ଲିଖିତ ସମ୍ମତି ନେବା ବାଧ୍ୟତାମୂଳକ। ଏହାସହିତ ଗୋଟିଏ ସିଫ୍ଟରେ ଅତି କମରେ ତିନିଜଣ ମହିଳା କର୍ମଚାରୀ ରହିବା ଦରକାର। ଏହାସହିତ ମହିଳାମାନଙ୍କୁ ସେମାନଙ୍କ ବାସସ୍ଥାନ ନିକଟରୁ ଆଣିବା ଓ ଛାଡ଼ିବା ପାଇଁ ଜିପିଏସ ▶ପୃଷ୍ଠା-୭

## ପରଲୋକରେ ଦିଶୋମ୍ ଗୁରୁଜୀ



**ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**

**ନବୀନଙ୍କ ଶୋକ**

■ **ନୂଆଦିଲ୍ଲୀ, ୪।୮ (ଏଜେନ୍ସି):** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଶିବୁ ସୋରେନଙ୍କ ପରଲୋକ ହୋଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଗତ ଦେଢ଼ ମାସ ହେଲା ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତେବେ ଆଜି ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦିଶୋମ ଗୁରୁଜୀ ନାମରେ ପରିଚିତ ସୋରେନଙ୍କ ବ୍ରେନ ଷ୍ଟ୍ରୋକ୍ ହୋଇଥିଲା। ତାଙ୍କ ଶରୀରର ବାମ ପାର୍ଶ୍ୱ କାମ କରୁ ନ ଥିଲା। ସେ ଗତ ମାସେ ହେଲା 'ଲାଇଫ ସପୋର୍ଟ ସିଷ୍ଟମ'ରେ ଥିଲେ। ସ୍ନାୟୁ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗ ବିଶେଷଜ୍ଞଙ୍କ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିଲେ। ପୂର୍ବରୁ ସୋରେନ ବୃକକ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ମଧୁମେହ ମଧ୍ୟ ଥିଲା। ତାଙ୍କ ହୃତ୍‌ପିଣ୍ଡର ବାଇପାସ୍ ସର୍ଜରୀ ମଧ୍ୟ କରାଯାଇଥିଲା।

ପରଲୋକ ଖବର ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ ଗଙ୍ଗାରାମ ହସ୍ପିଟାଲରେ ପହଞ୍ଚି ଦିବଂଗତ ସୋରେନଙ୍କୁ ▶ପୃଷ୍ଠା-୭

**ସୌମ୍ୟାଶ୍ରୀ ଆତ୍ମଦାହ**

## ନିଜ ଖାତରେ ପଡ଼ିଲା ବିଜେପି ଛାତ୍ର ସଂଗଠନ

**ଘଟଣା ପଛରେ ପୁଲିସର ଷଡ଼ଯନ୍ତ୍ର: ଏବିଭିପି**

**ଆଶା-ଆଶଙ୍କାରେ ଛାତ୍ର ସଂସଦ ନିର୍ବାଚନ**

■ **ଭୁବନେଶ୍ୱର, ୪।୮ (ସମିସ):** ବହୁ ଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ବାନ୍ଧିଛି କ୍ରାଇମ୍‌ବ୍ରାଞ୍ଚ। ଷଡ଼ଯନ୍ତ୍ର ଅଭିଯୋଗରେ ଏବିଭିପି ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଛାତ୍ର ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ ଗିରଫ ହୋଇଛନ୍ତି। ସେମାନଙ୍କ ଗିରଫଦାରୀ ଛାତ୍ରୀ ମୃତ୍ୟୁ ଘଟଣାରେ ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ପଦାରେ ପକାଇ ଦେଇଛି। ଫଳରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିବାକୁ ପ୍ରୟାସ କରୁଥିବା ଏହି ଛାତ୍ର ସଂଗଠନ ପାଇଁ ଶକ୍ତ ଧକ୍କା ଲାଗିଛି। ଛାତ୍ରୀଙ୍କ ଜୀବନକୁ ବାଜି ଲଗାଇ ନିର୍ବାଚନ ପାଇଁ ସଜବାଜ ହେଉଥିବା ଏବିଭିପି ନିଜେ ଖୋଳିଥିବା ଗାତରେ ପଡ଼ିଥିବା ଚର୍ଚ୍ଚା ଜୋର ଧରିଛି। ଏହାସହ ଛାତ୍ର ସଂସଦ ନିର୍ବାଚନର ଭାଗ୍ୟ ଅନ୍ଧାରକୁ ଠେଲି ହୋଇଯାଇଛି।

ଏବିଭିପିର ଦୁଇ କାର୍ଯ୍ୟକର୍ତ୍ତା ଗିରଫ ହେବା ପରେ ଓଡ଼ିଶା ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଉପରେ ଖପ୍ପା ହୋଇଛି ସଂଗଠନ। ଦଳୀୟ ମନୋଭାବ ନେଇ କାର୍ଯ୍ୟ କରିବା ସହ ରାଜନୈତିକ ଗଡ଼ଫାଦରଙ୍କୁ ବଞ୍ଚାଇବାକୁ ପୁଲିସ ପ୍ରୟାସ କରୁଥିବା ଏବିଭିପି ଅଭିଯୋଗ ଆଣିଛି। ଏପରିକି ଘଟଣାରେ ସରକାର ଓ ପ୍ରଶାସନକୁ ଘଟଣା ପାଇଁ ସିଧାସଳଖ ଦାୟୀ କରିଛି। ଗିରଫଦାରୀକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ହେଲେ ପୁଲିସକୁ ବ୍ୟବହାର କରି କେଉଁ ରାଜନୈତିକ ଦଳ ଏହି ଷଡ଼ଯନ୍ତ୍ରରେ ଲିପ୍ତ, ସେ ନେଇ ସ୍ପଷ୍ଟ କରିନାହିଁ। ପରୋକ୍ଷରେ ଏହା ଶାସକ ବିଜେପିକୁ ଏବିଭିପିର ନିଶାଣା ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ▶ପୃଷ୍ଠା-୭

### ଆତ୍ମଦାହ ପାଇଁ ପ୍ରବର୍ତ୍ତାଇଥିଲେ ଗିରଫ ଏବିଭିପି ନେତା

**କୋର୍ଟରେ ନୂଆ ପ୍ରମାଣ ଦାଖଲ କଲା କ୍ରାଇମବ୍ରାଞ୍ଚ**

**ଲାବ୍ ଟେଷ୍ଟିଂ ପାଇଁ ମାଗିଲା ଅନୁମତି**

**ବାଲେଶ୍ୱର, ୪।୮ (ସମିସ):** ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଗତରାତିରେ କ୍ରାଇମବ୍ରାଞ୍ଚ ୨ ଛାତ୍ରଙ୍କୁ ଗିରଫ କରିବା ପରେ ଘଟଣାରେ ନୂଆ ମୋଡ଼ ଆସିଛି। ଗିରଫଦ୍ୱୟ ହେଲେ, ସୌମ୍ୟାଶ୍ରୀଙ୍କୁ ଆତ୍ମଦାହ ବେଳେ ରକ୍ଷା କରିଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଅନ୍ୟ ଜଣେ ପୂର୍ବତନ ଛାତ୍ର ଶୁଭ୍ରସମ୍ବିତ ନାୟକ। ଦୁହେଁ ଏବିଭିପି ସଂଗଠନ ସହ ଜଡ଼ିତ। ସେମାନଙ୍କ ମଧ୍ୟରୁ ଶୁଭ୍ରସମ୍ବିତ ଏବିଭିପିର ରାଜ୍ୟ ଯୁଗ୍ମ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହିଛନ୍ତି। କ୍ରାଇମବ୍ରାଞ୍ଚ ଦୁହିଁଙ୍କୁ ଗତରାତିରେ ବାଲେଶ୍ୱର ▶ପୃଷ୍ଠା-୭

## କବରରେ ସମାଧିନେଲା ବଳଙ୍ଗା ରହସ୍ୟ

**ଶୂନ୍ୟରେ ଉଭେଇଗଲେ ଅଦୃଶ୍ୟ ଅଭିଯୁକ୍ତ!**

■ **ପୁରୀ,୪।୮ (ସମିସ):** ଶେଷରେ କବର ନେଇଗଲା ବଳଙ୍ଗା ରହସ୍ୟ। ମାଟିତଳେ ଶୋଇଗଲେ ନାବାଳିକା ପୀଡ଼ିତା। ଶୂନ୍ୟରେ ଉଭେଇଗଲେ ବଳଙ୍ଗା ଘଟଣାର ଅଭିଯୁକ୍ତ। ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରି ଅସମୟରେ ଆଖି ବୁଜିଲେ ବଳଙ୍ଗା ପୀଡ଼ିତା। ବନ୍ଧୁ, ପରିଜନ ସାମୂହିକ ଜନାଜା ପାଠ କରି ତାଙ୍କୁ ଚିର ବିଦାୟ ଦେଇଦେଲେ ସିନା ହେଲେ ଏତେ କମ୍ ବୟସରେ ଝିଅଟିର ଦେହାନ୍ତକୁ କେହି ଗ୍ରହଣ କରିପାରୁ ନାହାନ୍ତି। ବଳଙ୍ଗା ପୀଡ଼ିତା ଯେଉଁଭଳି ରହସ୍ୟ ଭିତରେ ଆଖି ବୁଜିଲେ ତାହା ଅନେକଙ୍କ ମନକୁ ଆନ୍ଦୋଳିତ କରିଛି। ବାସ୍ତବରେ ପୀଡ଼ିତାଙ୍କ ଦେହରେ ନିଆଁ ଲାଗିଲା କେମିତି ଓ ଏହା ପଛରେ ରହିଥିବା ଷଡ଼ଯନ୍ତ୍ର ଉପରୁ ପରଦା ହଟିପାରି ନାହିଁ। ନୂଆ ଗୋପାଳପୁର ଗାଁ କିମ୍ବା ବଳଙ୍ଗା ଅଞ୍ଚଳ ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ମନରେ ବଳଙ୍ଗା ଘଟଣା ଏକ ଅସମାହିତ ପ୍ରଶ୍ନ ହୋଇ ରହିଯାଇଛି।

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତିର ଗୋଟିଏ ସପ୍ତାହ ମଧ୍ୟରେ ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କୁ ଜୀଅନ୍ତା ପୋଡ଼ି ମାରିଦେବାକୁ ଉଦ୍ୟମ ଖବର କେବଳ ରାଜ୍ୟ ନୁହେଁ ଜାତୀୟସ୍ତରରେ ହଇଚଇ କରିଥିଲା। ଗୋଟିଏ ପରେ ଗୋଟିଏ ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମକୁ ନେଇ ସରକାର ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ଚିକିତ୍ସାରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ନେଇ ଗଣମାଧ୍ୟମରେ ଖବର ଆସୁଥିଲା। ଏପରିକି



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସକୁ ଯାଇ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିବା ସହିତ ତାଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଡାକ୍ତରଙ୍କଠାରୁ ବୁଝିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା କହିଥିଲେ। ଦିଲ୍ଲୀ ଏମ୍ସରେ ପୁଲିସ ମଧ୍ୟ ତାଙ୍କର ତିନିଥର ବୟାନ ରେକର୍ଡ କରିଥିଲା। ସବୁକିଛି ଠିକ୍‌ଠାକ୍ ଥିବାବେଳେ ହଠାତ୍ ପୀଡ଼ିତା ଆଖି ବୁଜିବା ଖବର ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା।

ପୀଡ଼ିତାଙ୍କ ଦେହାନ୍ତ ପରେ ଏମିତି କିଛି ପରିସ୍ଥିତି ଉପୁଜିଲା ଯାହାକି ତାଙ୍କ ମୃତ୍ୟୁ ଅନେକ ସନ୍ଦେହ ଛିଡ଼ା କରିଛି। ୧୫ ଦିନ ଧରି ତଦନ୍ତ କରୁଥିବା ପୁଲିସ ହଠାତ୍ ସାମାଜିକ ଗଣମାଧ୍ୟମରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ କରିବା ଏହି ସନ୍ଦେହକୁ ଦ୍ୱିଗୁଣିତ କରିଛି। ଯଦି ପୁଲିସ ଜାଣିଥିଲା ଏଥିରେ କାହାରି ସମ୍ପୃକ୍ତି ନାହିଁ ତେବେ କାହିଁକି ପୂର୍ବରୁ ଏହା କରୁ ନ ଥିଲା। କାହାରି ଯଦି ସମ୍ପୃକ୍ତ ନାହିଁ ତେବେ ଜୁଲାଇ ୧୯ ତାରିଖ ସକାଳେ ଭାର୍ଗବୀ ନଦୀବନ୍ଧ କଡ଼ରେ ପୀଡ଼ିତାଙ୍କ ଦେହରେ ▶ପୃଷ୍ଠା-୭

**ମୌସୁମୀ ବିରତି**

## ୧୨ ପର୍ଯ୍ୟନ୍ତ କାଁ ଭାଁ ବର୍ଷା

**୧୩ରେ ଘୂର୍ଣ୍ଣିବଳୟ ପରେ ରାଜ୍ୟରେ ବଢ଼ିବ ବର୍ଷା**

■ **ଭୁବନେଶ୍ୱର,୪।୮ (ସମିସ):** ରାଜ୍ୟରେ ବର୍ତ୍ତମାନ ନିଅଣ୍ଟିଆ ବର୍ଷା ଜାରି ରହିବ। ନିଷ୍କ୍ରିୟ ମୌସୁମୀ ଯୋଗୁଁ ପ୍ରତିଦିନ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହେବ। ତେବେ ଏହି ସମୟରେ କେତେକ ଅଞ୍ଚଳରେ କାଁ ଭାଁ ବର୍ଷା ହୋଇପାରେ। ଏହି ସମୟରେ ବିଜୁଳି ଘଡ଼ଘଡ଼ିର ପ୍ରଭାବ ରହିପାରେ। ତେବେ ଆସନ୍ତା ୧୪ରୁ ରାଜ୍ୟକୁ ପୁଣି ବର୍ଷା ଫେରିବାର ସମ୍ଭାବନା ରହିଛି।

ରାଜ୍ୟରେ ବର୍ଷା ସମ୍ପର୍କରେ ସୂଚନା ଦେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ବର୍ତ୍ତମାନ ରାଜ୍ୟରେ ମୌସୁମୀ ବାୟୁ ନିଷ୍କ୍ରିୟ ରହିଛି। ଆସନ୍ତା ୧୩ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇ ମୌସୁମୀ ବର୍ଷା ହୋଇପାରେ। ରାଜ୍ୟରେ ବଙ୍ଗୋପସାଗରୀୟ ଲଘୁଚାପ କିମ୍ବା ମୌସୁମୀ ଟ୍ରଫ୍ ଠିକ୍ ସ୍ଥାନରେ ରହିଲେ ହିଁ ଭଲ ବର୍ଷା ହୋଇଥାଏ। କିନ୍ତୁ ବର୍ତ୍ତମାନ ମୌସୁମୀ ଟ୍ରଫ୍ ଉତ୍ତର ମୁହାଁ ହୋଇଛି। ଯାହାଦ୍ୱାରା ହିମାଳୟ ଅଞ୍ଚଳରେ ଭାରି ବର୍ଷା ହୋଇଛି। ଏହାସହିତ ବଙ୍ଗୋପସାଗରରେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଲଘୁଚାପର ସମ୍ଭାବନା ନାହିଁ। ତେଣୁ ଏହି ସମୟରେ କେବଳ ପରିଚଳନ ଜନିତ ସ୍ୱଳ୍ପ ବର୍ଷା ହୋଇପାରେ। ବିସ୍ତୃତ ଭାରି ବର୍ଷା ନାହିଁ। ଆକଳନ କରାଯାଉଛି ଆସନ୍ତା ୧୩ ବେଳକୁ ଓଡ଼ିଶା ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗପୋସାଗର କିମ୍ବା ଏହାର କିଛି ଦକ୍ଷିଣରେ ଏକ ଘୂର୍ଣ୍ଣିବଳୟ ପରବର୍ତ୍ତୀ ସମୟରେ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟରେ ୧୭ ବର୍ଷ ପର୍ଯ୍ୟନ୍ତ ବର୍ଷା ହେବ। କେନ୍ଦ୍ରୀୟ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିଛି। କେବଳ ବାରିପଦା, ବରଗଡ଼ ଓ ଦାରିଙ୍ଗବାଡ଼ିର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ମଙ୍ଗଳବାର ମଧ୍ୟ ସମାନ ସ୍ଥିତି ଜାରି ରହିବା ସହ ଉପକୂଳବର୍ତ୍ତୀ ଜିଲ୍ଲାରେ ଅପରାହ୍ଣ ପରେ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହୋଇପାରେ।

## ଚଳନ୍ତା ବସ୍‌ରେ ହୃଦ୍‌ଘାତ୍‌ରେ ମହିଳା ମୃତ
# ଦେହରେ ଲାଗିଥିଲା ୨୬ ଆଇ ଫୋନ୍



ସାଓପାଓଲୋ, ୪।୮ (ଏଜେନ୍ସି): ବ୍ରାଜିଲ୍‌ର ପରାନା ଅଞ୍ଚଳରେ ଗୁଆରାପୁଆଭା ସହରରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ବସ୍‌ରେ ଯାତ୍ରା କରୁଥିବା ଜଣେ ୨୦ ବର୍ଷୀୟ ମହିଳା ଅଚାନକ ବେହୋସ ହେବାର କିଛି ସମୟ ପରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ଏହାପରେ ଯାହା ହୋଇଥିଲା ତାହା ଅତ୍ୟନ୍ତ ରହସ୍ୟମୟ ଥିଲା। ମୃତ୍ୟୁ ପରେ ମହିଳାଙ୍କ ଶରୀର ଯାଞ୍ଚ କରାଯାଇଥିଲା ଓ ତାଙ୍କ ଶରୀରରେ ୨୬ଟି ଆଇ ଫୋନ୍ ଲାଗିଥିବାର ଦେଖି ଅଧିକାରୀ ମାନେ ଚକିତ ହୋଇଥିଲେ। ଜୁଲାଇ ୨୯ରେ ଏହି ଘଟଣା ଘଟିଥିଲା। ସେ ଏହି ଆଇ ଫୋନ୍‌ଗୁଡିକୁ କେତୋଟି ପ୍ୟାକେଟ୍‌ରେ ଟେପ୍ ଜରିଆରେ ଶରୀରରେ ଲାଗାଇ ରଖିଥିଲେ। ପ୍ୟାକେଟଗୁଡିକୁ ଖୋଲିବା ପରେ ଆଇ ଫୋନ୍‌ଗୁଡିକୁ ଦେଖିବାକୁ ମିଳିଥିଲା। ଶରୀରର ଭିନ୍ନ ଭିନ୍ନ ଯାଗାରେ ଆଇ ଫୋନ୍‌ଗୁଡିକ ଲାଗି ରହିଥିଲା। ପୁଣି ଏହି ମହିଳାଙ୍କ ବ୍ୟାଗରେ କେତୋଟି ମଦ ବୋତଲକୁ ମଧ୍ୟ ଜବତ କରାଯାଇଛି। ଏହି ମହିଳାଙ୍କ ପରିଚୟ ମିଳିପାରିନାହିଁ। ସେ ଏହି ଆଇ ଫୋନଗୁଡିକର ଚୋରା ଚାଲାଣ କରୁଥିଲେ ବୋଲି ପୁଲିସ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

# ୟୁକ୍ରେନ ସେନାରେ ମହିଳାଙ୍କ ସଂଖ୍ୟା ଦ୍ୱିଗୁଣିତ

କିଭ୍, ୪।୮ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଜାରି ରହିଥିବା ବେଳେ ୟୁକ୍ରେନ ସେନାରେ ମହିଳାଙ୍କ ଭାଗିଦାରୀ ଦ୍ରୁତଗତିରେ ବଢ଼ିଛି। ଗତ ସଢ଼େ ୩ବର୍ଷରେ ସେନାରେ ମହିଳାଙ୍କ ସଂଖ୍ୟା ବୃଦ୍ଧିପାଇ ଏକ ଲକ୍ଷରେ ପହଞ୍ଚିଛି। ଯୁଦ୍ଧ ଆରମ୍ଭ ହେବା ପରେ ମହିଳାମାନେ ନିଜ ତରଫରୁ ସେନାରେ ଯୋଗ ଦେବାକୁ ଆଗେଇ ଆସିଛନ୍ତି। ରୁଷ୍ ବିପକ୍ଷ ଯୁଦ୍ଧରେ ଏବେ ୫ ହଜାର ମହିଳା ସମ୍ମୁଖରେ ଲଢ଼େଇ ଜାରି ରଖିଛନ୍ତି ବୋଲି ୟୁକ୍ରେନ ସେନାବାହିନୀ ତରଫରୁ କୁହାଯାଉଛି। ଏହି ମହିଳା ଯୋଦ୍ଧାମାନେ ଡ୍ରୋନ୍‌ଠାରୁ ଆରମ୍ଭ କରି ତୋପ ମଧ୍ୟ ସଞ୍ଚାଳନ କରୁଛନ୍ତି। ସେହିପରି ଏମାନେ ମେଡିକାଲ ସହାୟତା ଓ ଫ୍ରଣ୍ଟ ଲାଇନ୍ ଟ୍ରାନ୍ସପୋର୍ଟରେ ନିୟୋଜିତ ରହିଛନ୍ତି। ୨୦୨୨ରେ ରୁଷିଆର ଆକ୍ରମଣ ପୂର୍ବରୁ ୟୁକ୍ରେନ ସେନାରେ ୧୫ ପ୍ରତିଶତ ମହିଳା ଥିଲେ। ଏବେ ମହିଳାଙ୍କ ସଂଖ୍ୟା ଦୁଇଗୁଣା ଅର୍ଥାତ ୩୦ ପ୍ରତିଶତରେ ପହଞ୍ଚିଛି। ଯୁଦ୍ଧରେ ମହିଳାଙ୍କୁ ଏବେ ନୂଆ ଭୂମିକା ଦେବାକୁ ସେନା ପ୍ରସ୍ତୁତି କରୁଛି ବୋଲି କହିଛି।

# ଦିଲ୍ଲୀରେ କଂଗ୍ରେସ ସାଂସଦଙ୍କ ସୁନା ଚେନ୍ ଲୁଟ୍



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଦିଲ୍ଲୀରେ ମହିଳା କଂଗ୍ରେସ ସାଂସଦ ସୁଧା ରାମକ୍ରିଷ୍ଣନ୍‌ଙ୍କଠାରୁ ଚେନ୍ ଛଡାଇ ନିଆଯିବାର ମାମଲା ସାମ୍ନାକୁ ଆସିଛି। ଏହି ଘଟଣା ସୋମବାର ସକାଳ ୬.୧୫ରୁ ୬.୨୦ ମଧ୍ୟରେ ତାମିଲନାଡୁ ଭବନ ନିକଟରେ ଘଟିଛି। ଚାଣକ୍ୟପୁରୀସ୍ଥିତ ପୋଲାଣ୍ଡ ଦୂତାବାସର ୩ ଓ ୪ ନଂ ଗେଟ୍ ସାମ୍ନାରେ ସୁଧା ଡିଏମ୍‌କେ ସାଂସଦ ରଜତୀଙ୍କ ସହ ପ୍ରାତଃଭ୍ରମଣ କରୁଥିବାବେଳେ ସ୍କୁଟିରେ ଆସି ଜଣେ ଲୁଟେରା ଏହି କାଣ୍ଡ ଘଟାଇଛନ୍ତି। ଲୁଟେରା ମୁହଁକୁ କପଡ଼ାରେ ଲୁଚାଇଥିଲା ଓ ହେଲମେଟ୍ ପିନ୍ଧିଥିଲା। ଚେନ୍ ଛଡାଇନେବା ବେଳେ ସାଂସଦଙ୍କ ଗଳାରେ ଆଘାତ ଲାଗିଛି। ଦିଲ୍ଲୀ ପୁଲିସ ମାମଲା ରୁଜୁ କରି ଏ ନେଇ ତଦନ୍ତ ଆରମ୍ଭ କରିଛି। ସୁଧା ଏ ନେଇ ପୁଲିସ୍, ବାଚସ୍ପତି, ଗୃହ ମନ୍ତ୍ରଣାଳୟକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ୩୨ ଗ୍ରାମ୍‌ର ଏକ ସୁନା ଚେନ୍ ମୋଠୁ ଛଡାଇ ନିଆଯାଇଛି ବୋଲି ସେ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖି ଜଣାଇଛନ୍ତି। ଦିଲ୍ଲୀରେ ମହିଳା ସୁରକ୍ଷିତ ନାହାନ୍ତି। ଏହି ଘଟଣା ମୋତେ ମାନସିକ ଭାବେ ଗଭୀର ଆଘାତ ଦେଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ୪୮ ବର୍ଷୀୟା ସୁଧା ତାମିଲନାଡୁର ମଇଲାଦୁଥୁରାୟୀ ନିର୍ବାଚନମଣ୍ଡଳୀରୁ କଂଗ୍ରେସର ସାଂସଦ ରହିଛନ୍ତି। ଏବେ ସେ ସଂସଦର ମୌସୁମୀ ଅଧିବେଶନରେ ଯୋଗ ଦେବାକୁ ଦିଲ୍ଲୀରେ ରହିଛନ୍ତି। ଚାଣକ୍ୟପୁରୀ ଅଞ୍ଚଳରେ ତାଙ୍କଠାରୁ ଚେନ୍ ଛଡାଇ ନିଆଯାଇଥିଲା ଓ ଏହା ଦଲ୍ଲୀର ସବୁଠାରୁ ସୁରକ୍ଷିତ ସ୍ଥାନ ଭାବେ ପରିଚିତ।

# ରୁଷିଆ ତୈଳ ଡିପୋରେ ୟୁକ୍ରେନ୍‌ର ଡ୍ରୋନ୍ ମାଡ଼

ମସ୍କୋ, ୪।୮ (ଏଜେନ୍ସି): ରୁଷର ତୈଳ ଡିପୋ ଉପରେ ୟୁକ୍ରେନ ରବିବାର ଡ୍ରୋନ୍ ମାଡ କରିଛି। ସୋଚିସ୍ଥିତ ଏହି ଡିପୋରେ ଭିଷଣ ନିଆଁ ଲାଗିଛି। ନିଆଁ ଲିଭାଇବାକୁ ୧୨୦ରୁ ଉର୍ଦ୍ଧ୍ୱ ଦମକଳକର୍ମୀ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ରୁଷିଆର ଦକ୍ଷିଣ ପଶ୍ଚିମ ଭାଗରେ ଥିବା ସାଚିରେ ୨୦୧୪ ୱିଣ୍ଟର ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ରୁଷିଆର କ୍ରାନ୍ସୋଦାର ଅଞ୍ଚଳର ଗଭର୍ଣ୍ଣର ଭେନିଆମିନ୍ କୋଣ୍ଡ୍ରାତିଏଭ ଏ ନେଇ ସୂଚନା ଦେଇଛନ୍ତି। ଏକ ତେଲ ଟାଙ୍କିରେ ଡ୍ରୋନ ମାଡ୍ ହେବା ପରେ ନିଆଁ ବ୍ୟାପୀ ଯାଇଥିଲା ବୋଲି ସେ କହିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି ଓ ସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧିନ ରହିଛି ବୋଲି ସୋଚି ମେୟର ଆନ୍ଦ୍ରେଇ ପ୍ରୋସୁନିନ୍ କହିଛନ୍ତି। ସୋଚି ୟୁକ୍ରେନ ସୀମାଠାରୁ ୪୦୦ କିମି ଦୂରରେ ଅବସ୍ଥିତ। ରୁଷିଆର ଅନ୍ୟ ସହରଗୁଡିକଠାରୁ ସୋଚି ସମ୍ପୂର୍ଣ୍ଣ ଭିନ୍ନ। କିନ୍ତୁ ଗତମାସରେ ଏଠାରେ ୟୁକ୍ରେନର ଡ୍ରୋନ ଆକ୍ରମଣରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିଲେ। ଦୁଇଜଣ ରୁଷୀୟ ଝିଅ ନିଆଁ ଲାଗିଥିବାର ଭିଡିଓ ବନାଉଥିବା ଦେଖିବାକୁ ମିଳିଥିଲା। ଦୁଇଜଣଙ୍କ ସହ ଜଣେ ଯୁବକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଦୁଇ ଝିଅଙ୍କୁ ଗିରଫ୍ କରାଯାଇଛି। ଅନ୍ୟପଟେ ଶନିବାର ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ କୃଷ୍ଣ ସାଗର ଉପରେ ୟୁକ୍ରେନ୍‌ର ୯୩ଟି ଡ୍ରୋନ୍‌ଙ୍କୁ ଖସାଇବା ନେଇ ରୁଷ୍ ଦାବି କରିଛି।

# କରେଣ୍ଟ ଲାଗି ୫ କାଉଡ଼ିଆ ମୃତ

ଭାଗଲପୁର, ୪।୮ (ଏଜେନ୍ସି): ମଧ୍ୟପ୍ରଦେଶର ଭାଗଲପୁରର ସୁଲତାନଗଞ୍ଜ୍‌ରେ ରବିବାର ବଳିମ୍ବିତ ରାତିରେ ଏକ ବଡ଼ ଅଘଟଣ ଘଟିଛି। ଇଲେକଟ୍ରିକ୍ କରେଣ୍ଟ ଲାଗି ୫ ଜଣ କାଉଡିଆ ମୃତ୍ୟୁବରଣ କରିଛନ୍ତି। ଏଥିରେ ୪ ଜଣ ଆହତ ହୋଇଛି ଓ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୯ କାଉଡିଆ ଗଙ୍ଗା ସ୍ନାନ କରିବାକୁ ସୁଲତାନଗଞ୍ଜ ଯାଉଥିଲେ। ସେଠାରୁ ଜଳ ଭରି ଜେଠୋର ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥାନ୍ତେ। କିନ୍ତୁ ବାଟରେ ଅସିବା ବେଳେ ଏକ ଅଟୋ ପିକ୍‌ଅପ୍ ଭ୍ୟାନକୁ ଓଭରଟେକ କରିବା ବେଳେ କରେଣ୍ଟ ଲାଗିଥିଲା। ଏଥିରୁ ରକ୍ଷା ପାଇବା ପାଇଁ ୩୦ ଫୁଟ ତଳେ ପାଣିକୁ ସମସ୍ତେ ଡେଇଁ ପଡ଼ିଥିଲେ। କିନ୍ତୁ ଉପରୁ ଗାଡି ସେମାନଙ୍କ ଉପରେ ପଡ଼ିଥିଲା। ଫଳରେ ଏହି ଦୁଃଖଦ ଘଟଣା ଘଟିଥିଲା ଓ ଲୋକ ମୃତଦେହ ରାସ୍ତାରେ ରଖି ସଡକ ଜାମ୍ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ଜେସିବିରେ ପିକ୍‌ଅପ୍ ଭ୍ୟାନକୁ କାଢିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲିଥିଲା ଓ ମୃତଦେହଗୁଡିକୁ ଉଦ୍ଧାର କରାଯାଇଥିଲା।

# ବ୍ୟବସାୟୀଙ୍କୁ ହତ୍ୟା କଲେ ପତ୍ନୀ ଓ ଝିଅ

ଦିବ୍ରୁଗଡ଼, ୪।୮ (ଏଜେନ୍ସି): ଆସାମର ଦିବ୍ରୁଗଡ଼ ଜିଲ୍ଲାରେ ଜଣେ ବ୍ୟବସାୟୀଙ୍କୁ ତାଙ୍କ ପତ୍ନୀ ଓ ସ୍ୱଳ୍ପ ବୟସ୍କ ଝିଅ ଷଡଯନ୍ତ୍ରପୂର୍ବକ ହତ୍ୟା କରିଛନ୍ତି। ଏହି ଘଟଣାକୁ ଦୁହେଁ ଡାକାୟତିର ରୂପ ଦେବାକୁ ପ୍ରୟାସ କରିଥିଲେ ବୋଲି ପୁଲିସ କହିଛି। ପତ୍ନୀ ଓ ଝିଅଙ୍କ ସମେତ ଜଣେ ନାବାଳକ ମଧ୍ୟ ଏହି ଘଟଣାରେ ସାମିଲ ରହିଥିଲେ। ୫୨ ବର୍ଷୀୟ ଉତ୍ତମ ଗୋଗୋଇଙ୍କୁ ଜୁଲାଇ ୨୫ରେ ନିଜ ଘରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପ୍ରଥମେ ଏହା ଡକାୟତି ହୋଇଥିବା ମନେ ହେଉଥିଲା। କିନ୍ତୁ ପତ୍ନୀ ବବି ସୋନୋୱାଲ ଗୋଗୋଇ ଓ ତାଙ୍କ ୧୬ ବର୍ଷୀୟ ଝିଅ ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ। ୯ମ ଶ୍ରେଣୀରେ ପଢୁଥିବା ଝିଅ ଜଣେ ୨୧ ବର୍ଷୀୟ ଯୁବକ ଦୀପଜ୍ୟୋତି ବୁର୍ଗୋହେନ ସହ ସମ୍ପର୍କରେ ଥିଲେ। ମା ଓ ଝିଅ ଦୀପଜ୍ୟୋତିଙ୍କୁ ହତ୍ୟା କରାଇବାକୁ କିଛି ଟଙ୍କା ଓ ଗହଣା ଦେଇଥିଲେ। କିନ୍ତୁ ଘଟଣାରେ ତାଳମେଳ ରହୁ ନଥିବାରୁ ପୁଲିସର ସନ୍ଦେହ ହୋଇଥିଲା। ପୁଲିସ ମା ଓ ଝିଅଙ୍କୁ ଗରିଫ କରିଛି ଓ ଏ ନେଇ ତଦନ୍ତ ଚାଲୁ ରହିଛି ପୁଲିସ କହିଛି।

# ସତ୍ୟେନ୍ଦ୍ର ଜୈନଙ୍କ ଦୁର୍ନୀତି ମାମଲା ବନ୍ଦ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ନେତା ସତ୍ୟେନ୍ଦ୍ର ଜୈନଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ତାଙ୍କ ବିରୋଧରେ ଚାଲିଥିବା ଦୁର୍ନୀତି ମାମଲାକୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ବନ୍ଦ କରିଦେଇଛନ୍ତି। ୪ ବର୍ଷର ଯାଞ୍ଚରେ ସିବିଆଇ ତାଙ୍କ ବିରୋଧରେ ଦୁର୍ନୀତିର କୌଣସି ପ୍ରମାଣ ଦେଇପାରି ନାହିଁ। ସେଥିପାଇଁ ବିଚାରପତି ବିନୟ ସିଂହ ସିବିଆଇର କ୍ଲୋଜର ରିପୋର୍ଟକୁ ସ୍ୱୀକାର କରିଛନ୍ତି। ଜୈନ ପିଡବ୍ଲୁଡି ମନ୍ତ୍ରୀ ଥିବା ସମୟରେ ନିୟମ ବିରୋଧରେ ଯାଇ ବିଭାଗରେ ନିଯୁକ୍ତି କରାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଦିଲ୍ଲୀ ସରକାରଙ୍କ ଭିଜିଲାନ୍ସ ବିଭାଗ ୨୦୧୯ ଜୁଲାଇ ୨୯ରେ ଏତଲା ରୁଜୁ କରିଥିଲେ। ପରେ ସିବିଆଇ ମାମଲାର ଯାଞ୍ଚ କରିଥିଲା। କୋର୍ଟଙ୍କ ରାୟକୁ ନେଇ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଦଳୀୟ ନେତାଙ୍କ ବିରୋଧରେ ଲଗା ଯାଇଥିବା ସବୁ ମାମଲା ମିଛ। ସମୟ ସହିତ ସବୁ ମାମଲାର ସତ୍ୟ ସାମ୍‌ନାକୁ ଆସିଯିବ। ମିଥ୍ୟା ମାମଲା ଲଗାଇ ଆମକୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା।

# ସଂସଦରେ ଥମୁନି ବିହାର ତାତି

### ଅପରେସନ ସିନ୍ଦୂର ପରେ ଅଚଳାବସ୍ଥା ଜାରି
### ହଙ୍ଗାମା ପରେ ଲୋକସଭା ମୁଲତବୀ
### ରାଜ୍ୟସଭାରେ ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ସଂସଦରେ ବିହାରକୁ ନେଇ ଆଜି ବି ଅଚଳାବସ୍ଥା ଜାରି ରହିଛି। ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ଉପରେ ଆଲୋଚନା ପାଇଁ ବିରୋଧୀ ଦଳର ସଭ୍ୟମାନେ ଜିଦ୍ ଧରିଥିବା ବେଳେ ସରକାର ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ନୁହନ୍ତି। ଫଳରେ ଗୃହକାର୍ଯ୍ୟ ଚାଲିପାରୁ ନାହିଁ। ସଂସଦର ଚଳିତ ଅଧିବେଶନର ଆଜି ଏକାଦଶ ଦିବସ ଥିବା ବେଳେ କେବଳ ଦୁଇ ଦିନ ଅପରେସନ ସିନ୍ଦୂର ଉପରେ ଆଲୋଚନା ହୋଇଥିଲା। ଅବଶିଷ୍ଟ ୯ ଦିନ ବିନା କୌଣସି କାର୍ଯ୍ୟରେ ଧୋଇ ହୋଇଯାଇଛି।

ଆଜି ଲୋକସଭା ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳମାନେ ବିହାର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା କରିବାକୁ ଦାବି କରି ହଙ୍ଗାମା କରିଥିଲେ। ଜିରୋ ଆୱାର ପରେ ଏହି ପ୍ରସଙ୍ଗ ଉଠାଇବା ଲାଗି ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ହଙ୍ଗାମା ଜାରି ରହିବାରୁ ସେ ଗୃହକୁ ଦୁଇଟା ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଦୁଇଟା ପରେ ମଧ୍ୟ ପରିସ୍ଥିତିରେ କିଛି ସୁଧାର ଆସିନଥିଲା। ଏହି ସମୟରେ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ କହିଥିଲେ ଯେ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଚାହୁଁଛନ୍ତି, ଏଥିପାଇଁ ଶାନ୍ତ ରହିବାକୁ ସେ ପରାମର୍ଶ ଦେଇଥିଲେ। ଏହାସତ୍ତ୍ୱେ ହଙ୍ଗାମା ଜାରି ରହିବାରୁ ସେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଗୃହରେ ବିରେଧୀଙ୍କର ଏଭଳି ଆଚରଣକୁ ସମାଲୋଚନା କରିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସେ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ସରକାର ଆଲୋଚନା କରିବାକୁ ଚାହୁଁଛନ୍ତି। କିନ୍ତୁ ବିରୋଧୀମାନେ କରାଇ ଦେଉ ନାହାନ୍ତି। ସରକାର ବାଧ୍ୟ ହୋଇ ବିନା ଆଲୋଚନାରେ ଏହାକୁ ପାସ୍ କରାଇଦେବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସଭାରେ ଆଜି ଜେଏମଏମ୍ ନେତା ଶିବୁ ସୋରେନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଜମ୍ମୁ-କଶ୍ମୀରକୁ ପୁଣି ରାଜ୍ୟ ମାନ୍ୟତା ପ୍ରଦାନ କରିବା ଲାଗି ସରକାର ଗୁରୁତର ସହିତ ବିଚାର କରୁଛନ୍ତି। ଏସଂପର୍କରେ ଆସନ୍ତାକାଲି ସଂସଦରେ ବିଲ୍ ଆଗତ କରାଯାଇପାରେ ବୋଲି କୁହାଯାଉଛି। ଗତକାଲି ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଭେଟିବା ପରେ ଜାତୀୟ ଗଣମାଧ୍ୟମରେ ଏହାକୁ ନେଇ ଆଲୋଚନା ଚାଲିଛି। କେନ୍ଦ୍ର ସରକାର ଏସଂପର୍କରେ ଜମ୍ମୁ-କଶ୍ମୀର ନେତାମାନଙ୍କ ସହିତ ଆଲୋଚନା ଚଳାଇଛନ୍ତି।

ଆସନ୍ତାକାଲି କ୍ଷମତାସୀନ ଏନଡିଏ ସଂସଦୀୟ ଦଳର ବୈଠକ ମଧ୍ୟ ହେବାକୁ ଯାଉଛି। ଚଳିତ ସଂସଦ ଅଧିବେନଶନ ଚାଲିଥିବା ବେଳେ ପ୍ରଥମ ଥର ଲାଗି ଏନ୍‌ଡିଏ ବୈଠକ ହେବ। ଏଥିରେ ସବୁ ଅଂଶୀଦାର ଦଳର ସାଂସଦ ଭାଗନେବେ ବୋଲି ଜଣାପଡ଼ିଛି।

## ପଞ୍ଜାବରେ ଜାଲ୍ ଏନ୍‌କାଉଣ୍ଟର
# ୩୨ ବର୍ଷ ପରେ ଅବସରପ୍ରାପ୍ତ ଏସ୍‌ଏସ୍‌ପି, ଡିଏସ୍‌ପି ସମେତ ୫ ଦୋଷୀ

ମୋହାଲି, ୪।୮ (ଏଜେନ୍ସି): ପଞ୍ଜାବରେ ଏକ ଜାଲ ଏନକାଉଣ୍ଟର ମାମଲାରେ ୩୨ ବର୍ଷ ପରେ ପୀଡିତଙ୍କୁ ନ୍ୟାୟ ମିଳିଛି। ୧୯୯୩ରେ ତରନତାରନଠାରେ ଏକ ଜାଲ ଏନକାଉଣ୍ଟର ମାମଲାରେ ସୋମବାର ସିବିଆଇର ଏକ ସ୍ୱତନ୍ତ୍ର କୋର୍ଟ ସଜା ଶୁଣାଇଛନ୍ତି। କୋର୍ଟ ଜଣେ ଅବସରପ୍ରାପ୍ତ ଏସ୍‌ଏସ୍‌ପି ଭୂପେନ୍ଦ୍ରଜିତ ସିଂହ, ଡିଏସ୍‌ପି ଦବିନ୍ଦର ସିଂହ, ଇନ୍ସପେକ୍ଟର ସୁବା ସିଂହ, ଏଏସଆଇ ଗୁଲବର୍ଗ ସିଂହ ଓ ଏଏସ୍‌ଆଇ ରଘବୀର ସିଂହଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଅଧିକାରୀମାନଙ୍କ ୭ ଜଣ ଲୋକଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଭାରତୀୟ ନ୍ୟାୟ ସଂହିତା ଧାରା ୩୦୨ ଓ ୧୨୦-ବି ଅନୁସାରେ ମକଦ୍ଦମା ଚାଲିଥିଲା। ପ୍ରଥମେ ଏହି ମାମଲାରେ ୧୦ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଯାଇଥିଲା। କିନ୍ତୁ କେସ୍ ଚାଲିଥିବା ବେଳେ ୫ ଜଣ ଅଭିଯୁକ୍ତ ମୃତ୍ୟୁବରଣ କରିଥିଲେ। ୧୯୯୩ରେ ୭ ଜଣ ଲୋକଙ୍କୁ ଭିନ୍ନ ଭିନ୍ନ ଏନକାଉଣ୍ଟରରେ ମୃତ ବୋଲି ଦର୍ଶାଯାଇଥିଲା। ଏହି ୭ ଜଣ ଲୋକଙ୍କୁ ଘରୁ ଉଠାଇ କେତେଦିନ ପର୍ଯ୍ୟନ୍ତ ଅବୈଧ ଭାବେ ଅଟକ ରଖି ସେମାନଙ୍କ ଉପରେ ଅତ୍ୟାଚାର କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଆଦେଶରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ୭ ଜଣ ମୃତକଙ୍କ ପରିଚୟ ଥିବା ବେଳେ ଅବୈଧ ଭାବେ ସେମାନଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏନ୍‌କାଉଣ୍ଟର ପୂର୍ବରୁ ସେମାନଙ୍କୁ ଅତି ନିର୍ମମ ଭାବେ ମାଡ ମରାଯାଇଥିବା ଶବବ୍ୟବଚ୍ଛେଦରୁ ଜଣାପଡ଼ିଥିଲା। ପାଖାପାଖି ୩ ଦଶନ୍ଧି ପରେ ନ୍ୟାୟ ମିଳିଥିବାର ପୀଡିତଙ୍କ ପରିବାର ସଦସ୍ୟ ଖୁସି ଜାହିର କରିଛନ୍ତି।

**ରାହୁଲ ଗାନ୍ଧୀଙ୍କୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ**


# ଚୀନ୍ ୨ ହଜାର କିମି ଜମି ଦଖଲ କରିଥିବା ଜାଣିଲେ କେମିତି?

### ପ୍ରକୃତ ଭାରତୀୟ ହୋଇଥିଲେ ଏପରି କହି ନ ଥାଆନ୍ତ
### ସଂସଦରେ ଏହି ପ୍ରସଙ୍ଗ କାହିଁକି ଉଠାଉ ନାହଁ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତୀୟ ସେନା ଉପରେ ବିବାଦୀୟ ଟିପ୍ପଣୀକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ଏହାକୁ ନେଇ ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ରାହୁଲଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଭାରତର ୨ ହଜାର ବର୍ଗ କିମି ଜମି ଚୀନ୍ ହଡ଼ପ କରି ନେଇଛି ବୋଲି କେମିତି ଜାଣିଲେ? ସେଠାରେ ରାହୁଲ ନିଜେ ଉପସ୍ଥିତ ଥିଲେ କି? ଏ ସମ୍ବନ୍ଧରେ କିଛି ସ୍ପଷ୍ଟ ପ୍ରମାଣ ରଖିଛନ୍ତି କି? ସୀମାରେ ସଂଘର୍ଷ ଚାଲିଥିବାବେଳେ ଆପଣ ଏ ସବୁ କେମିତି କହି ପାରିଲେ? ଯଦି ରାହୁଲ ପ୍ରକୃତ ଭାରତୀୟ ହୋଇଥାନ୍ତେ, ତେବେ ଏପରି କହି ନ ଥାଆନ୍ତେ। ସଂସଦରେ ଆପଣ କାହିଁକି ପ୍ରଶ୍ନ ପଚାରି ପାରୁ ନାହାନ୍ତି? ଆପଣ ଲୋକସଭା ବିରୋଧୀ ନେତା। ତେଣୁ ସାମାଜିକ ଗଣମାଧ୍ୟମରେ ନ କହି ସଂସଦରେ କହିବା ପାଇଁ ସୁପ୍ରିମକୋର୍ଟ ରାହୁଲଙ୍କ ପରାମର୍ଶ ଦେଇଛନ୍ତି। ଯଦି ଏପରି ନ କରିବେ ତେବେ ରାହୁଲଙ୍କ ବିରୋଧରେ ନୋଟିସ ଜାରି କରାଯିବ ବୋଲି କହିଛନ୍ତି। ଏଥିସହିତ ସେନା ଉପରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ଲକ୍ଷ୍ନୌ କୋର୍ଟରେ ରାହୁଲଙ୍କ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇ ଦେଇଛନ୍ତି। କୋର୍ଟ ଏହି ମାମଲାରେ ଆବେଦନକାରୀ ତଥା ବିଆରଓର ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

୨୦୨୨ ଡିସେମ୍ବର ୧୬ରେ 'ଭାରତ ଯୋଡ଼ୋ ଯାତ୍ରା' ସମୟରେ ରାହୁଲ ଏହି ବିବାଦୀୟ ବୟାନ ଦେଇଥିଲେ। ଅରୁଣାଚଳ ପ୍ରଦେଶରେ ଭାରତୀୟ ଯବାନଙ୍କୁ ଚୀନ୍ ସେନା ମାଡ଼ ମାରୁଛି ବୋଲି କହିଥିଲେ। ସେହି ବର୍ଷ ଅରୁଣାଚଳର ତୱାଙ୍ଗ କ୍ଷେତ୍ରରେ ଭାରତ-ଚୀନ୍ ସେନା ମୁହାଁମୁହିଁ ହେବାକୁ ନେଇ ରାହୁଲ ଏହି ଟିପ୍ପଣୀ ଦେଇଥିଲେ। ଚୀନ୍ ଭାରତର ଜମି ନେଇଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସରକାର ଆତ୍ମସମର୍ପଣ କରିଦେଇଛନ୍ତି ବୋଲି ରାହୁଲ କହିଥିଲେ। ଏହାକୁ ନେଇ ଶ୍ରୀବାସ୍ତବ ତାଙ୍କ ବିରୋଧରେ ଲକ୍ଷ୍ନୌ ଏମପିଏମଏଲଏ କୋର୍ଟରେ ମାନହାନୀ ମାମଲା ରୁଜୁ କରିଥିଲେ। ରାହୁଲ କେବଳ ସେନା ନୁହେଁ, ବରଂ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଅପମାନିତ କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଗତ ୨୯ ତାରିଖରେ ଆହ୍ଲାବାଦ ହାଇକୋର୍ଟ ରାହୁଲଙ୍କ ଆବେଦନକୁ ଖାରଜ କରି ସମନ ପଠାଇ ଥିଲେ। ମାତ୍ର ରାହୁଲ ଏହି ସମନ ଏବଂ ଅଭିଯୋଗ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ।

# ଶରଣାର୍ଥୀଙ୍କ ଡଙ୍ଗା ବୁଡ଼ି ୭୬ ମୃତ



ସାନ୍ନା, ୪।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ୍ ଉପକୂଳରେ ୧୫୪ଜଣ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବଡ଼ ନୌକା ରବିବାର ଦୁର୍ଘଟଣାଗ୍ରସ୍ତ ହୋଇ ବୁଡିଯାଇଛି। ସକାଳ ୟେମେନର ଅବୟାନ ପ୍ରାନ୍ତ ନିକଟସ୍ଥ ଅଦଳ ସାଗରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଅତିକମ୍‌ରେ ୭୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ୩୨ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏହି ଜାହାଜରେ ଇଥିଓପିଆର ନାଗରିକମାନେ ଯାତ୍ରା କରୁଥିଲେ। ଉନ୍ନତ ଜୀବନଯାପନ ପାଇଁ ଏମାନେ ମଧ୍ୟପ୍ରାଚ୍ୟ ଦେଶଆଡକୁ ଯାତ୍ରା କରୁଥିଲେ। ୫୪ ଜଣଙ୍କ ମୃତଦେହ ଖାନକର ଜିଲ୍ଲାର ସମୁଦ୍ର କୂଳରେ ମିଳିଛି ବୋଲି କୁହାଯାଇଛି।

**ସୁପ୍ରିମକୋର୍ଟରେ ବାଙ୍କେବିହାରୀ ମନ୍ଦିର ମାମଲା**

# ଅଧ୍ୟାଦେଶ ପାଇଁ ଏତେ ତରବର କାହିଁକି ?



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଉତ୍ତର ପ୍ରଦେଶ ସରକାର ଏବଂ ବୃନ୍ଦାବନର ଶ୍ରୀ ବାଙ୍କେ ବିହାରୀ ମନ୍ଦିର ପରିଚାଳନା କମିଟି ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏକ କରିଡରର ପୁନର୍ବିକାଶ ପାଇଁ ସରକାର ମନ୍ଦିର ପାଣ୍ଠିରୁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବା ନିମନ୍ତେ ଅଧ୍ୟାଦେଶ ଆଣିଛନ୍ତି। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଆଜି ଏହାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟସ୍ଥତା ମାଧ୍ୟମରେ ବିବାଦ ସମାଧାନକୁ ଜୋର୍ ଦେଇଛନ୍ତି। ଭଗବାନ କୃଷ୍ଣ ପ୍ରଥମ ମଧ୍ୟସ୍ଥି ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ତେଣୁ ମଧ୍ୟସ୍ଥତା ମାମଲାରେ ବିବାଦର ସମାଧାନ ଲାଗି ଏକ କମିଟି ଗଠନ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟୋମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ତେବେ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ତରବରିଆ ଭାବେ କାହିଁକି ଅଧ୍ୟାଦେଶ ପାରିତ କରାଗଲା ବୋଲି ପଚାରିଛନ୍ତି। ଆହ୍ଲାବାଦ ହାଇକୋର୍ଟରେ ଅଧ୍ୟାଦେଶର ବୈଧତା ଯାଞ୍ଚ କରିବାର ଆବଶ୍ୟକତା ଥିଲା ବୋଲି କହିଛନ୍ତି।

ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାକୁ ନେଇ ମନ୍ଦିର କମିଟିକୁ ମଧ୍ୟ କଡ଼ା ପ୍ରଶ୍ନ ପଚାରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ମନ୍ଦିର ବ୍ୟକ୍ତିଗତ ହୋଇପାରେ, ମାତ୍ର ଦେବତା ସମସ୍ତଙ୍କର। ମନ୍ଦିରକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ଏବଂ ସୁରକ୍ଷା ସମ୍ବନ୍ଧିତ ବିକାଶରେ ମନ୍ଦିରର ପାଣ୍ଠି କାହିଁକି ଖର୍ଚ୍ଚ କରାଯାଇପାରିବ ନାହିଁ? ସବୁ ପାଣ୍ଠି ଆପଣଙ୍କ ପକେଟକୁ ଯାଉ ବୋଲି ଚାହୁଁଛନ୍ତି କି? ରାଜ୍ୟ ସରକାରଙ୍କ ଆଇନକୁ ଆବେଦନକାରୀ (ମନ୍ଦିର କମିଟି )ହାଇକୋର୍ଟରେ ବିରୋଧ କରିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି। ମନ୍ଦିର କମିଟି ସୁପ୍ରିମକୋର୍ଟ ମେ' ୧୫ରେ ଦେଇଥିବା ନିର୍ଦ୍ଦେଶକୁ ବିରୋଧ କରିଥିଲା। ଏଥିରେ କମିଟିର ପକ୍ଷ ନ ଶୁଣି କରିଡର ପାଇଁ ପାଣ୍ଠି ବ୍ୟବହାର କରିବାକୁ ରାଜ୍ୟ ସରକାରଙ୍କୁ ଅନୁମତି ଦିଆଯାଇଥିଲା।

**୨୦୧୩ କେଦାରନାଥ ଜଳ ପ୍ରଳୟ ମାମଲା**

# ପୁଣି ଆରମ୍ଭ ହେବ ୩୦୭୫ ନିଖୋଜଙ୍କ ସନ୍ଧାନ

ରୁଦ୍ରପ୍ରୟାଗ, ୪।୮ (ଏଜେନ୍ସି): ପ୍ରସିଦ୍ଧ ଶୈବପୀଠ କେଦାରନାଥରେ ୨୦୧୩ରେ ଜଳ ପ୍ରଳୟ ଆସିଥିଲା। ଏହା ସବୁ କିଛି ଛାରଖାର କରି ଦେଇଥିଲା। ସାରା ଦିନ ଜନଗହଳି ଲାଗୁଥିବା ଶୈବପୀଠକୁ ମୃତଦେହମୟ କରି ଦେଇଥିଲା। ଏହି ବିପର୍ଯ୍ୟୟରେ ୩୦୭୫ ଜଣ ନିଖୋଜ ହୋଇ ଯାଇଥିଲେ। ଏ ପର୍ଯ୍ୟନ୍ତ ଏମାନଙ୍କର ସନ୍ଧାନ ମିଳି ନାହିଁ। ତେଣୁ ପୁଣି ଥରେ ଏହି ସନ୍ଧାନ ଆରମ୍ଭ ହୋଇପାରେ। ଏ ନେଇ ଉତ୍ତରାଖଣ୍ଡ ହାଇକୋର୍ଟରେ ଏକ ମାମଲା ଦାଏର କରାଯାଇଛି। ଆବେଦନରେ ନିଖୋଜ ଲୋକଙ୍କ କଙ୍କାଳର ସନ୍ଧାନ କରି ସମ୍ମାନପୂର୍ବକ ଅନ୍ତିମ ସଂସ୍କାର କରିବାକୁ ନିବେଦନ କରାଯାଇଛି। ସରକାର ଏ ପର୍ଯ୍ୟନ୍ତ ଚାରି ଥର କେଦାରନାଥକୁ ଉଦ୍ଧାରକାରୀ ଦଳ ପଠାଇଲେଣି।

୨୦୨୦ରେ ସନ୍ଧାନକାରୀ ଦଳ ଚଟି ଏବଂ ଗୋମୁଖ କ୍ଷେତ୍ରରୁ ୭୦୩ ନରକଙ୍କାଳ ଉଦ୍ଧାର କରିଥିଲା। ଏ ପର୍ଯ୍ୟନ୍ତ ଏହି କଙ୍କାଳ ଗୁଡିକର ପରିଚୟ ମିଳିପାରି ନାହିଁ। କାରଣ ଯେଉଁ ୬ ହଜାର ଲୋକ ନିଜ ଡିଏନଏ ନମୁନା ଦେଇଥିଲେ ତାହା ସହ କଙ୍କାଳର ଡିଏନଏ ମେଳ ଖାଇନାହିଁ। ସେହିପରି ୨୦୨୦ରେ ୨୧ ଏବଂ ୨୦୧୬ରେ ୯ଟି କଙ୍କାଳ ମିଳିଥିଲା। ୨୦୨୪ ନଭେମ୍ବରରେ ୧୦ଟି ଟିମ୍ ପାଦଚଲା ମାର୍ଗରେ ସନ୍ଧାନ ଆରମ୍ଭ କରିଥିଲା। ମାତ୍ର ଏ ପର୍ଯ୍ୟନ୍ତ ସଫଳତା ମିଳିପାରି ନାହିଁ। ଚଳିତ ବର୍ଷ ମଧ୍ୟ ପୁଣିଥରେ ଏହି ତଲାସୀ ଅଭିଯାନ ଆରମ୍ଭ କରିବାକୁ ପ୍ରସ୍ତୁତି ହେଉଛି।

# ସାଧୁବେଶରେ ୩୦ ବର୍ଷ ପଶ୍ଚିମବଙ୍ଗରେ ରହୁଥିଲା ବାଂଲାଦେଶୀ ଅପରାଧୀ

ନଦିଆ, ୪।୮ (ଏଜେନ୍ସି): ବାଂଲାଦେଶରୁ ଆସି ଜଣେ ଅପରାଧୀ ୩୦ ବର୍ଷ ପଶ୍ଚିମବଙ୍ଗରେ ସାଧୁବେଶରେ ରହିବା ପରେ ଶେଷରେ ଧରା ପଡ଼ିଛନ୍ତି। ନଦିଆ ଜିଲ୍ଲାରୁ ତାଙ୍କୁ ପୁଲିସ ଗିରଫ କରିଛି। ଏହି ବ୍ୟକ୍ତି ହେଉଛନ୍ତି ୬୦ ବର୍ଷୀୟ ମହମ୍ମଦ ହାଶେମ ମଲିକ। ସେ ମଧ୍ୟ ହାଶେମ ଅଲି ମଲ୍ଲିକ ଭାବେ ଜଣାଥିଲେ। ବାଂଲାଦେଶରେ ଏକାଧିକ ବଡ଼ ବଡ଼ ଅପରାଧିକ ମାମଲାରେ ପୁଲିସ ତାଙ୍କୁ ଖୋଜୁଥିଲା। ଏକ ଗୁପ୍ତ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସଟିଏଫ୍) ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହ ମିସି ରାତିରେ ତେହଟ୍ଟା ଅଞ୍ଚଳରେ ଚଢାଉ କରି ତାକୁ ଗିରଫ କରିଛି। ସେ ନିକଲି ଭାରତୀୟ ପରିଚୟ ପତ୍ର ବନାଇ ତେହଟ୍ଟାର ବାଲିଉରା ପୁର୍ବା ପାରାରେ ରହିଆସୁଥିଲା। ସେ ନିଜକୁ ଜଣେ ଭାରତୀୟ ନାଗରିକ ଭାବେ ପ୍ରମାଣିତ କରିବାକୁ ବୈଧ ପ୍ରମାଣପତ୍ର ଦେବାରେ ବିଫଳ ହୋଇଥିଲା। ସେ ଏବେ ପୁଲିସ ହେପାଜତରେ ରହିଛି ଓ ଏ ନେଇ ତଦନ୍ତ ଚାଲୁ ରହିଛି।

# ଜନସ୍ୱାର୍ଥ ପାଇଁ ବୈଜ୍ଞାନିକଙ୍କ ଦଣ୍ଡ ଉପରେ ରୋକ୍

ଡେରାଡୁନ, ୪।୮ (ଏଜେନ୍ସି): ପତ୍ନୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲାରେ ଭ୍ୟାକ୍ସିନ ବୈଜ୍ଞାନିକ ଡ. ଆକାଶ ଯାଦବଙ୍କ ଦଣ୍ଡ ଏବଂ ଦୋଷ ଉପରେ ଉତ୍ତରାଖଣ୍ଡ ହାଇକୋର୍ଟ ସୋମବାର ରୋକ୍ ଲଗାଇ ଦେଇଛନ୍ତି। ଜନସ୍ୱାର୍ଥ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଡ. ଯାଦବ ଟିକା ବିକାଶ ସମ୍ବନ୍ଧିତ କାର୍ଯ୍ୟ କରୁଛନ୍ତି। ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଦେଶହିତ ପାଇଁ ଅତ୍ୟନ୍ତ ଜରୁରୀ। ଏଥିପାଇଁ ସେ ବାହାରେ ରହୁଛନ୍ତି। ତେଣୁ ଆକାଶ ନିଜ କର୍ତ୍ତବ୍ୟ ପାଳନ କରିପାରୁ ନାହାନ୍ତି ବୋଲି ଜଷ୍ଟିସ ରବୀନ୍ଦ୍ର ମୈଥାନି କହିଛନ୍ତି। ଯାଦବଙ୍କ ପତ୍ନୀ ୨୦୧୫ରେ ଆତ୍ମହତ୍ୟା କରିଥିଲେ। ସେ ସୁଇସାଇଡ ନୋଟ୍‌ରେ ପତିଙ୍କୁ ଦାୟୀ କରିଥିଲେ। ପ୍ରଥମେ ଯୌତୁକ ଉତ୍ପୀଡ଼ନ ଏବଂ ପରେ ଆତ୍ମହତ୍ୟା ମାମଲା ପାଇଁ ତାଙ୍କୁ ଅଭିଯୁକ୍ତ କରାଯାଇଥିଲା। ତେବେ ଗତ ଜାନୁଆରୀରେ ଟ୍ରାଏଲ କୋର୍ଟ ତାଙ୍କୁ ଅଭିଯୋଗରୁ ମୁକ୍ତ କରିଥିଲେ। ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲାରେ ୫ ବର୍ଷ ଜେଲ୍‌ଦଣ୍ଡ ଦେଇଥିଲେ।

## ● ପୋଖରୀରେ ୪ଦିନର ଲୁଚକାଳି
# ଧରାପଡ଼ିଲା ୫ ଫୁଟିଆ କୁମ୍ଭୀର

କାଲିମେଲା/ଏମଭି୭୯, ୪।୮(ସମିସ): ୪ଦିନ ଧରି ଲୁଚକାଳି ପରେ ଶେଷରେ ପୋଖରୀରୁ ଧରା ହେଲା ୫ ଫୁଟିଆ କୁମ୍ଭୀର। ଘଡ଼ିଆଳ ପ୍ରଜାତିର ଏହି



କୁମ୍ଭୀରଟିକୁ ଗ୍ରାମବାସୀଙ୍କ ସହାୟତାରେ ଏକ ଜାଲ ଦ୍ୱାରା ଧରାଯାଇଛି। ଗତ ଶୁକ୍ରବାରଠାରୁ କୁମ୍ଭୀରଟି ଏମ୍‌ପିଭି ୮୩ ଗ୍ରାମ ପୋଖରୀରେ ଭାସୁଥିବା ଦେଖିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବନବିଭାଗ ଓ ଅଗ୍ନିଶମବାହିନୀ ଜାଲ ଓ ପାୱାର ବୋଟ୍ ଦ୍ୱାରା କୁମ୍ଭୀରକୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସବୁଥର କୁମ୍ଭୀରଟି ଚକ୍‌ମା ଦେଇ ଖସିଯିବାରେ ସଫଳ ହୋଇଥିଲା। ତେବେ ୪ଦିନର ପ୍ରୟାସ ପରେ ଆଜି କୁମ୍ଭୀରଟି ଧରାପଡ଼ିବା ପରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି। କୁମ୍ଭୀରଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଛାଡ଼ି ଦିଆଯିବ ବୋଲି ମୋଟୁ ବନପାଳ ରଶ୍ମିରଂଜନ ସ୍ୱାଇଁ ସୂଚନା ଦେଇଛନ୍ତି।

## ■ ଝିରପାଣି ମେଳାରେ ଅଗ୍ନିକାଣ୍ଡ
# ଜଳିଗଲା ୨୦ରୁ ଊର୍ଦ୍ଧ୍ୱ ଦୋକାନ



ରାଉରକେଲା, ୪।୮ (ସମିସ): ଝିରପାଣି ଫୁଟବଲ୍ ପଡ଼ିଆଠାରେ ଲାଗିଥିବା ମେଳାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଛି। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ରବିବାର ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଅଭିଯୋଗ ହୋଇଛି। ନିଆଁ ଲାଗିଥିବା ବେଳେ ଦୁଇଟି ଗ୍ୟାସ ସିଲିଣ୍ଡର ଫାଟିଥିବା ସୂଚନା ମିଳିଛି। ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇପାରିନାହିଁ। ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

## ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବି
# ୭ରେ ପୁରୀରେ ବିଜେଡିର ହରତାଳ



ପୁରୀ,୪।୮(ସମିସ): ଜୀବନ ଯୁଦ୍ଧରେ ହାରିଗଲେ ବଳଙ୍ଗା ପୀଡ଼ିତା। ଦୀର୍ଘ ୧୫ ଦିନ ମୃତ୍ୟୁ ସହ ଲଢ଼େଇ କରି ଶେଷର ଆଖି ବୁଜିଦେଲେ। ହେଲେ ତାଙ୍କ ମୃତ୍ୟୁର କାରଣ ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିପାରିନାହିଁ। କେଉଁ ପରିସ୍ଥିତିରେ ତାଙ୍କ ଦେହରେ ନିଆଁ ଲାଗିଲା,

### ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଯାଏ ପୁରୀ ବନ୍ଦ ଡକରା

ତାହା ଜଣାପଡ଼ିନାହିଁ। ତେଣୁ ପୀଡ଼ିତାଙ୍କୁ ନ୍ୟାୟ ଦେବା ଦାବିରେ ଆସନ୍ତା ୭ତାରିଖରେ ପୁରୀ ଜିଲ୍ଲାରେ ବିଜେଡି ହରତାଳ କରିବ। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଅର୍ଥାତ୍ ୬ଘଣ୍ଟା ପର୍ଯ୍ୟନ୍ତ ପୁରୀ ବନ୍ଦ ରହିବ ବୋଲି ସୋମବାର ହୋଟେଲ ହଲିଡେ' ରିସର୍ଟ ପରିସରରେ ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ଅଧ୍ୟକ୍ଷତା କରି କହିଥିଲେ ଯେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ଅନେକ ସନ୍ଦେହ ଛିଡ଼ା ହୋଇଛି। ଥାନାରେ ଅଭିଯୋଗ ଏବଂ ପୀଡ଼ିତାଙ୍କ ପରିବାର ପ୍ରଥମେ ଗଣମାଧ୍ୟମରେ ବୟାନ ରଖିଥିଲେ ଯେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ଉଠାଇ ନେଇ ନିଆଁ ଲଗାଇ ଦେଇଛନ୍ତି। ସେହିପରି ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଗଣମାଧ୍ୟମରେ କୁହାଗଲା, ପୀଡ଼ିତାଙ୍କର ଚିକିତ୍ସାରେ ସୁଧାର ଆସୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କୁ ଦେଖିବା ପାଇଁ ସମୟ ପାଇ ନ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସ ଯାଇ ତାଙ୍କୁ ଭେଟିଥିଲେ। ସେଠାରେ କହିଥିଲେ, ପୀଡ଼ିତାଙ୍କ ଚିକିତ୍ସା ଠିକ୍ ଭାବେ ଚାଲିଛି। ସେ ସୁସ୍ଥ ହେଉଛନ୍ତି। ଖୁବ୍‌ଶୀଘ୍ର ସେ ଭଲ ହୋଇଯିବେ। କିନ୍ତୁ ହଠାତ୍ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଗଲା, ଯାହାକି ସବୁଠୁ ବଡ଼ ରହସ୍ୟମୟ ହୋଇରହିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୀଡ଼ିତାଙ୍କ ବାପାଙ୍କ ଉପରେ କ'ଣ ଚାପ ପଡ଼ିଲା ଯେ ସେ ତାଙ୍କର ମତ ପରିବର୍ତ୍ତନ କଲେ। ଯଦି ଝିଅ ଆତ୍ମହତ୍ୟା କରିବାର ଥିଲା, ସେ ତାଙ୍କ ଘରେ କରିପାରିଥା'ନ୍ତେ। ତାହା ନ କରି ଅଧକିଲୋମିଟର ଦୂରକୁ ଯାଇ ଆତ୍ମହତ୍ୟା କଲେ ବୋଲି ପ୍ରଶ୍ନ କରିଛନ୍ତି ଉମା। ସେହିପରି ପୁଲିସର ତଦନ୍ତ ଉପରେ ବି ବିଜେଡି ପ୍ରଶ୍ନ ଉଠାଇଛି। ଜିଲ୍ଲା ବିଜେଡି ସଭାପତି କହିଛନ୍ତି, ପୁଲିସ ସବୁବେଳେ କହିଲା ଆମେ ତଦନ୍ତ କରୁଛୁ, ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରିବୁ। ହେଲେ କୁଆଡ଼େ ଗଲେ ଦୋଷୀ ବୋଲି ସେ ପ୍ରଶ୍ନ କରିଛନ୍ତି। ସାମୂହିକ ଭାବେ ଦେଖିଲେ, ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଏକ ରହସ୍ୟଘେରରେ ରହିଛି। ଘଟଣାର ସତ୍ୟାସତ୍ୟ ଯଥାଶୀଘ୍ର ସରକାର ଉନ୍ମୋଚନ କରନ୍ତୁ। ରାଜ୍ୟ ସରକାର ଜାଣିଶୁଣି ଦୋଷୀଙ୍କୁ ଚିହ୍ନଟ କରୁ ନଥିବା ନେଇ ଅଭିଯୋଗ କରିଛି ବିଜେଡି। ପୁରୀ ହେଉଛି ଜଗନ୍ନାଥଙ୍କ ମାଟି। ଏଠି ସତ୍ୟର ଉନ୍ମୋଚନ ହେଉ ଏବଂ ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ମିଳୁ ବୋଲି ଦାବି କରିଛନ୍ତି ବିଜେଡି ଜିଲ୍ଲା ସଭାପତି ଶ୍ରୀ ସାମନ୍ତରାୟ।

ଏ ନେଇ ଆସନ୍ତା ୭ ତାରିଖରେ ବିଜେଡି ପକ୍ଷରୁ ପୁରୀ ଜିଲ୍ଲାରେ ୬ ଘଣ୍ଟିଆ ହରତାଳ କରାଯିବ। ଅତ୍ୟାବଶ୍ୟକ ସେବାରୁ ଏହି ହରତାଳରୁ ବାଦ୍ ଦିଆଯାଇ ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ, ଗାଡ଼ି ମୋଟର ଚଳାଚଳ ବନ୍ଦ ରହିବ ବୋଲି ଶ୍ରୀ ସାମନ୍ତରାୟ ଘୋଷଣା କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ବିଧାୟକ ସୁନୀଲ ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ନିମାପଡ଼ାର ଯୁବନେତା ସୁବ୍ରତ ଛାଟୋଇ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ବଳଙ୍ଗା ପୀଡ଼ିତାଙ୍କ ଶେଷକୃତ୍ୟ ସମ୍ପନ୍ନ



ବଳଙ୍ଗା, ୪।୮(ସମିସ): ଦୁର୍ବୃତ୍ତଙ୍କ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇଥିବା ବଳଙ୍ଗା ପୀଡ଼ିତା ନୂଆ ଗୋପାଳପୁର ଗ୍ରାମର ସମିଦା ଖାତୁନଙ୍କ ଆଜି ପୂର୍ବାହ୍ନରେ ଶେଷକୃତ୍ୟ ସଂପନ୍ନ ହୋଇଛି। ବାୟାବରର ନୂଆ ଗୋପାଳପୁର ଗ୍ରାମର କବରସ୍ଥାନରେ ଇସ୍‌ଲାମ ଧର୍ମ ରୀତିନୀତି ଅନୁଯାୟୀ ତାଙ୍କ ମୃତଦେହକୁ କବର ଦିଆଯାଇଛି। ଏଥିପାଇଁ ଗାଁରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ଦୁଇ ସପ୍ତାହର ସଂଘର୍ଷ ପରେ ଦିଲ୍ଲୀ ଏମ୍‌ସରେ ସମିଦା ଜୀବନ ଯୁଦ୍ଧରେ ହାରିଯାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ରବିବାର ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗତକାଲି ବିମାନରେ ତାଙ୍କ ଶବ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିଏମ୍‌ସି ମହାପ୍ରୟାଣ ଗାଡ଼ିରେ କଡ଼ା ସୁରକ୍ଷାବଳୟରେ ତାଙ୍କ ଗାଁ ନୂଆ ଗୋପାଳପୁରକୁ ନିଆଯାଇଥିଲା। ଆଜି ସକାଳେ ଧାର୍ମିକ ରୀତିନୀତି ଅନୁଯାୟୀ ପରିବାର ଓ ସଂପର୍କୀୟଙ୍କ ଉପସ୍ଥିତିରେ ତାଙ୍କୁ କବର ଦିଆଯାଇଥିଲା।

## ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା
# ସରକାର ଓ ପ୍ରଶାସନ ବାରମ୍ବାର ଅବହେଳା କରିଛି: ଏବିଭିପି

ଭୁବନେଶ୍ୱର, ୪।୮ (ସମିସ): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଦୁଇଜଣ କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ଏହି ଗିରଫଦାରୀକୁ ରାଜନୈତିକ ଷଡ଼ଯନ୍ତ୍ର କହିବା ସହ ଓଡ଼ିଶା ପୁଲିସ୍ ଉପରେ ବର୍ଷିଛି ଏବିଭିପି। ପୁଲିସ୍ କାର୍ଯ୍ୟାନୁଷ୍ଠାନକୁ ପକ୍ଷପାତିତା ଦର୍ଶାଇ ରାଜନୈତିକ ମାଲିକଙ୍କୁ ବଞ୍ଚାଇବାକୁ ଏହା ଏକ ବିଫଳ ପ୍ରୟାସ ବୋଲି କହିଛି।

ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ସରକାର ଓ ପ୍ରଶାସନ ଦ୍ୱାରା ଛାତ୍ରୀଙ୍କ ଅଭିଯୋଗକୁ ବାରମ୍ବାର ଅବହେଳା କରାଯାଇଥିଲା। ଫଳରେ ବ୍ୟାପକ ମାନସିକ ନିର୍ଯାତନା ଯୋଗୁଁ ସେ ଆତ୍ମହତ୍ୟା କରିଛନ୍ତି। ଏହାସହ ଦୀର୍ଘକାଳୀନ ମାନସିକ ଆଘାତ, ସଂସ୍ଥାଗତ ଓ ପ୍ରଶାସନିକ ଚାପ ତାଙ୍କୁ ବହୁ ପରିମାଣରେ ଅସହାୟ ଓ ଅସୁରକ୍ଷିତ ଅନୁଭବ କରାଇଥିଲା। ନ୍ୟାୟ ପାଇଁ ବାରମ୍ବାର ଅଭିଯୋଗ ଓ ପ୍ରୟାସ ସତ୍ତ୍ୱେ ତାଙ୍କୁ କେହି ନଶୁଣିବା ମାନସିକସ୍ତରରେ ତାଙ୍କୁ ଦୁର୍ବଳ କରିଥିଲା। ଏହା ଆତ୍ମହତ୍ୟାର ମୂଳ କାରଣ। ହେଲେ, ଏସବୁ ବିଷୟକୁ ଅଣଦେଖା କରାଯାଇଥିବା ଅଭିଯୋଗ କରିବା ସହ ପୁଲିସ୍‌ର ମନୋଭାବ ନେଇ ପ୍ରଶ୍ନ ଉଠାଇଛି ଏବିଭିପି। ଚରିତ୍ର ସଂହାର କରିଥିବା ଛାତ୍ର ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ

- ● ରାଜନୈତିକ ଷଡ଼ଯନ୍ତ୍ର କହି ଓଡ଼ିଶା ପୁଲିସ୍ ଉପରେ ବର୍ଷିଲା
- ● ଗିରଫଦାରୀକୁ ଦର୍ଶାଇଲା ପୁଲିସ୍‌ର ବିଫଳତା
- ● ଚରିତ୍ର ସଂହାର କରିଥିବା ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନେଉ ନଥିବା ବେଳେ ଛାତ୍ରୀଙ୍କୁ ରକ୍ଷା କରିବାକୁ ପ୍ରୟାସ କରି ପୋଡ଼ି ହୋଇଥିବା ସହପାଠୀଙ୍କୁ ଗିରଫ କରିବା ପୁଲିସର ବିଫଳତା ବୋଲି କୁହାଯାଇଛି।

ପ୍ରତିକ୍ରିୟାରେ ଏବିଭିପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ବୀରେନ୍ଦ୍ର ସିଂ ସୋଲାଙ୍କି କହିଛନ୍ତି ଯେ ଘଟଣାର ନିରପେକ୍ଷ ଓ ବ୍ୟାପକ ତଦନ୍ତ କରାଯାଉ। ତଦନ୍ତର ପରିସୀମା ଘଟଣା ପର୍ଯ୍ୟନ୍ତ ସୀମିତ ନରହି ଆତ୍ମହତ୍ୟା ପାଇଁ ବାଧ କରିଥିବା ମାନସିକ ଓ ପ୍ରଶାସନିକ କାରଣ ସମ୍ପର୍କରେ ତଦନ୍ତ ହେଉ। ଚରିତ୍ର ସଂହାର ଓ ମାନସିକ ନିର୍ଯାତନା ଦେଇଥିବା ଦୋଷୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅନୁରୂପ ଭାବେ, ଓଡ଼ିଶା ପୂର୍ବପ୍ରାନ୍ତ ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ରାଜ୍ୟ ପୁଲିସ୍ ଏବିଭିପି କାର୍ଯ୍ୟକର୍ତ୍ତାଙ୍କୁ ହଇରାଣ କଲେ ବା ନିର୍ଦ୍ଦୋଷଙ୍କୁ ଫସାଇବାକୁ ପ୍ରୟାସ କଲେ, ଦୃଢ଼ ବିରୋଧ କରାଯିବ। ପୁଲିସ ଦଳୀୟ ମନୋଭାବ ଜାରି ରଖିଲେ ସହ୍ୟ କରାଯିବ ନାହିଁ। ରକ୍ଷା କରିଥିବା ସହପାଠୀଙ୍କୁ ଗିରଫଦାରୀ ଦୁର୍ଭାଗ୍ୟଜନକ। ସହପାଠୀଙ୍କୁ ଅପରାଧୀ କହିଲେ ଭବିଷ୍ୟତରେ ପୀଡ଼ିତାଙ୍କୁ କେହି ସାହାଯ୍ୟ କରିବାକୁ ଆସିବେ ନାହିଁ ବୋଲି ସେ ଚେତାଇଛନ୍ତି।

## ବଳଙ୍ଗା ଓ ବାଲେଶ୍ୱର ପୀଡ଼ିତାଙ୍କ ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ
# ୧୨ ଓ ୧୪ରେ ରାଜ୍ୟବ୍ୟାପୀ ନାରୀ ନ୍ୟାୟ ଯାତ୍ରା

ଭୁବନେଶ୍ୱର,୪।୮(ସମିସ): ବାଲେଶ୍ୱର ଓ ବଳଙ୍ଗା ଅପମୃତ୍ୟୁ ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଇବ ରାଜ୍ୟ କଂଗ୍ରେସ। ନାରୀ ନ୍ୟାୟ ପାଇଁ ଆସନ୍ତା ୧୪ ତାରିଖରେ ବାଲେଶ୍ୱର ଏଫଏମ କଲେଜରୁ ଭୋଗରାଇ ଓ ୧୨ ତାରିଖରେ ବଳଙ୍ଗା ପୋଡ଼ି ଘଟଣାସ୍ଥଳରୁ ନିମାପଡ଼ା ପର୍ଯ୍ୟନ୍ତ ଦଳ ଏକ ପଦଯାତ୍ରା କରିବ। ଏହି ପଦଯାତ୍ରା ପରେ ସେଠାରେ ଏକ ସମାବେଶ ମଧ୍ୟ ଅନୁଷ୍ଠିତ ହେବ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ଆମେ ବଳଙ୍ଗା ପୀଡ଼ିତାଙ୍କ ନ୍ୟାୟ ପାଇଁ ୭ ଦିନ ସମୟ ଦେଇଛୁ। ଯଦି ନ୍ୟାୟ ନ ମିଳେ, ତେବେ କଟକ

### ଡିଜି ଅଫିସ ସହ ସବୁ ଥାନା ଘେରିବ ଦଳ

ସ୍ଥିତ ଡିଜିପି ଅଫିସ କଂଗ୍ରେସ ପକ୍ଷରୁ ଘେରାଉ କରାଯିବ। ପୁଣି ସାରା ରାଜ୍ୟରେ ଥାନା ଘେରାଉ କାର୍ଯ୍ୟକ୍ରମ ହେବ ବୋଲି ସେ କହିଛନ୍ତି। ଏହା ପୁଲିସ ସହ ଲଢ଼େଇ ନୁହେଁ, ରାଜନୈତିକ ଅଭିସନ୍ଧି ରଖି ଅପରାଧୀଙ୍କୁ ସରକାର ସୁରକ୍ଷା ଦେଉଛି। ପୁଲିସକୁ ବିବେକ ଅନୁଯାୟୀ କ୍ରିୟାଶୀଳ ହେବାପାଇଁ କଂଗ୍ରେସ ଦଳ ଆହ୍ୱାନ ଦେଉଛି ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବଳଙ୍ଗା ପୀଡିତା ସ୍ୱାସ୍ଥ୍ୟବସ୍ଥା



ଦିଲ୍ଲୀ ଯିବା ପୂର୍ବରୁ ଠିକ ଥିଲା; କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଉନ୍ନତି ବଦଳରେ ମୃତ୍ୟୁ ହେଲା। ସମୁଦାୟ ଚାରିଥର ବୟାନ ନିଆଯାଇଥିଲା। ଏଥିରୁ ଜଣାପଡୁଛି ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିଲା। ତେବେ କ'ଣ ହେଲା ଯେ ତାଙ୍କର ହଠାତ ମୃତ୍ୟୁ ହୋଇଗଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଏହାସହିତ ବୟାନର ରେକର୍ଡିଂ ସାର୍ବଜନୀନ କଲେ ଅସଲ ରହସ୍ୟ ଜଣାପଡ଼ିବ। ଅନ୍ୟପଟେ ବାଇକରେ ଚାରିଜଣ ବସିକି ଯିବା ସମ୍ଭବ ନୁହେଁ, ତେଣୁ ତିନିଜଣ ଦୁର୍ବୃତ୍ତ ପୀଡ଼ିତାଙ୍କୁ ବାଇକରେ ବସେଇ ନେଇ ନାହାନ୍ତି ବୋଲି ପୁଲିସ ଯୁକ୍ତି କରୁଛି। ଆଜି ମଧ୍ୟ ଗ୍ରାମ ମାନଙ୍କରେ ଚାରି ପାଞ୍ଚ ଜଣ ବସନ୍ତି। ତେଣୁ ପୁଲିସର ତର୍କର କୌଣସି ଆଧାର ନାହିଁ। କେବଳ ଭୁଆଁ ବୁଲାଇବା କଥା। ଏଫଏମ କଲେଜ ଓ ବଳଙ୍ଗା ଘଟଣାର ସାମଞ୍ଜସ୍ୟ ଅଛି। କଲେଜ ଆତ୍ମଦାହ ଘଟଣାରେ କିଏ ପେଟ୍ରୋଲ ଆଣିଥିଲା କିଏ ପ୍ରବର୍ତ୍ତାଇ ଥିଲା, ଆଜି ମଧ୍ୟ ସନ୍ଦେହ ଘେରରେ। ପୁଲିସ କାହିଁକି ବାଲେଶ୍ୱର ଘଟଣାରେ ଏଫଆଇଆର ଗ୍ରହଣ କଲାନାହିଁ ବୋଲି ଭକ୍ତ ନିଜର ପ୍ରଶ୍ନକୁ ପୁଣି ଦୋହରାଇଥିବା ବେଳେ ସେଠାକାର ଏମପି, ଏମଏଲଏ, ମନ୍ତ୍ରୀ, ଏସପି, ଆଇଆଇସି ଏବଂ କଲେଜ ପ୍ରିନ୍ସପାଲଙ୍କ ଫୋନ କଲି ରେକର୍ଡରୁ ସତ୍ୟ ପ୍ରଘଟ ହେବ ବୋଲି ଭକ୍ତ କହିଛନ୍ତି। ପ୍ରକୃତରେ କାହା ପାଇଁ ପୁଲିସ ଏଫ୍‌ଆଇଆର ଗ୍ରହଣ କଲା ନାହିଁ ଜଣା ପଡ଼ିଯିବ। ବାରମ୍ବାର ଏଫ୍‌ଇଆରକୁ ନେଇ କଂଗ୍ରେସ ପ୍ରଶ୍ନ ପଚାରିଛି। ଏହାର ଉତ୍ତର ସରକାରଙ୍କୁ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ସମାନ ଭାବେ ବଳଙ୍ଗା ପୀଡିତାର ବୟାନ ନେଇଥିଲେ ମଧ୍ୟ ପୁଲିସ ୧୫ ଦିନ ପର୍ଯ୍ୟନ୍ତ ଜଣେ ଅଭିଯୁକ୍ତକୁ ଗିରଫ କରି ପାରିଲା ନାହିଁ। ତେବେ ଅନୁସନ୍ଧାନକୁ ବୁଲାଇବା ପାଇଁ ବୟାନ ନେଲା ନା ଅଭିଯୁକ୍ତଙ୍କୁ ଧରିବା ପାଇଁ ବୋଲି ସଭାପତି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

# ଜେଲ୍ ଗଲେ କୋଟିପତି ଏମଭିଆଇ
## ଆୟଠାରୁ ୬୩୦ ପ୍ରତିଶତ ଅଧିକ ସଂପତ୍ତି



ବାରିପଦା, ୪।୮ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗତକାଲି ଧରାପଡ଼ିଥିବା କୋଟିପତି ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କୁ ଭିଜିଲାନ୍ସ ଆଜି କୋର୍ଟଚାଲାଣ କରିଛି। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗତକାଲି ଚଢ଼ଉ ବେଳେ ତାଙ୍କର ଠାବ ହୋଇଥିବା ସଂପତ୍ତି ତାଙ୍କ ଆୟଠାରୁ ୬୩୦ ପ୍ରତିଶତ ଅଧିକ ବୋଲି ବାଲେଶ୍ୱର ଡିଭିଜନ ଭିଜିଲାନ୍ସ ଏସ୍‌ପି ଅରୁଣ କୁମାର ନାୟକ ଆଜି ବାରିପଦାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅନ୍ୟପଟେ ତାଙ୍କୁ ଚାକିରିରୁ ମଧ୍ୟ ନିଲମ୍ବନ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ସୁପାରିସ୍ କରାଯାଇଛି।

ଏସ୍‌ପି ଶ୍ରୀ ନାୟକଙ୍କ ସୂଚନାନୁଯାୟୀ, ଏମ୍‌ଭିଆଇ ଶ୍ରୀ ହାଁସଦାଙ୍କ ପାଖରୁ ଠାବ ସଂପତ୍ତିର ପରିମାଣ ୬କୋଟି ୩୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ୧୯୯୧ ମସିହାରେ ଶ୍ରୀ ହାଁସଦା ଚାକିରି ଆରମ୍ଭ କରିଥିଲେ। ଚାକିରି କାଳ ମଧ୍ୟରେ ସେ ସମୁଦାୟ ୧କୋଟି ୧୦ଲକ୍ଷ ଟଙ୍କା ଦରମା ପାଇଛନ୍ତି। କିନ୍ତୁ ବାକି ସଂପତ୍ତିର ଉତ୍ସ ସଂପର୍କରେ ସେ ସଠିକ୍ ତଥ୍ୟ ଦେଇ ନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଜମି କିଣିବା ଶ୍ରୀ ହାଁସଦାଙ୍କ ନିଶା ଥିଲା। ନିଜର ସହାୟକଙ୍କ ନାମରେ ସେ ଉଚ୍ଚଦରରେ ଜମି କିଣିବା ପରେ ସ୍ୱଳ୍ପଦରରେ ତାକୁ ନିଜ ନାମରେ କରାଇ ନେଉଥିଲେ। ଏମିତି କରି ସେ ଭିଜିଲାନ୍ସ ନଜରରୁ ବର୍ତ୍ତିବାକୁ ଚେଷ୍ଟା କରୁଥିଲେ।

୨୦୦୯-୧୦ ମସିହାରେ ଶ୍ରୀ ହାଁସଦା ବାରିପଦା ଏମ୍‌ଭିଆଇ ଥିବା ବେଳେ ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ଏମଭିଆଇ ଥିଲେ। ତାଙ୍କ ନାମରେ ବାରମ୍ବାର ଦୁର୍ନୀତି ଜନିତ ଅଭିଯୋଗ ଆସୁଥିଲା। ଏଥିପାଇଁ ଭିଜିଲାନ୍ସ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ରବିବାର ଭିଜିଲାନ୍ସ ତାଙ୍କ ବାରିପଦାସ୍ଥିତ ବାସଭବନ ସମେତ ୬ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ତାଙ୍କର ବାରିପଦା ଓ ବାଲେଶ୍ୱରରୁ ମୋଟ ୪୪ଟି ପ୍ଲଟ୍ ଠାବ କରିଥିଲା। ସେହିପରି ୧ କେଜି ସୁନା, ୨ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର, ବ୍ୟାଙ୍କ୍, ପୋଷ୍ଟାଲ ଓ ବୀମା ଆକାଉଣ୍ଟରୁ ୧କୋଟି ୩୪ଲକ୍ଷ ୯ହଜାର ୧୯୩ ଟଙ୍କା, ଦୁଇ ତାଲା କୋଠା ଆଦି ଠାବ ହୋଇଥିଲା। ଏହାବ୍ୟତୀତ, ଝିଅର ଡାକ୍ତରୀ ପଢ଼ା ପାଇଁ ୪୦ ଲକ୍ଷ ଖର୍ଚ୍ଚ କରିଥିବା ବେଳେ ଗୋଟିଏ କାର୍, ୩ଟି ବାଇକ ଏବଂ ୧୬ଲକ୍ଷ ୬ ହଜାର ଟଙ୍କାର ଘର ଆସବାବପତ୍ର ଥିବା ଜଣାପଡ଼ିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ୍‌ରେ ନମ୍ବର ୭/୨୫ରେ ଏକ ମାମଲା ରୁଜୁ ହୋଇଛି। ପରେ ସ୍ୱତନ୍ତ୍ର ଜଜ୍ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ବାରିପଦା ମଣ୍ଡଳ କାରାଗାରର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଗକୁ ଭିଜିଲାନ୍ସ ତାଙ୍କୁ ରିମାଣ୍ଡରେ ଆଣିବା ନେଇ ସୂଚନା ମିଳିଛି।

## ● ଆଇନ ବିଭାଗର ବିଜ୍ଞପ୍ତି
# ପ୍ରତିଷ୍ଠା ହେବ ୧୧ଟି ଅତିରିକ୍ତ ଜିଲ୍ଲା ଜଜ କୋର୍ଟ

ଭୁବନେଶ୍ୱର,୪।୮(ସମିସ): ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ୧୧ଟି ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠା ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀ ଜିଲ୍ଲାର ପିପିଲି, ନୟାଗଡ଼ ଜିଲ୍ଲାର ରଣପୁର, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଭଦ୍ରକ ଜିଲ୍ଲାର ବାସୁଦେବପୁର, ଅନୁଗୋଳ ଜିଲ୍ଲାର ତାଳଚେର, ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, କଟକ ଜିଲ୍ଲାର ବାଙ୍କୀ ଓ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠା ହେବାକୁ ଯାଉଛି।

# ୪ ଜିଲ୍ଲା ପାଇଁ ବିଜେଡି ସଭାପତି ନିଯୁକ୍ତି

ଭୁବନେଶ୍ୱର, ୪।୮(ସମିସ): ବିଜେଡି ପକ୍ଷରୁ ୪ ଜିଲ୍ଲା ପାଇଁ ସଭାପତି ନିଯୁକ୍ତ କରାଯାଇଛି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲା ସଭାପତି ଭାବେ ବିକ୍ରମ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ କେନ୍ଦ୍ରାପଡ଼ା ପାଇଁ ଶିବ ପ୍ରସାଦ ଭୋଳ, କଳାହାଣ୍ଡି ପାଇଁ ପ୍ରଦୀପ କୁମାର ଦିଶାରୀ ଓ କଟକ ଜିଲ୍ଲା ପାଇଁ ପ୍ରଫୁଲ୍ଲ ସିଂଙ୍କୁ ନିଯୁକ୍ତି ମିଳିଛି।

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା
# ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଜେରା

 କଟକ, ୪।୮(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି। ଏହି ଘଟଣାରେ ବୋର୍ଡ ଉପସଭାପତି ନୀହାର ରଂଜନ ମହାନ୍ତିଙ୍କ ଗିରଫଦାରୀ ପରେ ଶ୍ରୀ ମହାନ୍ତିଙ୍କ ସହ ଗତ କିଛି ଦିନ ଧରି ବୋର୍ଡ କାର୍ଯ୍ୟାଳୟର ଆଉ କେଉଁମାନେ ଅଧିକ ସମ୍ପର୍କରେ ଥିଲେ, ତାହାର ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବୋର୍ଡ କାର୍ଯ୍ୟାଳୟର ଆଉ ଜଣେ ମହିଳା ଡାଟାଏଣ୍ଟ୍ରି ଅପରେଟରଙ୍କୁ ଜେରା କରାଯାଇଛି। ସମ୍ପୃକ୍ତ ମହିଳା ଡାଟାଏଣ୍ଟ୍ରି ଅପରେଟର୍‌ଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ କି ଭୂମିକା ରହିଥିଲା, ଉପ-ସଭାପତିଙ୍କ ଲାପଟପକୁ ସେ ବ୍ୟବହାର କରିଥିଲେ କି ନାହିଁ; ସେ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଇଛି। ଅପରପକ୍ଷେ, ପ୍ରଶ୍ନପତ୍ର ପ୍ରଘଟ ଘଟଣାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ନୀହାର ରଂଜନ ମହାନ୍ତି, ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ସଂଘ ନେତା ବିଜୟ କୁମାର ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ୩ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରିବ ବୋଲି ଜଣାପଡ଼ିଛି। ରିମାଣ୍ଡରେ ଅଣାଗଲେ ଏମାନଙ୍କୁ ସାମ୍ନାସାମ୍ନି ଜେରା କରାଯିବା ଫଳରେ ଅଧିକ ତଥ୍ୟ ମିଳିପାରିବ ବୋଲି କୁହାଯାଇଛି। ବିଶେଷକରି ପ୍ରଶ୍ନପତ୍ର ଲିକ ଘଟଣାରେ ଟଙ୍କା କାରବାର ଉପରେ ଅଧିକ ଖୋଳତାଡ଼ କରାଯିବ। ବିଭିନ୍ନ ଜିଲ୍ଲାରୁ କେତେ ଟଙ୍କା କାହା ଜରିଆରେ ଆଦାୟ ହୋଇଛି, ସେ

### ୩ଜଣଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରିବ କ୍ରାଇମବ୍ରାଞ୍ଚ

ସମ୍ପର୍କିତ ତଥ୍ୟ ଏମାନଙ୍କୁ ଅଧିକ ଜେରା ପରେ ମିଳିପାରିବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ।

ପୂର୍ବରୁ ମଧ୍ୟ ଗତ ୨୦୧୯ ଓ ୨୦୨୨ରେ ପ୍ରଶ୍ନପତ୍ର ଲିକ୍ ନେଇ ଅଭିଯୋଗ ଉଠିଥିଲା। ସେହି ସମୟରେ ବୋର୍ଡ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିଲା। ଏ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମବ୍ରାଞ୍ଚ ୩ ଅଭିଯୁକ୍ତଙ୍କୁ ଜେରା କରିବ ବୋଲି କୁହାଯାଉଛି। ବୋର୍ଡ ଉପସଭାପତି ଓ ଡାଟାଏଣ୍ଟ୍ରି ଅପରେଟର୍ ଗିରଫ ହେବା ସତ୍ତ୍ୱେ ବୋର୍ଡର ଆଉ କିଛି କର୍ମଚାରୀ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତ ଥିବା ନେଇ କ୍ରାଇମବ୍ରାଞ୍ଚ ସନ୍ଦେହ ପ୍ରକଟ କରିଛି। ବୋର୍ଡ କାର୍ଯ୍ୟାଳୟକୁ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଦଳ ବାରମ୍ବାର ଆସି ବିଭିନ୍ନ ଦସ୍ତାବିଜ ଯାଞ୍ଚ କରୁଥିବା ବେଳେ ଅନ୍ୟ କର୍ମଚାରୀମାନେ ଆଶା ଆଶଙ୍କାରେ ରହିଛନ୍ତି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଛନ୍ଦି ହୋଇଥିବା ବୋର୍ଡ ପାଇଁ ଆସନ୍ତା ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ଏକ ବଡ ଆହ୍ୱାନ ହୋଇଛି। ଏଥିପୂର୍ବରୁ ଲୋକସେବା ଭବନରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଆଲୋଚନା କରିଥିବା ଜଣାପଡ଼ିଛି। ଆଗାମୀ ପରୀକ୍ଷା ପରିଚାଳନାରେ କାହାର କ'ଣ ଭୂମିକା ରହିବ, ତାହାକୁ ନେଇ ବୋର୍ଡ ହରଡ଼ଘଣାରେ ପଡ଼ିଛି।

ପ୍ରକାଶଥାଉକି ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫଦାରୀ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୮ରେ ପହଞ୍ଚିଛି। ଆଗକୁ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ଜଣାପଡିଛି।

# ଯୁଗ୍ମ ଜନଶୁଣାଣିରେ ୨୬୧ଟି ଅଭିଯୋଗ



**ବାରିପଦା, ୪।୮ (ସମିସ):** ବାରିପଦାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଏକ ଯୁଗ୍ମ ଜନଶୁଣାଣି ଶିବିର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୬୧ଟି ଅଭିଯୋଗର ଶୁଣାଣି କରିଥିଲେ ଜିଲ୍ଲାପାଳ। ଅଭିଯୋଗ ମଧ୍ୟରୁ ୨୩୦ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୩୧ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ଶିବିରରେ ୯ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ସେହିପରି ଜିଲ୍ଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫ହଜାର ଟଙ୍କା ଏବଂ ୪ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱରଚନ୍ଦ୍ର ନାଏକ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଶୁଣାଣିରେ ସହଯୋଗ କରିଥିଲେ।

## ବାଙ୍ଗିରିପୋଷି-ଗୋରୁମହିଷାଣି ରେଳପଥ ମିଥ୍ୟା ସର୍ଭେ ରିପୋର୍ଟକୁ ବିରୋଧ

# ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ବାରିପଦା, ୪।୮ (ସମିସ)

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଶୋରିଷପାଳ ଗ୍ରାମପଞ୍ଚାୟତବାସୀ ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂତନ ରେଳପଥ ନିର୍ମାଣ ସର୍ଭେ କାର୍ଯ୍ୟକୁ ବିରୋଧ କରିଛନ୍ତି; ଯାହାକୁ ନେଇ ଶତାଧିକ ଗ୍ରାମବାସୀ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପହଞ୍ଚି ରେଳପଥ ନିର୍ମାଣରେ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ସୂଚନାଯୋଗ୍ୟ, ବାଙ୍ଗିରିପୋଷିଠାରୁ ଗୋରୁମହିଷାଣୀ ପର୍ଯ୍ୟନ୍ତ ନୂତନ ରେଳ ପ୍ରକଳ୍ପ ୮୫.୬୦କିମି ପାଇଁ ଏଲଏପି ସମ୍ପ୍ରସାରଣ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଏଥିରେ ନେଦାମ, ଅସ୍ତବେଡା, ଘଟିଡୁବା, ବେତଝରଣ, ଶୋରିଷପାଳ ଏବଂ ବାଉଁଶପାହାଡି ଗ୍ରାମ ଦେଇ ଯିବାକୁ ଥିବା ରେଳପଥ ନିର୍ମାଣକୁ ନେଇ ଅଧିବାସୀ ବିରୋଧ କରିଆସୁଛନ୍ତି। ଏ ନେଇ ଅନୁଷ୍ଠିତ ପଲ୍ଲୀସଭାରେ ଏହାକୁ ସମ୍ପୂର୍ଣ୍ଣ ବିରୋଧ କରାଯିବା ସହ ସଭାକୁ ବହୁ ଲୋକ ବର୍ଜନ କରିଥିଲେ। ଏହା ସତ୍ତ୍ୱେ ରେଳ ବିଭାଗ ଏବଂ



ବାଙ୍ଗିରିପୋଷି ବ୍ଲକ ପ୍ରଶାସନ ମିଳିତ ଭାବେ ଜମିଗ୍ରହଣ ପ୍ରସ୍ତାବକୁ ସମର୍ଥନ କରାଯାଇଛି ବୋଲି ରିପୋର୍ଟ ପ୍ରକାଶିତ ହୋଇଛି। ଯାହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଓ କପୋଳକଳ୍ପିତ ବୋଲି ଗ୍ରାମର ରବୀନ୍ଦ୍ର ଟୁଡୁ, ମଙ୍ଗତ ମୁର୍ମୁ ଓ ବିରାମ ସୋରେନ କହିଛନ୍ତି। ଏହି ଜମି ଉପରେ ଆଦିବାସୀମାନେ ଚାଷବାସ କରି ଜୀବନଜୀବିକା ନିର୍ବାହ କରୁଛନ୍ତି। ଏହି ଜମି ଚାଲିଗଲେ ଭବିଷ୍ୟତ ପିଢି ରୋଜଗାର ହରାଇ ଦାଦନମୁହାଁ ହେବେ। ଏପରିକି ପ୍ରକଳ୍ପକୁ ଏହି ଅଞ୍ଚଳରେ କରା ନ ଯିବାକୁ ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। କ୍ଷୁଦ୍ର ଚାଷୀମାନେ ଚାଷ କରି ସୁବିଧାରେ ଜୀବନ ଜୀବିକା ନିର୍ବାହ କରିବାରୁ ସୁଯୋଗ ଦିଆଯାଉ ବୋଲି ଗ୍ରାମବାସୀ କହିଛନ୍ତି। ପୂର୍ବରୁ ଥିବା ବାଙ୍ଗିରିପୋଷି-ତାଳବନ୍ଧ ରୁଟ ଦେଇ ପ୍ରସ୍ତାବିତ ରେଳପଥ ନିର୍ମାଣ କଲେ ସମସ୍ୟା ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମର ଧନିରାମ ସୋରେନ, ସୁଦାମ ହେମ୍ବ୍ରମ, ହେମନ୍ତ ହେମ୍ବ୍ରମ, ସିଙ୍ଗରାୟ ମାର୍ଣ୍ଡି, ଲକ୍ଷବଛ ମାର୍ଣ୍ଡି ଓ କରୁଣାକର ମାର୍ଣ୍ଡିଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବାବା କଖାରୁଆ ପୀଠରେ କାଉଡିଆଙ୍କ ପ୍ରବଳ ଭିଡ଼

# ୧୭୦ ଲିଟର ଜଳଭାର, ଡମ୍ବରୁ, ତ୍ରିଶୂଳ ଆକର୍ଷଣ



**ବଡସାହି, ମାଣତ୍ରୀ, ୪।୮ (ସମିସ):** ଶ୍ରାବଣର ତୃତୀୟ ସୋମବାରରେ ବଡସାହି ବ୍ଲକ ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରେ କାଉଡିଆଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ଏହି ପୀଠକୁ ମୂଷାଗଡ଼ିଆ ଗ୍ରାମର ୧୦ଜଣ ଯୁବକ ଅଭିନବ ଉପାୟରେ ଜଳ ନେଇ ଆସିଥିଲେ। ସେମାନେ ବାରିପଦା ବୁଢାରାଉଳ ମଠ ନିକଟରେ ବୁଢାବଳଙ୍ଗ ନଦୀରୁ ଗତ ୧ ତାରିଖରେ ପାଣିଭାର ନେଇ ଏହି ଯାତ୍ରା ଆରମ୍ଭ କରିଥିଲେ। ୮ଟି ବଡବଡ ଷ୍ଟିଲ ଗରାରେ ୧୭୦ ଲିଟର ଜଳଧରି ୬୦କି.ମି ଅତିକ୍ରମ କରି ବାବା କଖାରୁଆଙ୍କୁ ଜଳାଭିଷେକ କରିଥିଲେ। ଏହି ଭାରକୁ ୨/୩ଜଣ ଲେଖାଏଁ ମିଶି ବୋହି ଶେଷରେ ୩ଦିନରେ ବାବାଙ୍କ ନିକଟରେ ପହଞ୍ଚିଥିଲେ। ଏହି ଯାତ୍ରାରେ ତାଙ୍କ ଟିମର ଅନ୍ୟ ଭକ୍ତଙ୍କ ଦ୍ୱାରା ତ୍ରିଶୂଳ, ଡମ୍ବରୁ, ବଜରଙ୍ଗବାଲି ଓ ଭାରତମାତାର ପତାକା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସୋମବାର ଜଳାଭିଷେକ ପାଇଁ ବହୁ ଦୂରଦୂରାନ୍ତରୁ କାଉଡିଆମାନେ ରବିବାର ରାତି ୧୦ଟା ପାଖରୁ ମନ୍ଦିରରେ ପହଞ୍ଚିବା ଆରମ୍ଭ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। କାଉଡିଆମାନେ ଧାଡିରେ ଛିଡାରେ ହୋଇ ବାବା କଖାରୁଆଙ୍କ ପୂଜାର୍ଚ୍ଚନା କରିବା ସହିତ ଜଳାଭିଷେକ କରିଥିଲେ। ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ମନ୍ଦିର ନିକଟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଳଖିଆ, ଖାଦ୍ୟ ଓ ପାନୀୟ ଆଦି ଯୋଗାଇ ଦିଆଯାଇଥିଲା।

## ରକ୍ଷଣାବେକ୍ଷଣ ଅଭାବ, ଭୂତକୋଠି ପାଲଟିଛି ସରକାରୀ କୋଠା

# ମରାମତି ନ କରି ରଙ୍ଗ ବଦଳାଇବାରେ ବ୍ୟସ୍ତ ସରକାର

**ବାରିପଦା, ୪।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ମହକୁମାରେ ଥିବା ବିଭିନ୍ନ ସରକାରୀ କୋଠା ରହିଛି; ହେଲେ ଏହିସବୁ କୋଠା ରକ୍ଷଣାବେକ୍ଷଣ ଅଭାବରୁ ବହୁ ସ୍ଥାନରେ ଭୂତକୋଠି ପାଲଟିଛି। ବାରିପଦା ସହର ମଧ୍ୟରେ ସରକାରୀ କୋଠାଗୁଡ଼ିକ ଅନେକ ଦିନ ହେବ ବନ୍ଦ ହୋଇ ପଡ଼ିରହିଛି।

### ଗଛ ଲତାରେ ଭର୍ତ୍ତି; ବୁଲୁଛନ୍ତି ସରିସୃପ



ଫଳରେ ଜନସାଧାରଣଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଇବାରେ ମଧ୍ୟ ବାଧକ ସାଜିଛି। ବିଜେପି ସରକାର କେବଳ ରଙ୍ଗ ବଦଳାଇବାରେ ବ୍ୟସ୍ତ ଅଛନ୍ତି। ସହରର କେନ୍ଦ୍ରସ୍ଥଳ ବସଷ୍ଟାଣ୍ଡ ନିକଟ ରାସ୍ତା କଡ଼ରେ ଥିବା କୋଠାରେ ପୂର୍ବରୁ ବିଦ୍ୟୁତ ଥାନା ଥିବାବେଳେ ଏବେ ତାହା ବନ୍ଦ ହୋଇ ରହିଛି। ଫଳରେ କୋଠା ପରିସର ଶିଉଳି ଓ ଅନାବନା ଗଛରେ ଭର୍ତ୍ତି ହୋଇଯାଇଛି। ଏପରିକି କୋଠା ପରିସର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହିତ ସରିସୃପଙ୍କ ପାଇଁ ବାସସ୍ଥଳୀ ପାଲଟିଛି। କେବଳ ଏହି ଗୋଟିଏ କୋଠା ନୁହେଁ। ଭଞ୍ଜପୁର, ମୁର୍ଗାବାଡ଼ି ଆଦି ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ସରକାରୀ କୋଠା ପଡ଼ିରହିଛି। କେତେକ ସ୍ଥାନରେ ମରାମତି ଅଭାବରୁ ଗଛ ଲତା ବାହାରି ଗଲାଣି। କିନ୍ତୁ ତଥାପି ମରାମତି କରାଯାଉନାହିଁ। ଉକ୍ତ କୋଠାଗୁଡ଼ିକ ରକ୍ଷଣାବେକ୍ଷଣ କିମ୍ବା ମରାମତି କରିବାର ଜରୁରୀ ହୋଇଛି। କିନ୍ତୁ ସେଥିପ୍ରତି ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟରେ ନୂତନ ସରକାର ଗଠନ ହେବାର ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ କେହି ଦୃଷ୍ଟି ଦେଉନାହାନ୍ତି। କେବଳ ସରକାର କୋଠାଗୁଡିକର ରଙ୍ଗ ବଦଳାଇବାରେ ବ୍ୟସ୍ତ ରହିଛନ୍ତି। ଅନ୍ୟପଟେ ସରକାରୀ କୋଠା ନଷ୍ଟ ହୋଇଥିଲେ ସୁଦ୍ଧା ଉପରିସ୍ଥ ଅଧିକାରୀଙ୍କ ଭୟରେ ତଳିଆ କର୍ମଚାରୀମାନେ ପାଟି ଖୋଲୁନାହାନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ତାରିଣୀ ମନ୍ଦିରର ରତ୍ନମୁଦ ଉତ୍ସବ



**ମୋରଡା, ୪।୮ (ସମିସ):** ମୋରଡ଼ା ହାଟ ପଡ଼ିଆରେ ଚାଲିଥିବା ନୂତନ ମନ୍ଦିର ନିର୍ମାଣ ଶେଷ ହୋଇଛି। ସୋମବାର ମନ୍ଦିରର ପୂର୍ଣ୍ଣାଙ୍ଗ ଉତ୍ସବ ସମାପ୍ତ ହୋଇଛି। ମନ୍ଦିର କମିଟିର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ଆୟୋଜିତ ରତ୍ନମୁଦ ଉତ୍ସବରେ ମୋରଡ଼ା ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମାଳିହତା ଗ୍ରାମରୁ ରୀତିନୀତି ଅନୁସାରେ ସାହାଡ଼ା ଏବଂ ବରୁଣ ଡାଳ ଆଣି ମନ୍ଦିରକୁ ଆସିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରେ ମୁଖ୍ୟ ପୂଜାରୀ ଆଶିଷଧର ମହାପାତ୍ରଙ୍କ ସହିତ ଅନ୍ୟ ତିନି ଜଣ ପୂଜାରୀ ଦିଲୀପ ପାଣିଗ୍ରାହୀ, ସନ୍ତୋଷ ପ୍ରସାଦ ମିଶ୍ର, ବିରେନ ଏବଂ ନାପିତ ସର୍ବେଶ୍ୱର ବାରିକ ରତ୍ନମୁଦ ଗର୍ଭ ଗୃହ ମଧ୍ୟରେ ମା' ଲକ୍ଷ୍ମୀଙ୍କୁ ସ୍ୱର୍ଣ୍ଣ ପ୍ରଦାନ କରି ଇନ୍ଦ୍ର ଏବଂ ଇନ୍ଦ୍ରାଣୀଙ୍କୁ ସ୍ଥାପିତ କରିଥିଲେ। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ଭକ୍ତଙ୍କ ପାଇଁ କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉତ୍ସବରେ ବରିଷ୍ଠ ବିଜେପି ନେତା ପରେଶଚନ୍ଦ୍ର ମହାନ୍ତ, ସମିତି ସଭ୍ୟ ସୁକୁଲ ମୁର୍ମୁ, ସରୋଜିନୀ କିସ୍କୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଶିମିଳିପାଳରେ ବନ୍ୟଜନ୍ତୁ ସୁରକ୍ଷା ପାଇଁ ବନବିଭାଗର ପଦକ୍ଷେପ

# ୨୩ଟି ସ୍ଥାନରେ ମୌସୁମୀକାଳୀନ ପାଟ୍ରୋଲିଂ କଡ଼ାକଡ଼ି

ବାରିପଦା, ୪।୮ (ସମିସ)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ ଜୈବମଣ୍ଡଳ ହେଉଛି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜାତୀୟ ଅଭୟାରଣ୍ୟ। ଜଙ୍ଗଲରେ ଶିକାରୀଙ୍କ ପାଦୁର୍ଭାବ ରୋକିବା ପାଇଁ ସୁରକ୍ଷା କର୍ମଚାରୀ ନିୟୋଜିତ। ଇତି ମଧ୍ୟରେ ମୌସୁମୀ ବର୍ଷା ଜାରି ରହିଥିବାବେଳେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଅଭୟାରଣ୍ୟରେ ପାଟ୍ରୋଲିଂ ଜାରି ରହିଛି। ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ଶିମିଳିପାଳ ଅଭୟାରଣ୍ୟର ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂକୁ ଆହୁରି କ୍ରିୟାଶୀଳ କରାଯାଇଛି। ଅଭୟାରଣ୍ୟ ମଧ୍ୟକୁ ସାଧାରଣତଃ ବର୍ଷା ସମୟରେ ପ୍ରାୟତଃ ଲୋକଙ୍କ ଯିବା ଆସିବା କମ ରହିଥାଏ। ଏଥିସହିତ ମୌସୁମୀ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଶିମିଳିପାଳ ସାମୟିକ ଭାବେ ବନ୍ଦ ରହିଛି। ଉକ୍ତ ସମୟରେ




ଚଳପ୍ରଚଳ ବନ୍ଦ ଥିବାରୁ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବା ଆଶଙ୍କା ରହିଛି। ଏହି ସମୟରେ ଶିକାରୀମାନେ ବନ୍ୟଜନ୍ତୁ ଶିକାର ନେଇ ଅଧିକ ସକ୍ରିୟ ହୋଇଥାନ୍ତି। ତାହାକୁ ପ୍ରତିହତ କରିବା ନେଇ ଅଭୟାରଣ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୌସୁମୀକାଳୀନ ପାଟ୍ରୋଲିଂ ଜାରି ରହିଛି। ଶିମିଳିପାଳ ବ୍ୟାଘ୍ର ସ୍ୱତନ୍ତ୍ର ଫୋର୍ସ, ଅବସରପ୍ରାପ୍ତ ଆର୍ମି ଷ୍ଟାଫ୍, କ୍ଷେତ୍ର କର୍ମଚାରୀ ଏବଂ ସୁରକ୍ଷା ସହାୟକଙ୍କୁ ନିୟମିତ ଭାବେ ନିୟୋଜିତ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟର ଉତ୍ତର ଓ ଦକ୍ଷିଣ ବନଖଣ୍ଡର ବଫର ଅଞ୍ଚଳରୁ କୋର ଅଞ୍ଚଳକୁ ପ୍ରବେଶ ନିମନ୍ତେ ଥିବା ପ୍ରବେଶ ସ୍ଥାନରେ କଡାକଡି ପାଟ୍ରୋଲିଂ କରାଯାଉଛି। ପାଟ୍ରୋଲିଂ ସମୟରେ ଟିମ ଜଙ୍ଗଲ ମଧ୍ୟରେ ଅନେକ କିଲୋମିଟର ପର୍ଯ୍ୟନ୍ତ ପାଦରେ ଚାଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଅଭୟାରଣ୍ୟରେ ଅନ୍ୟ ବନ୍ୟଜନ୍ତୁ ସମେତ ଦେଶର ବିରଳ 'ମେଲାନିଷ୍ଟିକ' ପ୍ରଜାତି ୧୦ଟି କଳା ବାଘ ରହୁଛନ୍ତି; ଯାହାକୁ ନେଇ ଏହି ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଶିମିଳିପାଳକୁ ଶିକାରୀ ମୁକ୍ତ ପାଇଁ ବନ କର୍ମଚାରୀଙ୍କୁ ବନ୍ଧୁକ ତାଲିମ ଦିଆଯାଉଛି। ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବକୁ ରୋକିବା ପାଇଁ ବଫରରୁ କୋର ଅଞ୍ଚଳକୁ ପ୍ରବେଶ ନିମନ୍ତେ ଚିହ୍ନଟ ୨୩ଟି ସ୍ଥାନରେ କଡାକଡି ପାଟ୍ରୋଲିଂ କରାଯାଉଛି। ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବକୁ ସମ୍ପୂର୍ଣ୍ଣ ଭାବେ ରୋକିବା ଏହାର ମୂଳଲକ୍ଷ୍ୟ।










# ଶିବୁ ସୋରେନ୍‌ଙ୍କ ବିୟୋଗରେ ଶୋକ

**ରାଇରଙ୍ଗପୁର, ୪।୮ (ସମିସ):** ଝାଡ଼ଖଣ୍ଡ ରାଜ୍ୟର ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ (୮୧)ଙ୍କ ଦିଲ୍ଲୀରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ସେ ଜଣେ କ୍ରାନ୍ତିକାରୀ ମହାନ ଆଦିବାସୀ ନେତା ଥିଲେ। ତାଙ୍କର ଦୁର୍ବାର ଆନ୍ଦୋଳନ ଯୋଗୁଁ ନୂତନ ଝାଡ଼ଖଣ୍ଡ ରାଜ୍ୟ ଗଠନ ହୋଇଥିଲା। ତାଙ୍କ ବିୟୋଗରେ ଜିଲ୍ଲା ଉପସଭାପତି ଘନଶ୍ୟାମ ପିଙ୍ଗୁଆ, ଜେଏମ୍ଏମ୍ ପ୍ରବକ୍ତା ସୁନିଲ ମାଝୀ, ବରିଷ୍ଠ ନେତା ସାଲୁ କିସ୍କୁ, ରଣଜିତ ସିଂ, ଭାଗବତ ମାଝୀ ପ୍ରମୁଖ ବହୁ ଦଳୀୟ ନେତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ସମସ୍ୟାରେ ମହୁଲିଆ ଓ କଙ୍କଡ଼ାବେଡ଼ା ଅଙ୍ଗନବାଡ଼ି କେନ୍ଦ୍ର

## ଛାତରୁ ଖସୁଛି କଂକ୍ରିଟ ଖଣ୍ଡ



ବେତନଟୀ ୪।୮(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ସୁଖିଲାହାର ମହୁଲିଆ ଅଙ୍ଗନବାଡ଼ି କେନ୍ଦ୍ର ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ଶିଶୁ ଓ ଗର୍ଭବତୀଙ୍କ ପାଇଁ ବିପଦ ଦେଖାଦେଇଛି। ସୂଚନା ଅନୁସାରେ, ମହୁଲିଆ ଅଙ୍ଗନବାଡ଼ି କେନ୍‌ଦ୍ରର ଭିତ୍ତିଭୂମି ବିପର୍ଯ୍ୟସ୍ତ ହେବା ସହିତ ଛାତରେ ଫାଟ ଦେଖାଦେଇଛି। ଫଳରେ ସେଥିରୁ ସିମେଣ୍ଟର ଖଣ୍ଡ ଖସି ପଡୁଛି। ତେଣୁ ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏ ନେଇ ଅଭିଭାବକ ଓ ଅଙ୍ଗନବାଡ଼ି କର୍ମୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ମରାମତି ହୋଇନାହିଁ। ଜଣେ ଗର୍ଭବତୀ ନିଜର ନାମ ଗୋପନ ରଖି କହିଛନ୍ତି ଯେ, ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ଆମେ ଏଠାକୁ ଆସିବାକୁ ଭୟ କରୁଛୁ। କାରଣ ଯେକୌଣସି ସମୟରେ ଅଘଟଣ ଘଟିବା ଆଶଙ୍କା ରହିଛି। ଏହି ଅଙ୍ଗନବାଡ଼ି କେନ୍ଦ୍ର ଗର୍ଭବତୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ଏଭଳି ଅବ୍ୟବସ୍ଥା ସରକାରୀ ଯୋଜନାର ଉଦ୍ଦେଶ୍ୟକୁ ବିଫଳ କରୁଛି। ଗ୍ରାମବାସୀ ଓ ସ୍ଥାନୀୟ ନେତାମାନେ ତୁରନ୍ତ ଏହି ଅଙ୍ଗନବାଡ଼ିର ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଏବଂ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାକୁ ଜିଲା ପ୍ରଶାସନ ଓ ମହିଳା ଓ ଶିଶୁ ବିକାଶ ବିଭାଗ ନିକଟରେ ଦାବି କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଏକ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

## ବର୍ଷା ହେଲେ ଶିଶୁଙ୍କୁ ଛାଡୁନାହାନ୍ତି ଅଭିଭାବକ

ରାଇରଙ୍ଗପୁର, ୪।୮(ସମିସ): ବାମନଘାଟି ଉପଖଣ୍ଡ ବିଜାତଳା ବ୍ଲକର ଚଢେଇପାହାଡି ପଞ୍ଚାୟତ କଙ୍କଡାବେଡା ଅଙ୍ଗନବାଡି କେନ୍ଦ୍ର ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି କେନ୍ଦ୍ରର ଛାତରୁ ପାଣି ଗଳୁ ଥିବାରୁ ବର୍ଷାହେଲେ ଶିଶୁଙ୍କୁ ଛାଡିବାକୁ ଅଭିଭାବକ ନାରାଜ ହେଉଛନ୍ତି। ଏହି କେନ୍ଦ୍ର ନିମନ୍ତେ ଥିବା ଶ୍ରେଣୀଗୃହ ଏବେ ଶିଶୁଙ୍କ ପାଇଁ ବିପଦ ସାଜିଛି। ଅସରାଏ ବର୍ଷା ହେଲେ ଘର ଭିତରେ ପାଣି ଭର୍ତ୍ତି ହୋଇଯାଉଛି। ଏପରି ସମସ୍ୟାକୁ ନେଇ ଅଚଳାବସ୍ଥା ଦେଖିବାକୁ ମିଳିଛି। ଏଠାରେ ଆବଶ୍ୟକ ଘର ନ ଥିବାରୁ ଗୋଟିଏ ଘରେ ସମସ୍ତ ଶିଶୁ ଅତି ଦୟନୀୟ ଅବସ୍ଥାରେ ପାଠ ପଢୁଛନ୍ତି। ସାମାନ୍ୟ ବର୍ଷା ହେଲେ ଶ୍ରେଣୀଗୃହ ଭିତରେ ପାଣି ପଶିଯାଉଥିବାରୁ ଶିଶୁମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉ ନ ଥିବାରୁ କେନ୍ଦ୍ରର କର୍ମୀ ଜଣକ ବାଧହୋଇ ଶିଶୁଙ୍କୁ ବିପଦସଂକୁଳ ଅବସ୍ଥାରେ ଶିକ୍ଷାଦାନ କରୁଛନ୍ତି। ତେଣୁ ସାଧାରଣ ବର୍ଷା ହେଲେ ବି କୌଣସି ପିଲା କେନ୍ଦ୍ରକୁ ଆସୁନାହାନ୍ତି। ତୁରନ୍ତ ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଭତ୍ତାରୁ ବଞ୍ଚିତ ସୁରୁ ସର୍ଦ୍ଦାର

ରାଇରଙ୍ଗପୁର, ୪।୮(ସମିସ): ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁଁ ଭତ୍ତା ପାଇବାରୁ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମଦା ବ୍ଲକ ଅଧୀନ କଇଁପୁର ଗ୍ରାମର ସୁରୁ ସର୍ଦ୍ଦାରଙ୍କ ପରିବାରରେ। ସୁରୁ ସର୍ଦ୍ଦାର ବହୁବାର ବାର୍ଦ୍ଧକ୍ୟ ଭତ୍ତା ପାଇଁ ବ୍ଲକଦୌଡ଼ି ନୟାନ୍ତ ହେବା ଫଳରେ ଗତ ଜୁଲାଇ ୧ ତାରିଖ ରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ସେ ଚିଠିକୁ ଭିତ୍ତିକରି ଜାମଦା ବିଡିଓଙ୍କୁ ନୋଟିସ ଯୋଗେ ଜିଲ୍ଲାପାଳଙ୍କୁ ଦର୍ଶାଇଛନ୍ତି। ଆଧାର କାର୍ଡରେ ୬୪ ବର୍ଷରୁ ଅଧିକ ହୋଇଥବା ବେଳେ ଭୋଟର କାର୍ଡରେ ୫୩ ବର୍ଷ ହୋଇଛି। କିନ୍ତୁ ଅଭିଯୋଗକାରୀଙ୍କ ପାଖରେ ଥିବା ଭୋଟର କାର୍ଡରେ ୬୪ ବର୍ଷ ହୋଇଛି। ଏସ ମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ଭୋଟର କାର୍ଡ ଅନଲାଇନରେ ୫୩ ବର୍ଷ ଆସୁଛି ଏବଂ ଭୋଟର କାର୍ଡର ବୟସ ଆଧାର ଅନୁଯାଇ ସଂଶୋଧନ ପାଇଁ କଇଁପୁର ବିଏଲଓଙ୍କୁ ଜଣାଇଛନ୍ତି। ତେବେ କେଉଁ ସରକାରୀ ବାବୁଙ୍କ ଏଭଳି କାର୍ଯ୍ୟ ପାଇଁ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ୟୁଏସ୍‌ଆଇ ସଂଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ ଓ ମେଘାଚ୍ଛନ୍ନ ସାହିତ୍ୟ ସଂସଦର ସଭାପତି ବିକାଶ ନାୟକ ପ୍ରଶାସନଙ୍କୁ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି।



## ଅଘୋଷିତ ବିଦ୍ୟୁତ କାଟକୁ ନେଇ ବଢୁଛି ଅସନ୍ତୋଷ

ପୁରୁଣିଆ, ୪।୮ (ସମିସ): ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ପୁରୁଣିଆ, ବଙ୍ଗାଳିଡାହି ଓ ବାଛୁରୀପଡ଼ା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗ ତରଫରୁ କୌଣସି ପୂର୍ବ ସୂଚନା ଦିଆ ନ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ଯୁତ କାଟ ହେଉଥିବାରୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠା ଓ ଘୋରେଇ ଗ୍ରାହକମାନେ ଅସୁବିଧାରେ ପଡୁଛନ୍ତି। ପ୍ରବଳ ଗରମ ସମୟରେ ଘଣ୍ଟାଘଣ୍ଟା ବିଦ୍ୟୁତ କାଟ କାରଣରୁ ବିଭିନ୍ନ ବିଦ୍ୟାଳୟର ଛୋଟଛୋଟ ପିଲାମାନେ ଗରମରେ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ବିଦ୍ୟୁତ କାଟକୁ ନେଇ ଫୋନ କଲେ ବିଭାଗୀୟ ଅଧିକାରୀମାନେ ଫୋନ କଲ ଉଠାଉନାହାଁନ୍ତି। ଯଦି କେତେବେଳେ ଉଠଉଛନ୍ତି ତେବେ କିଛି ଉତ୍ତର ଦେଉନାହାଁନ୍ତି। ତାର ଛିଣ୍ଡିଲେ କିମ୍ବ ଅନ୍ୟ କୌଣସି ଜରୁରି କାମରେ ମଧ୍ୟ ଯୋଗାଯୋଗ କରିବା ସମ୍ଭବ ହେଉନାହିଁ। ଫଳରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଥିବାବେଳେ ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଏଡାଇ ଦେଇ ହେବନାହିଁ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବଡସାହି, ୪।୮(ସମିସ): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ରସାୟନ ବିଭାଗର ଡେମୋନଷ୍ଟ୍ରେଟର ସତ୍ୟନାରାୟଣ ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଡ. ଜୀବନ କୁମାର ପଣ୍ଡିତ, ଫକୀର ଚରଣ ସାହୁ, ଡ. ରମେଶ କୁମାର ବେହେରା ଅଧ୍ୟାପକ ଶୈଳେନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ସାତୁଆ, ସୁକାନ୍ତ କୁମାର ଦାସ, ଅନ୍ତର୍ଯ୍ୟାମୀ ବେରିହା, ଶ୍ରବଣ କୁମାର ମହାପାତ୍ର, ଗୁଲୁ ସରେନ, ଅଧ୍ୟାପିକା ସଂନ୍ଧ୍ୟାରାଣୀ ଦାସ ଓ ବରିଷ୍ଠ କିରାଣୀ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ ରାଉତଙ୍କ ଗୁଣଗାନ କରିଥିଲେ। ତାଙ୍କର କର୍ତବ୍ୟନିଷ୍ଠା, ସଚ୍ଚୋଟତା, ସମୟାନୁବର୍ତ୍ତିତା ଓ ସେବା ମନୋବୃତ୍ତି ପାଇଁ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ଗହଣରେ ବେଶ ପରିଚିତ ଥିଲେ। ଶେଷରେ ଅତିଥିମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅଧ୍ୟାପକ ନିରଞ୍ଜନ ହେମ୍ବ୍ରମ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବେତନଟୀ ଓ ବୈଶିଙ୍ଗାରେ ବିଏସ୍‌ଏନ୍‌ଏଲ୍ ୪-ଜି ସେବା ପ୍ରହସନ

ବେତନଟୀ, ୪।୮ (ସମିସ): ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ର ସେବା ନୈରାଶ୍ୟଜନକ ସ୍ତରକୁ ଖସି ଆସିଥିବା ଅଭିଯୋଗ ହେଉଛି। ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଏହି ନେଟୱର୍କ ବ୍ୟବହାର କରିବାକୁ ବାଧ କରାଯାଇଥିବା ବେଳେ ପ୍ରାୟ ୧୦ ହଜାରରୁ ଅଧିକ ଉପଭୋକ୍ତା ଏହାର ସଂଯୋଗ ନେଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭଏସ୍ କଲ୍ ବେଳେ ସଂଯୋଗ ସ୍ଥାପନ କରିବାରେ ଅସୁବିଧା ହେଉଛି। ଏପରିକି କଥାବାର୍ତ୍ତା ମଝିରେ ଲାଇନ୍ କଟିଯାଉଥିବା ଅଭିଯୋଗ ମିଳୁଛି। ଏହାଦ୍ୱାରା ଅନେକ ଉପଭୋକ୍ତା ବାରମ୍ବାର ଅସୁବିଧାରେ ପଡ଼ି ଘରୋଇ ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥାଙ୍କ ସଂଯୋଗ ନେଇଛନ୍ତି। ସେହିପରି ବୈଶିଙ୍ଗାରେ ୧୯୯୫ ମସିହାରେ ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜ ଓ କାର୍ଯ୍ୟାଳୟ ସ୍ଥାପିତ ହୋଇଥିଲା। କିନ୍ତୁ ଏଠାରେ କର୍ମଚାରୀଙ୍କ ଅଭାବ, ଜେନେରେଟର ନ ଥିବା ଏବଂ ତିନି ବର୍ଷ ତଳେ ବ୍ୟାଟେରୀ ଚୋରି ହେବାପରେ ବିଦ୍ୟୁତ୍ ଅଭାବରେ ସେବା ବିଚ୍ଛିନ୍ନ ହେଉଛି। ସେହିପରି ବେଲାଣପୁରାରେ ଥିବା ବିଏସ୍‌ଏନ୍‌ଏଲ୍ ଟାୱାର ସମ୍ପୂର୍ଣ୍ଣ ବନ୍ଦ ରହୁଥିବା ଯୋଗୁଁ ପାଟଳୀପୁରା, ପ୍ରତିମାଦେଇପୁର, ନାଖରା, ଦାରିହା, ସିଙ୍ଗଲାମୁଣ୍ଡଳି, ଶାଳଗାଁ, ନଡପୁର ଆଦି ଅଞ୍ଚଳର ସୁଧାକର ଦାଶ, ସନ୍ତୋଷ କୁମାର ଖଣ୍ଡା, ଈଶ୍ୱର ସାମଲ ପ୍ରମୁଖ ସେବାର ଅଭାବ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବେତନଟୀର ଜୟନ୍ତ କିଶୋର ନନ୍ଦ ଗୋସ୍ୱାମୀ, ଧରଣୀଧର ମହାନ୍ତି ଓ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଅଭିଯୋଗ କରିଛନ୍ତି ଯେ, ୪-ଜି ଇଣ୍ଟରନେଟ ନାମରେ ବିଏସ୍‌ଏନ୍‌ଏଲ୍ ମାତ୍ର ୨-ଜି ଗତି ଯୋଗାଇ ଉପଭୋକ୍ତାଙ୍କୁ ଠକୁଛି। ଏନେଇ ବୈଶିଙ୍ଗା ଥାନାର ଅଧିକାରୀ ବାରିଣୀ ଦାସ କହିଛନ୍ତି, ବିଏସ୍‌ଏନ୍‌ଏଲ୍‌ର ନେଟୱର୍କ ଅଧିକାଂଶ ସମୟ ଅଚଳ ରହୁଥିବା ବେଳେ ଡିଜିଟାଲ ସେବା ଉପରେ ନିର୍ଭରଶୀଳତା ଯୋଗୁଁ ପୁଲିସକୁ ତ୍ୱରିତ ସେବା ଯୋଗାଇ ଦେବାରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ, ବିଏସ୍‌ଏନ୍‌ଏଲ୍‌ର ସହକାରୀ ମହାପ୍ରବନ୍ଧକ ବାବୁଲାଲ ମୁର୍ମୁ କହିଛନ୍ତି, ବର୍ତ୍ତମାନ ସିଷ୍ଟମରେ ଉନ୍ନତିକରଣ ଚାଲିଛି। ପୁରୁଣା ମାଇକ୍ରୋୱେଭ ବ୍ୟବସ୍ଥାକୁ ଓପଟିକ ଫାଇବର କେବୁଲ ଦ୍ୱାରା ପ୍ରତିସ୍ଥାପନ କରାଯାଉଛି, ଯାହା ହାଇସ୍ପିଡ ଇଣ୍ଟରନେଟ ସେବା ଯୋଗାଇବ ବୋଲି କହିଛନ୍ତି।

## ୧୦ ବର୍ଷ ପରେ ବି ମାର୍କେଟ କମ୍ପ୍ଲେକ୍ସ ନିଲାମ ନୋହିଲା



ଗୋରୁମହିଷାଣୀ, ୪।୮(ସମିସ): ରାଇରଙ୍ଗପୁର ବ୍ଲକ ଅଧୀନ କୁଲେଇଶିଳା ପଞ୍ଚାୟତର ବଜାର ବନ୍ଧ ପାଖରେ ନିର୍ମାଣ ହୋଇଛି ମାର୍କେଟ କମ୍ପ୍ଲେକ୍ସ; ହେଲେ ଆଜକୁ ୧୦ ବର୍ଷରୁ ଅଧିକ ସମୟ ହେଲା ନିଲାମ ହୋଇପାରୁନାହିଁ କି କାହାକୁ ବଣ୍ଟନ କରାଯାଇନାହିଁ। ଫଳରେ ସରକାରଙ୍କ ୧୦ଲକ୍ଷରୁ ଅଧିକ ଅର୍ଥ ଟଙ୍କା ବିନିମୟରେ ୧୦ଟି ମାର୍କେଟ କମ୍ପ୍ଲେକ୍ସ ଏବେ ପଡ଼ିରହିଛି। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ବର୍ତ୍ତମାନ ସେ ଗୁଡ଼ିକରୁ କିଛି ଅସାଧୁ ଲୋକଙ୍କ ଅକ୍ତିଆରରେ ରହିଥିବା ବେଳେ କେତେଗୁଡ଼ିକରେ ଛେଳି ଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି। ରାଇରଙ୍ଗପୁର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରକୁ ଲୋକେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ ହେଲାନାହିଁ। ଶୀଘ୍ର ନିଲାମ ହୋଇପାରିଲେ ୧୦ଟି ପରିବାରର ଗୁଜୁରାଣ ମେଣ୍ଟାଇ ହୋଇପାରିବ। ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମନଇଚ୍ଛା ଭଡ଼ା ନେଉଛନ୍ତି ଘରୋଇ ବସ୍

ଶୁକ୍ଳି/ରରୁଆଁ, ୪।୮ (ସମିସ): ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଧାରିତ ବସ୍‌ଭଡ଼ା କିଲୋମିଟର ପ୍ରତି ଧାର୍ଯ୍ୟ କରାଯାଇଛି। ଘରୋଇ ବସ୍ ସରକାରଙ୍କ ଧାର୍ଯ୍ୟ ଭଡ଼ାକୁ ନ ମାନି ମନଇଚ୍ଛା ଭଡ଼ା ନେଉଛନ୍ତି। ଯଦ୍ୱାରା ରାଜ୍ୟରେ ପ୍ରତିଦିନ ଲକ୍ଷାଧିକ ଯାତ୍ରୀ ଦୀର୍ଘଦିନରୁ ଶୋଷିତ ହୋଇ ଚାଲିଛନ୍ତି। ସରକାର ଅଡିନାରୀ ବସ ପାଇଁ ୮୯ ପଇସା, ଏକ୍ସପ୍ରେସ ବସ ପାଇଁ ୯୩ ପଇସା, ଡିଲକ୍ସ ବସ୍ ପାଇଁ ୧ ଟଙ୍କା ୨୯ ପଇସା, ଏସି ଡିଲକ୍ସ ପାଇଁ ୧ଟଙ୍କା ୫୭ ପଇସା, ସୁପର ପ୍ରିମିୟମ ବସ ପାଇଁ ୨ଟଙ୍କା ୪୪ ପଇସା କିଲୋମିଟର ପ୍ରତି ଧାର୍ଯ୍ୟ କରାଯାଇଛି। ମାତ୍ର ରରୁଆଁରୁ ସିଙ୍ଗଡ଼ା ଛକ ୧୩ କିଲୋମିଟରକୁ ୩୦ଟଙ୍କା ଭଡ଼ା, ରରୁଆଁରୁ ଯଶିପୁରକୁ ୨୨ କିଲୋମିଟରକୁ ୪୦ଟଙ୍କା, ରରୁଆଁରୁ ବାରିପଦା ୧୨୦ କିଲୋମିଟର ୧୮୦ ଟଙ୍କା, ରରୁଆଁରୁ ଚମ୍ପୁଆ ୩୨ କିଲୋମିଟରକୁ ୫୦ ଟଙ୍କା ଭଡ଼ା ଅଡିନାରୀ ବସରେ ନିଆଯାଉଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ସିଟ୍ ବ୍ୟବସ୍ଥା ମଧ୍ୟ ନାହିଁ। ଏଣୁ ଆଞ୍ଚଳିକ ପରିବହନ ଅଧିକାରୀ ଏହାକୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବେତନଟୀ-ଦହିକୋଟି-ମେର୍ଦ୍ଦା ରାସ୍ତା ମରଣଯନ୍ତା

# ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ଦାୟୀକଲେ ଗ୍ରାମବାସୀ



ବେତନଟୀ, ୪।୮(ସମିସ): ବେତନଟୀ-ବଙ୍ଗଳା ଛକରୁ ଦହିକୋଟି ଦେଇ ମେର୍ଦ୍ଦା ପର୍ଯ୍ୟନ୍ତ ଯାଇଥିବା ୧୫କିମି ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ସାଧାରଣ ଲୋକ, ଆମ୍ବୁଲାନ୍ସ, ଦମକଳ, ଯାତ୍ରୀବାହୀ ଗାଡ଼ି ଓ ବାଇକ୍ ଆଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ଏବଂ ଠିକାଦାରଙ୍କ ଅନିୟମିତତା ଯୋଗୁଁ ରାସ୍ତା ଅବସ୍ଥା ଏଭଳି ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୨୦୨୧ରେ ନିର୍ମିତ ଏହି ରାସ୍ତାର ଶୁଭାରମ୍ଭ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ କରିଥିଲେ। ଚୁକ୍ତି ଅନୁଯାୟୀ, ୨୦୨୩ ଜୁଲାଇ ସୁଦ୍ଧା ନିର୍ମାଣ ଶେଷହେବା ସହ ପାଞ୍ଚ ବର୍ଷ ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାରଙ୍କ ଉପରେ ଥିଲା। କିନ୍ତୁ ୨୦୨୫ ମଧ୍ୟଭାଗରେ ହିଁ ଏହି ରାସ୍ତାର ଅବସ୍ଥା ଖରାପ। ରାସ୍ତାରେ ଖାଲଖମା, ଅନୁପଯୁକ୍ତ ହମ୍ପସ୍ ଓ ପିଚ୍ ଉଠିଯାଇ ହୋଇଥିବା ବିରାଟ ବିରାଟ ଖାଲଖମା ଯୋଗୁଁ ଜରୁରୀ ସେବା ଓ ଛାତ୍ରଛାତ୍ରୀଙ୍କ ଯାତାୟାତରେ ଅନେକ ଅସୁବିଧା ହେଉଛି। ୫ଟି ପଞ୍ଚାୟତର ୧.୫ ଲକ୍ଷରୁ ଅଧିକ ଲୋକ ଓ ସ୍କୁଲ-କଲେଜ ଛାତ୍ରଛାତ୍ରୀ ଏହି ରାସ୍ତା ପରିସ୍ଥିତି ଯୋଗୁଁ ନିୟମିତ ଦୁର୍ଘଟଣାର ଶିକାର ହେଉଛନ୍ତି। ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ଏହି ରାସ୍ତା ୩୫ରୁ ଅଧିକ ଗାଁକୁ ସଂଯୋଗ କରୁଥିବା ଜୀବନରେଖା ହେଲେ ମଧ୍ୟ ବିଭାଗୀୟ ଅବହେଳା ଓ ଅନିୟମିତତା ଯୋଗୁଁ ଏହା ଏବେ ମରଣଯନ୍ତାରେ ପରିଣତ ହୋଇଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଗୁରୁତର ଦୁର୍ଘଟଣାର ଆଶଙ୍କା ରହିଛି। ଗ୍ରାମବାସୀ ଓ ସ୍ଥାନୀୟ ନେତୃବୃନ୍ଦ ଏହାର ସମାଧାନ ପାଇଁ ଚେଷ୍ଟା ଜାରି ରଖିଛନ୍ତି।

## ଯୁବ ରେଡ଼କ୍ରସ ପକ୍ଷରୁ ଛାତ୍ରୀ ସମ୍ବର୍ଦ୍ଧିତ



ମୋରଡା, ୪।୮ (ସମିସ): ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ତୃତୀୟ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀ ସନ୍ଧ୍ୟାରାଣୀ ବେହେରା ଯୁବ ରେଡ଼କ୍ରସରେ ତାଙ୍କର ସାମଗ୍ରିକ କୃତୀ ପାଇଁ ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗତ ଏକତାରିଖରେ ଅନୁଷ୍ଠିତ ହୋଇଥିବା ଯୁବ ରେଡ଼କ୍ରସ ଜିଲ୍ଲା କାର୍ଯ୍ୟକାରିଣୀ ଅଧିବେଶନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଅଧ୍ୟକ୍ଷା ଡ. ଆଲବରଟିନା ତିର୍କୀ ଓ ମୁଖ୍ୟଅତିଥି ଉପଜିଲ୍ଲାପାଳ ଶ୍ରଦ୍ଧା ସୁମନ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ଜୁଲାଇ ଶେଷ ସପ୍ତାହରେ କଟକ ଜିଲ୍ଲା ଅଡଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାମାଜିକ ଗଣମାଧ୍ୟମ ଜରିଆରେ ସମାଜସେବା ଶୀର୍ଷକ କର୍ମଶାଳାରେ ମଧ୍ୟ ସେ ତାଙ୍କର କୃତି ପାଇଁ ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

## ଝରାଡ଼ିହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବହଳଦା, ୪।୮ (ସମିସ): ଝରାଡିହି ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତି ରଞ୍ଜନ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂ, ମୁଖ୍ୟବକ୍ତା ଭାବରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ଆଲୁମନି କମିଟିର ସଭାପତି ଚିତ୍ତରଞ୍ଜନ ମଣ୍ଡଳ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଅମୀୟ କୁମାର ଦାଶ, ଓଷ୍ଟାର ରାଜ୍ୟ ଉପ ସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ, ଜାରିତାଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ମହାନ୍ତ, ଟ୍ରଷ୍ଟି ସଦସ୍ୟା ରେଖା ରାଣୀ ସିଂ, ପୁରାତନ ଛାତ୍ର ସଂସଦ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, ଏସଏମସି କମିଟିର ଅଧ୍ୟକ୍ଷ ବୃହସ୍ପତି ବେହେରା ପ୍ରମୁଖ ବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ଶିକ୍ଷୟିତ୍ରୀ ଦେବକୀ ଗୋପାଳ ସ୍ୱାଗତ ଅଭିଭାଷଣ ଓ ବରିଷ୍ଠ ଶିକ୍ଷୟିତ୍ରୀ ଦେଓଲା ମାଝୀ ପରିଚୟ ଦେଇଥିଲେ। ଜେଆରସି କାଉନସେଲର ମିତା ହାଁସଦା ଧନ୍ୟବାଦ ଦେଇଥିଲେ। ମଞ୍ଚାସୀନ ଅତିଥିଙ୍କୁ ଅଧ୍ୟକ୍ଷ ଶ୍ରୀ ପାଣି 'ମା ପାଇଁ ଗଛଟିଏ' ଆଧାରରେ ଫୁଲଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଠାକୁରମୁଣ୍ଡା ରେଞ୍ଜ ଅଫିସରେ ଚାରାରୋପଣ



ମହୁଲଡିହା, ୪।୮ (ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟ ପରସରରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆଧାରରେ ଚାରାରୋପଣ କରାଯାଇଛି। ନୂତନ ବନଖଣ୍ଡ ଅଧିକାରୀ ଭାବେ ବୈଦ୍ୟନାଥ ମାଝୀ ଯୋଗଦାନ କରିବା ପରେ ୩ ତାରିଖରେ ପ୍ରଥମ ଠାକୁରମୁଣ୍ଡା ଗସ୍ତରେ ଆସିଥିବା ବେଳେ ବନ କର୍ମଚାରୀ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ଚାରାରୋପଣ ଶୁଭାରମ୍ଭ କରିଥିଲେ। ଡିଏଫଓ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ସାମୂହିକ ଭାବରେ ସବୁ ସ୍ତରରେ ଚାରାରୋପଣ ପାଇଁ ସରକାର ଚିଠି କରିଥିବା ସୂଚନା ଦେଇଥିଲେ। ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ ଯୋଗଦେଇ ଚାରାରୋପଣ କରିଥିଲେ। ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ବନପାଳ ବିଦ୍ୟାଧର ମହାନ୍ତ, ପ୍ରଦୀପ କୁମାର ହାଇବୁରୁ ଉପସ୍ଥିତ ଥିଲେ।

## ଇଲେକ୍ଟ୍ରୋ ହୋମିଓପାଥି ଡାକ୍ତର ସଙ୍ଘର ସମୀକ୍ଷା ବୈଠକ



ସାରସକଣା, ୪।୮ (ସମିସ): ଝାରପୋଖରିଆ ପୁରୁଷୋତ୍ତମ ଇଲେକ୍ଟ୍ରୋ ହୋମିଓପାଥି ପ୍ରତିଷ୍ଠାନ ପରିସରରେ ଇଲେକ୍ଟ୍ରୋ ହୋମିଓପାଥି ଡାକ୍ତର ସଙ୍ଘର ସଭାପତି ଡା. ସରୋଜ ନାୟକଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଅପହଞ୍ଚ ଇଲାକାରେ ମାଗଣା ଚିକିତ୍ସା ଶିବିର ଆୟୋଜନ ଓ ବରିଷ୍ଠ ନାଗରିକଙ୍କ ପାଇଁ ତାଙ୍କ ନିଜଘରେ ମୁକ୍ତ ଚିକିତ୍ସାସେବା ଯୋଗାଇବା ପାଇଁ ବ୍ୟବସ୍ଥା କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା। ବୈଠକରେ ସାରସକଣାର ପୂର୍ବତନ ବିଧାୟକ ଡା. ବୁଦ୍ଧାନ ମୁର୍ମୁ ମୁଖ୍ୟଅତିଥି ଓ ଡା. ଚୂଡ଼ାମଣି ପାତ୍ର ମୁଖ୍ୟବକ୍ତା ଭାବେ ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡା. ଫକିର ଦାସ, ଡା. ଗୋପାଳ ସାହୁ, ଡା. ଗାନ୍ଧୀ ସେନାପତି ଅତିଥିଭାବେ ଯୋଗଦେଇଥିଲେ। ସଙ୍ଘର ସମ୍ପାଦକ କୁଳବଲ୍ଲଭ ପାତ୍ର ବିବରଣୀ ପାଠ କରିଥିଲେ।

## ରୋଟାରୀ କ୍ଲବର ନବମ ଅଧିଷ୍ଠାନ ଉତ୍ସବ

ରାଇରଙ୍ଗପୁର, ୪।୮ (ସମିସ): ରାଇରଙ୍ଗପୁର ରୋଟାରୀ କ୍ଲବ ରୟାଲର ନବମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆରଟିଏନ୍ ଇନ୍ଦ୍ରଜିତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଆରଟିଏନ ଜ୍ୟୋତି ରଞ୍ଜନ ସାହୁ, ବିଶେଷ ଅତିଥି ଇଂ ଜେ. ସୌଭାଗ୍ୟରଶ୍ମି ସାହୁ, କ୍ଲବ୍ ସଭାପତି ଆରଟିଏନ ବାସୁଦେବ ପାଲ, ସମ୍ପାଦକ ଆରଟିଏନ ପ୍ରତ୍ୟୁଷ ପରିଡ଼ା, ସ୍ୱତନ୍ତ୍ର ଅତିଥି ଭଦ୍ରକର ଆରଟିଏନ ଅମ୍ବିକା ସ୍ୱାଇଁ, କରଞ୍ଜିଆର ଆରଟିଏନ୍ ଜୟନ୍ତ ମହାନ୍ତ, ଜଳେଶ୍ୱରର ଆରଟିଏନ ସୁକୁମାର ରଣା, ଆରଟିଏନ ଅନିଲ ସାହା, ଭୁବନେଶ୍ୱରର ପିପି ଆରଟିଏନ ସୋନାଲି ରଥ, ଆରଟିଏନ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ଆରଟିଏନ ନିରଜ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆରଟିଏନ ବିକାଶ ଭୁତ ମଞ୍ଚ ପରିଚାଳନା ଏବଂ ଉପସଭାପତି କାଳି ପ୍ରସନ୍ନ ମହାନ୍ତି ଅତିଥି ପରିଚୟ, ବାର୍ଷିକ ବିବରଣୀ ଓ ସଭାପତି ବାସୁଦେବ ପାଲ ନିଜ ବକ୍ତବ୍ୟ ରଖିଥିଲେ। ୨୦୨୫-୨୦୨୬ ପାଇଁ ସଭାପତି ଭାବେ ଆରଟିଏନ ଅରବିନ୍ଦ ବାଗାଡିଆ ଏବଂ ସମ୍ପାଦକ ଭାବେ ଆରଟିଏନ ରାମବତାର ପାଡିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାଟି କାନ୍ଥପଡ଼ି ୨ଟି ଛେଳି ମୃତ

ଶୁଳିଆପଦା, ୪।୮ (ସମିସ): ଶୁଳିଆପଦା ବ୍ଲକ କଣ୍ଟିସାହି ପଞ୍ଚାୟତ ଅଧୀନ ଶୁଳିଆପଦା ଗ୍ରାମର ଗୋପାଳ ଚନ୍ଦ୍ର ସାହୁଙ୍କ ଘର କାନ୍ଥ ପଡ଼ିଯିବାରୁ ୨ଟି ଛେଳିର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଟି ବର୍ତ୍ତିଯାଇଛନ୍ତି। ଅପରାହ୍ଣରେ ବର୍ଷାରେ ଶ୍ରୀ ସାହୁଙ୍କ ଭଉଣୀ ଘରେ ଥିବାବେଳେ ପ୍ରଚଣ୍ଡ ଶବ୍ଦ ସହିତ ମାଟି କାନ୍ଥ ଖସିପଡ଼ିଥିଲା। ସୌଭାଗ୍ୟବଶତଃ ତାଙ୍କ ଭଉଣୀ ସୁରକ୍ଷିତ ଥିବା ବେଳେ ଗୋଟିଏ ଛେଳି ଦୌଡ଼ି ପଳାଇଥିଲା ଏବଂ ୨ଟି କାନ୍ଥ ତଳେ ଚାପି ହୋଇ ମରିଯାଇଥିଲେ। ଉକ୍ତ ପରିବାରଟି ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

# ସମ୍ପାଦକୀୟ



ମଣିଷର ନିର୍ବୋଧତାକୁ ହେୟଜ୍ଞାନ କରାଯାଇପାରିବ ନାହିଁ।
-ୟୁଭାଲ୍ ନୋ ହରାରି

ସକାଳ
THE SAKALA

## ଅମର ଅର୍ଥନୀତି

ରୁଷ୍ ସହିତ ଭାରତର ସ୍ଥାୟୀ ବନ୍ଧୁତ୍ୱ ଏବଂ ସମୃଦ୍ଧ ବାଣିଜ୍ୟ କାରବାରରେ ଈର୍ଷାନ୍ୱିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଓ ରୁଷ୍‌ର ଅର୍ଥନୀତିକୁ ଡେଡ୍ ଇକୋନୋମୀ(ମୃତ ଅର୍ଥନୀତି) ଭାବେ ଦାୟିତ୍ୱହୀନ ଓ ବିଚାରବୁଦ୍ଧି ରହିତ ବିବାଦୀୟ ମନ୍ତବ୍ୟଟିଏ ଦେଇଛନ୍ତି। ଆହୁରି ଦୁର୍ଭାଗ୍ୟଜନକ ହେଲା ବାଚାଳାମି ପାଇଁ କୁଖ୍ୟାତ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ଭାରତରେ କେତେକ ମହଲରେ ସମର୍ଥନ ମିଳିଛି। ଟ୍ରମ୍ପଙ୍କ ଏହି ଭାରତ ଅସୂୟା ମନ୍ତବ୍ୟକୁ ବିଶ୍ୱ ସେତେଟା ଗୁରୁତ୍ୱ ଦେଇନି। ଅଥଚ ଭାରତରେ ତାହାର ସ୍ୱାଗତ ଓ ସମର୍ଥନର ସ୍ୱର ଭାରତର ଅସଫଳତାରେ ସ୍ୱାଭାବିକ ଖୁସି ହେଉଥିବା ଶତ୍ରୁ ଦେଶମାନଙ୍କୁ ବେଶି ଆମୋଦିତ କରୁଛି।

ଏବେ ଟ୍ରମ୍ପ ମହାଶୟଙ୍କ ସାଧାରଣଜ୍ଞାନ ରହିତ ମନ୍ତବ୍ୟ କେତେ ଅପରିପକ୍ୱ ତାହା ଉପରେ ଥରେ ଦୃଷ୍ଟି ପକାଯାଉ। ଏକ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଭାରତ ଏବେ ବିଶ୍ୱରେ ଈର୍ଷଣୀୟ ସଫଳତା ଲାଭ କରିଛି। ଭାରତର ଅର୍ଥନୀତିକୁ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ରୂପେ ଘୋଷଣା କରିଛି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି। ଖୋଦ୍ ଟ୍ରମ୍ପ ମହାଶୟ ମଧ୍ୟ ଭାରତର ବିପୁଳ ଖାଉଟି ବଜାରରେ ପାଦ ଥାପିବାକୁ ବ୍ୟାକୁଳ। ସେ ଯୁଗ ଆଉ ନାହିଁ, ଯେତେବେଳେ ଭାରତ ଖାଦ୍ୟ ଶସ୍ୟ ପାଇଁ ଆମେରିକା ପାଖରେ ହାତ ପତେଇବାକୁ ପଡୁଥିଲା। ୧୯୯୧ ମସିହାରେ ଭାରତୀୟ ଅର୍ଥନୀତିର ନୂତନ ସଂସ୍କାର ଓ ସଂରଚନା ତାହାର ମୌଳିକ ଭିତ୍ତିଭୂମିକୁ ଏତେ ସୁଦୃଢ଼ କରିଛି ଯେ ୨୦୦୮ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ମଧ୍ୟ ଦୋହଲାଇ ପାରିନାହିଁ। ଭାରତର ଅର୍ଥନୀତିକୁ 'ଡେଡ୍ ଇକୋନୋମୀ' ଆଖ୍ୟା ଦେବା ପୂର୍ବରୁ ଟ୍ରମ୍ପ ମହାଶୟ ଅନ୍ତତଃ ଥରେ ସ୍ମରଣକୁ ଆଣିବା ଆବଶ୍ୟକ ଥିଲା ଯେ ତାଙ୍କ ଦେଶରୁ ସୃଷ୍ଟ ଆର୍ଥିକ ଅନିୟମିତତା(ସବ୍‌ପ୍ରାଇମ୍ ଲୋନ୍‌ର ପରିଚାଳନାରେ ତ୍ରୁଟି ଯୋଗୁଁ ବୃହତ୍ ଆର୍ଥିକ ସଂସ୍ଥା ଲେହମ୍ୟାନ ବ୍ରଦର୍ସ ଓ ମେରିଲ୍ ଲିଞ୍ଚ ଭୁଶୁଡ଼ି ପଡ଼ିଥିଲା) ସାରା ବିଶ୍ୱ ସମେତ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଥିଲା, ଯାହାର ପ୍ରଭାବରୁ ଅନେକ ଦେଶ ଦୀର୍ଘବର୍ଷ ପର୍ଯ୍ୟନ୍ତ ମୁକୁଳିପାରି ନଥିଲେ। ଅପରପକ୍ଷରେ ଭାରତୀୟ ଅର୍ଥନୀତି କେବଳ ସଦର୍ପେ ଠିଆ ହୋଇ ନ ଥିଲା, ୨୦୦୮-୦୯ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧି ହାର ଦୁଇ ଅଙ୍କ ପାଖାପାଖି ପହଞ୍ଚିଥିଲା।

ଆଇଏମଏଫ୍ ତରଫରୁ ପ୍ରକାଶିତ ବିଗତ ୩୦ ବର୍ଷର ଅର୍ଥନୈତିକ ଦ୍ରୁତ ଅଭିବୃଦ୍ଧି ତାଲିକାର ପ୍ରଥମ ତିନିସ୍ଥାନରେ ଯଥାକ୍ରମେ ଚୀନ୍, ଭାରତ ଓ ରୁଷିଆ ରହିଛନ୍ତି। ସେହି ସମୟ ମଧ୍ୟରେ ବିକଶିତ ଦେଶ ଇଂଲଣ୍ଡ, ଜର୍ମାନୀ ଓ ଜାପାନର ଅର୍ଥନୈତିକ ଅଭିବୃଦ୍ଧି ହାରରେ ହ୍ରାସ ଘଟିଛି। ୧୯୯୫ରେ ଆମେରିକୀୟ ଅର୍ଥନୀତି ତୁଳନାରେ ଭାରତୀୟ ଅର୍ଥନୀତିର ଆକାର ମାତ୍ର ୫% ଥିବା ବେଳେ ୩୦ ବର୍ଷ ଭିତରେ ୧୪% ପ୍ରତିଶତରେ ପହଞ୍ଚି ପାରିଛି। ଆଇଏମ୍ଏଫ୍‌ର ଗତ ୨୯ ତାରିଖରେ ପ୍ରକାଶିତ ସଂଶୋଧିତ 'ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍' ୨୦୨୫ରେ ଆମେରିକାର ଅର୍ଥନୀତି ମାତ୍ର ୧% ହାରରେ ଏବଂ ଭାରତର ଅର୍ଥନୀତି ୬.୪ ହାରରେ ବଢ଼ିବ ବୋଲି ଆକଳନ କରିଛି। ତେଣୁ ଭାରତର ଏହି ଈର୍ଷଣୀୟ ଅର୍ଥନୈତିକ ସଫଳତାରେ ଟ୍ରମ୍ପ ମହାଶୟ ଈର୍ଷାନ୍ୱିତ ହୋଇ ଏଭଳି ପିଲାଳିଆମୀ ମନ୍ତବ୍ୟ ଟିଏ ଦେଇଥାଇପାରନ୍ତି।

ଆମେରିକାର ବିଶିଷ୍ଟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ ଆମେରିକା କେବେ ମଧ୍ୟ ଚାହେଁନାହିଁ ଯେ ଭାରତ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉ। କେବଳ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା ପାଇଁ ଭାରତ ସହିତ ଆମେରିକା ଛଳନା କରୁଛି। ଏପରିକି ଆମେରିକା ଭାରତର ଅର୍ଥନୀତିକୁ ଭୟ କରୁଛି। ତେଣୁ ନିକଟ ଭବିଷ୍ୟତରେ ଭାରତୀୟ ଅର୍ଥନୀତିକୁ ସୁହାଇବା ଭଳି କୌଣସି ବାଣିଜ୍ୟ ଚୁକ୍ତି ଆମେରିକା କରିବାର ସମ୍ଭାବନା ନାହିଁ ବୋଲି ସେ ବହୁପୂର୍ବରୁ ଚେତାଇ ଦେଇଥିଲେ, ଯାହା ଏବେ ପ୍ରାୟ ସତ ସାବ୍ୟସ୍ତ ହେବାକୁ ଯାଉଛି। ଯେତେବେଳେ ଟ୍ରମ୍ପଙ୍କ ମତିଗତି ନେଇ ଆମେରିକାର ଅର୍ଥନୀତିଜ୍ଞ ସନ୍ଦୀହାନ, ଆମେ ଭାରତୀୟ ହୋଇ 'ଡେଡ୍ ଇକୋନୋମି' ମନ୍ତବ୍ୟକୁ ସମର୍ଥନ କରିବା କେତେ ସମୀଚୀନ ତାହା ବିଚାର୍ଯ୍ୟ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧାଭାସ ଓ ସମାଲୋଚନା ଅପରିହାର୍ଯ୍ୟ। ତ୍ରୁଟିବିଚ୍ୟୁତି ସୁଧାରି ଶାସନ ବ୍ୟବସ୍ଥାକୁ ସୁସଂହତ ଓ ଲୋକାଭିମୁଖୀ କରିବାରେ ଶାସକଙ୍କ ପାଇଁ ଏହା ଏକ ଦର୍ପଣ ଭଳି କାର୍ଯ୍ୟ କରେ। ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ହେବା ସତ୍ତ୍ୱେ ଭାରତରେ ଅର୍ଥନୈତିକ ବୈଷମ୍ୟ ଉତ୍କଟ ଏବଂ ଏବେ ମଧ୍ୟ ଦେଶର ୮୦ କୋଟି ପରିବାର ରିହାତି ଯୋଜନା ଉପରେ ନିର୍ଭରଶୀଳ। କିନ୍ତୁ ଏ ସମ୍ପର୍କିତ ଆଲୋଚନା-ସମାଲୋଚନା ପାଇଁ ଦେଶର ଆଭ୍ୟନ୍ତରୀଣ ମଞ୍ଚରେ ବିଶାଳ ସୁଯୋଗ ରହିଛି। ଦଳୀୟ ରାଜନୀତି ଓ ଆଦର୍ଶଗତ ଅସୂୟା ଆଧାରରେ ବିରୋଧ କରିବା ପାଇଁ ବିଦେଶୀ ଶକ୍ତିର ସାହାଯ୍ୟ ନେବା କିମ୍ବା ଆକ୍ଷେପ କରିବା ପାଇଁ ଦେଶବିରୋଧୀ ମତ ଓ ମନ୍ତବ୍ୟକୁ ଆଧାର କରିବା ଆଦୌ ଦେଶଭକ୍ତିର ପରିଚୟ ନୁହେଁ। ଅଧିକନ୍ତୁ ଟ୍ରମ୍ପ ବାରମ୍ବାର ଦେଉଥିବା ଭାରତ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ସଂସଦରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇପାରିଥା'ନ୍ତା। ଶାସକ ଦଳକୁ ଦୋଛକିରେ ଛାଡ଼ିବା ପାଇଁ ବିରୋଧୀ ଦଳ ଏହାକୁ ଏକ ଅଭେଦ୍ୟ ଅସ୍ତ୍ର କରିପାରିଥା'ନ୍ତା। ଏହାଦ୍ୱାରା ମଧ୍ୟ ବିରୋଧୀ ଦଳର ରାଷ୍ଟ୍ରପ୍ରୀତି ଭାବମୂର୍ତ୍ତି ଆହୁରି ଉଜ୍ଜ୍ୱଳ ହୋଇଥା'ନ୍ତା। କିନ୍ତୁ ଯାହା ଲାଗୁଛି ଏଭଳି ଏକ ଅମୋଘ ଅସ୍ତ୍ରକୁ ବିରୋଧୀ ଦଳ ହାତଛଡ଼ା କରିଛି। ତା'ସହିତ ଟ୍ରମ୍ପଙ୍କ 'ଡେଡ୍ ଇକୋନୋମୀ' ମତକୁ ସମର୍ଥନ କରି ଅଯଥା ରାଷ୍ଟ୍ରହିତ ପରିପନ୍ଥୀ ଅପବାଦ ମୁଣ୍ଡାଇବା ସାର ହୋଇଛି।

ଆମ ପାଖରେ ରହିଛି ବିଶାଳ ଖାଉଟି ବଜାର, ଯାହା ଆମ ଅର୍ଥନୀତିର ସବୁଠାରୁ ଶକ୍ତିଶାଳୀ ଓ ଅଭେଦ୍ୟ ଢାଲ। ଏହାଛଡ଼ା ଭାରତୀୟ ଅର୍ଥନୀତିର ମୌଳିକ ଢାଞ୍ଚା ଏତେ ସୁଦୃଢ଼ ଯେ ସେଥିରେ କିଛିମାତ୍ରାରେ କେତେବେଳେ କେମିତି ଅତିକ୍ଷଣସ୍ଥାୟୀ ମୃଦୁକମ୍ପନ ସୃଷ୍ଟି ହୋଇପାରେ, କିନ୍ତୁ ଭୁଶୁଡ଼ିବାର ଆଶଙ୍କା ଆଦୌ ନାହିଁ। ଆମ ଦେଶର ବିଚକ୍ଷଣ, ଦୂରଦୃଷ୍ଟି ସମ୍ପନ୍ନ, ଧୂରୀଣ ଅର୍ଥନୀତିଜ୍ଞଙ୍କ ବିଗତ ୭୫ ବର୍ଷର ରଣନୀତି ଆମେ ଅର୍ଥନୀତିକୁ ଅମର କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶାସନ କ୍ଷମତା ଯେଉଁ ରାଜନୈତିକ ଓ ଦଳୀୟ ଆଦର୍ଶ ପରିଚାଳିତ ହେଉ ନା କାହିଁକି, ଆମ ଅର୍ଥନୀତିର ଅମରତ୍ୱ କ୍ଷୁଣ୍ଣ ହେବ ନାହିଁ; ଅନ୍ତତଃ ଏହି ଦୃଢ଼ ବିଶ୍ୱାସ ଦଳମତ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କ ରହିବା ଆବଶ୍ୟକ।

## ବୟସର ସାୟାହ୍ନରେ ଉତ୍କର୍ଷର ସୂର୍ଯ୍ୟୋଦୟ

ମନୋରଞ୍ଜନ ମହାନ୍ତି

ପ୍ରାୟତଃ କୌଣସି ଉଲ୍ଲେଖନୀୟ ଉପଲବ୍ଧି, ଉତ୍କର୍ଷ, ସଫଳତା ଆମ ବୟସ ଆଧାରିତ ଶାରୀରିକ ଓ ମାନସିକ ଦକ୍ଷତା ଉପରେ ନିର୍ଭର କରେ ବୋଲି ଏକ ବଦ୍ଧମୂଳ ଧାରଣା ରହିଛି। ଅନେକେ ମଧ୍ୟ ଆୟୁ-ଉତ୍କର୍ଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଥିବା ବିଶ୍ୱାସ କରନ୍ତି ଏବଂ ବୟସର ଉତ୍ତରାୟଣରେ ହତୋତ୍ସାହିତ ଓ ଉଦାସୀନ ହୋଇପଡ଼ନ୍ତି। ଏହି ମାନସିକ ଭାବନା ସେମାନଙ୍କୁ ପ୍ରତିଭା ଓ ଉପଲବ୍ଧିଠାରୁ ଦୂରେଇ ନିଏ। କିନ୍ତୁ ଆମ ଇତିହାସ ଏଭଳି ଅନେକ ଉଦାହରଣରେ ସମୃଦ୍ଧ, ଯେଉଁଠାରେ ଉପଲବ୍ଧି ଓ ଉତ୍କର୍ଷ ଆଗରେ ବୟସ ହାର ମାନିଛି। ବୟସର ସାୟାହ୍ନରେ ଉପଲବ୍ଧିର ସୂର୍ଯ୍ୟୋଦୟ ଘଟିଛି।

୨୦୨୧ ମସିହା ସେପ୍ଟେମ୍ବର ମାସରେ ପୃଥିବୀର ଦୁଇଜଣ ମହାନ୍ କଳାକାରଙ୍କ ଦେହାନ୍ତ ହୋଇଥିଲା। ଜଣେ ଥିଲେ ଗ୍ରୀସ୍‌ର ସଙ୍ଗୀତକାର ମିକିସ୍ ଥିଓଡୋରାକିସ୍। ଆଉ ଜଣେ ଫ୍ରାନ୍ସର ଅଭିନେତା ଜାଁ-ପଲ୍ ବେଲ୍‌ମୋଣ୍ଡୋ। ଥିଓଡୋରାକିସ୍ ୧୯୨୫ ମସିହା ଜୁଲାଇ ୨୯ ତାରିଖରେ ଚିଓସ୍‌ର ପୂର୍ବ ଏଜିଆନ୍ ଦ୍ୱୀପରେ ଜନ୍ମ ହୋଇଥିଲେ ଏବଂ ଅଳ୍ପ ବୟସରୁ ସଙ୍ଗୀତ, କବିତା ରଚନାରେ ମନ ଦେଇଥିଲେ। ୨ୟ ବିଶ୍ୱଯୁଦ୍ଧ ସମୟରେ ଗ୍ରୀସ୍‌କୁ ଅଧିକାର କରିଥିବା ଇଟାଲୀୟ, ଜର୍ମାନ୍‌ମାନେ ତାଙ୍କୁ ବାମପନ୍ଥୀ ପ୍ରତିରୋଧ ଦଳରେ ସଂପୃକ୍ତ ଥିବା ଅଭିଯୋଗରେ ଗିରଫ କଲେ। ତାଙ୍କ ଦଳ ଯୁଦ୍ଧ ଶେଷରେ ଗଠିତ ସରକାର ଓ ସମ୍ରାଟଙ୍କୁ ବିରୋଧ କରୁଥିଲା। ଫଳସ୍ୱରୂପ ୧୯୪୬-୪୯ ମସିହାରେ ଗ୍ରୀସ୍‌ରେ ଗୃହଯୁଦ୍ଧ ସଂଘଟିତ ହେଲା, ଯେଉଁଥିରେ କମ୍ୟୁନିଷ୍ଟ ସମର୍ଥିତ ବିଦ୍ରୋହୀମାନେ ପରାସ୍ତ ହେଲେ। ଥିଓଡୋରାକିସ୍ ଗ୍ରୀକ୍ ଦ୍ୱୀପପୁଞ୍ଜ ଏପରିକି ଏଥେନ୍ସ ନିକଟବର୍ତ୍ତୀ କ୍ଷୁଦ୍ର ଦ୍ୱୀପ ମାକ୍ରୋନିଶୋସ୍‌ର କୁଖ୍ୟାତ କ୍ୟାମ୍ପରେ କାରାରୁଦ୍ଧ ହେଲେ। ତାଙ୍କୁ ପ୍ରବଳ ଶାରୀରିକ ନିର୍ଯାତନା ଦିଆଯାଇ ହାତଗୋଡ଼ ଭାଙ୍ଗି ଦିଆଗଲା। ତାଙ୍କ ଶରୀରର ବିଭିନ୍ନ ଅଂଶରେ କ୍ଷତ ସୃଷ୍ଟି ହେଲା, ଶ୍ୱାସକ୍ରିୟା ଜନିତ ସମସ୍ୟା ଦେଖାଦେଲା। ସେ ଯକ୍ଷ୍ମାରୋଗରେ ପୀଡ଼ିତ ହେଲେ। ଏପରିକି ତାଙ୍କୁ ଏକ ମାନସିକ ରୋଗ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ଏତେ ଦୁଃଖକଷ୍ଟ ସତ୍ତ୍ୱେ ସେ ନିଜକୁ ଜଣେ ସଙ୍ଗୀତଜ୍ଞ ଭାବରେ ପ୍ରତିଷ୍ଠା କରିପାରିଥିଲେ। ୧୯୬୪ ମସିହାରେ ଆନ୍ଥୋନି କ୍ୱିନ୍ ଅଭିନୀତ 'ଯୋର୍‌ବା : ଦି ଗ୍ରୀକ୍' ଚଳଚ୍ଚିତ୍ର ଓ ୧୯୭୩ରେ ଅଲ୍ ପାସିନୋ ଅଭିନୀତ 'ସର୍ପିକୋ' ଚଳଚ୍ଚିତ୍ରରେ ସଙ୍ଗୀତ ସଂଯୋଜନା କରି ସେ ଅନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିଲେ।

ସେହିପରି ଫ୍ରାନ୍ସର ଅଭିନେତା ବେଲ୍‌ମୋଣ୍ଡୋଙ୍କ ଜନ୍ମ ୧୯୩୩ ମସିହାରେ। ୧୯୫୮ରେ 'ସୋଇସ୍ ବେଲେ ଏଟ୍ ଟାଇସ୍ - ଟୋଇ' (ଲୁକ୍ ପ୍ରେଟି ଆଣ୍ଡ ସଟ୍ ଅପ୍), ୧୯୫୯ରେ କ୍ଲଡି ଚାବ୍ରୋଲ୍‌ଙ୍କ 'ଏ ଡବଲ୍ ଟୁର୍' ଚଳଚ୍ଚିତ୍ରଗୁଡ଼ିକରେ ଅଭିନୟ କରି ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେ ସତ୍ୟ, କିନ୍ତୁ ଜାଁ-ଲୁକ୍-ଗୋଡାର୍ଡ଼ଙ୍କ 'ବ୍ରେଥଲେସ୍' ଚଳଚ୍ଚିତ୍ରରେ ଅଭିନୟ ତାଙ୍କୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଏକ ଚୁମ୍ବକୀୟ ବ୍ୟକ୍ତିତ୍ୱରେ ପରିଣତ କରିଥିଲା। ନୂଆ ପିଢ଼ିର ନିର୍ଦ୍ଦେଶକ ଫ୍ରାନ୍‌ସିସ୍ ଟ୍ରୁଫଟ୍, ଆଲେନ୍ ରେସ୍‌ନାଇସ୍ ଓ ଲୁଇସ୍ ମାଲେଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରରେ ଅଭିନୟ କରି ସେ ଏଭଳି ସ୍ୱନାମଧନ୍ୟ ହୋଇଥିଲେ ଯେ ତାଙ୍କୁ ଆମେରିକାର ୩ଜଣ ଶ୍ରେଷ୍ଠ ଅଭିନେତା ହମ୍ଫ୍ରେ ବୋଗାର୍ଟ, ମାର୍ଲୋନ୍ ବ୍ରାଣ୍ଡୋ ଓ ଜେମ୍ସ ଡିନ୍‌ଙ୍କ ସହିତ ତୁଳନା କରାଯାଏ। ବେଲ୍‌ମୋଣ୍ଡୋଙ୍କ ଦେହାନ୍ତରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଟ୍ୱିଟ୍ କରି କହିଥିଲେ, 'ଫ୍ରାନ୍ସ୍ ଏକ ଜାତୀୟ ସମ୍ପଦକୁ ହରାଇଲା।' ଏ ଦୁଇ ଜଣଙ୍କୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ, ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ଗ୍ରୀସ୍‌ର ସଙ୍ଗୀତକାର ଥିଓଡୋରାକିସ୍ ୯୬ବର୍ଷ ବୟସ ପର୍ଯ୍ୟନ୍ତ, ଫ୍ରାନ୍ସର ଅଭିନେତା ବେଲ୍‌ମୋଣ୍ଡୋ ୮୮ବର୍ଷ ବୟସ ପର୍ଯ୍ୟନ୍ତ ନିଜ ନିଜ କ୍ଷେତ୍ରରେ ବେଶ୍ ସକ୍ରିୟ ଥିଲେ। ଅର୍ଥାତ୍ ସେହି କ୍ଷେତ୍ର ସହିତ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ।

୯୭ବର୍ଷ ବୟସରେ ରସାୟନବିଜ୍ଞାନୀ ଗୁଡେନ୍‌ବଗ୍‌ର, ଜନ୍.ବି.ଗୁଡ୍‌ଏନଫ୍, ୯୬ ବର୍ଷ ବୟସରେ ପଦାର୍ଥବିଜ୍ଞାନୀ ଆର୍ଥର୍ ଆସ୍‌କିନ୍, ୯୦ବର୍ଷ ବୟସରେ ପଦାର୍ଥବିଜ୍ଞାନୀ ରୋଜର୍ ପେନ୍‌ରୋଜ୍ ନୋବେଲ୍ ପୁରସ୍କାର ପାଇଥିଲେ। ୯୨ବର୍ଷ ବୟସରେ ମହାଥିର୍ ମୋହମ୍ମଦ ମାଲେସିଆର ପ୍ରଧାନମନ୍ତ୍ରୀ, ୮୨ବର୍ଷ ବୟସରେ ମୋରାରଜୀ ଦେଶାଇ ଭାରତର ପ୍ରଧାନମନ୍ତ୍ରୀ, ୭୮ବର୍ଷ ବୟସରେ ଡ. ରାଜେନ୍ଦ୍ରପ୍ରସାଦ ଭାରତର ରାଷ୍ଟ୍ରପତି, ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି, ୭୨ବର୍ଷ ବୟସରେ ନେଲ୍‌ସନ୍ ମାଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦ ମଣ୍ଡନ କରିଥିଲେ। ୧୦୦ବର୍ଷ ବୟସରେ ଭାରତରତ୍ନ ବିଶ୍ୱେଶ୍ୱରାୟା ବିଭିନ୍ନ ଇଂଜିନିୟରିଂ ପ୍ରୋଜେକ୍ଟ ସଂକ୍ରାନ୍ତରେ ଦିଗ୍‌ଦର୍ଶନ ଦେବା, ୯୯ବର୍ଷ ବୟସରେ ନିରଦଚନ୍ଦ୍ର ଚୌଧୁରୀ ଲେଖାଲେଖିରେ ମନୋନିବେଶ କରିବା, ୬୫ବର୍ଷ ବୟସରେ ରବୀନ୍ଦ୍ରନାଥ ଠାକୁର ଚିତ୍ରାଙ୍କନ ଶିକ୍ଷା ଆରମ୍ଭ କରିବା ଇତ୍ୟାଦି ସୂଚାଇ ଦେଉଛି ଜୀବନରେ କୌଣସି ଉଲ୍ଲେଖଯୋଗ୍ୟ ମହତ କାର୍ଯ୍ୟ କରିବା ଓ ସଫଳତା ଅର୍ଜନ କରିବା ପାଇଁ ବୟସ ଆଦୌ ବାଧକ ନୁହେଁ। ମଣିଷ କେବଳ ନିଜ ପାଇଁ ସାଧନାର ପରିବେଶ ବା କ୍ଷେତ୍ରଟିଏ ପ୍ରସ୍ତୁତ କରିବା ଓ ନିଜ ଅନ୍ତଃସ୍ଥ ଶକ୍ତିର ଉପଯୋଗ କରି ସେହି କ୍ଷେତ୍ରଟିକୁ ବିକଶିତ କରିବା ହେଉଛି ଅସଲ କଥା।

ଦକ୍ଷିଣ-ପୂର୍ବ ଏସିଆର ଲୋକପ୍ରିୟ 'କୋଇ ଆଇନ୍'ରେ ଉଲ୍ଲେଖ ଅଛି, 'କୋଇ' ନାମକ ଏକ ପ୍ରକାର ମାଛ ନିଜର ପରିବେଶ ଅନୁଯାୟୀ ବଡ଼ ଅବା ଛୋଟ ଆକାରର ହୋଇଥାଏ। ସେହିପରି ମଣିଷର ଅଭିବୃଦ୍ଧି, ବିବର୍ତ୍ତନ ତା'ର ପରିବେଶ, ଅଭିଜ୍ଞତା ଉପରେ ନିର୍ଭର କରେ। 'କୋଇ' ମାଛ ଅସୀମ ଶକ୍ତିର ଧାରକ ବୋଲି ବିଶ୍ୱାସ କରାଯାଏ, ଯାହା ମଣିଷକୁ ତା' ଜୀବନର ଲକ୍ଷ୍ୟ ଧାର୍ଯ୍ୟ ଓ ଉଦ୍ୟମ ଜରିଆରେ ସେହି ଲକ୍ଷ୍ୟର ପୂରଣ ନିମିତ୍ତ ପ୍ରେରଣା ଦିଏ। ଜାପାନୀ ପରମ୍ପରାରେ 'କୋଇ' ମାଛ ସୌଭାଗ୍ୟ, ଅଧ୍ୟବସାୟ, ପ୍ରାଚୁର୍ଯ୍ୟର ପ୍ରତୀକ। ବୌଦ୍ଧଧର୍ମରେ ତାହା ସାହସ ଓ ପ୍ରଗତିର ପ୍ରତିନିଧିତ୍ୱ କରେ। ତେଣୁ 'କୋଇ ଆଇନ୍'ର ସାରାଂଶ ହେଉଛି ମଣିଷର ଅଭିବୃଦ୍ଧି, ସୌଭାଗ୍ୟ, ପ୍ରାଚୁର୍ଯ୍ୟ, ପ୍ରଗତି, ବିବର୍ତ୍ତନ ତା'ର ପରିବେଶ, ଅଭିଜ୍ଞତା, ଅଧ୍ୟବସାୟ, ସାହସ ଉପରେ ନିର୍ଭର କରେ, ଯେଉଁ ଆଇନ୍ ନିଜ ଜୀବନରେ ପ୍ରୟୋଗ କରିବା ହେଉଛି ମଣିଷର ଦାୟିତ୍ୱ। କେବଳ ଜଣେ ସାହସୀ, ଅଧ୍ୟବସାୟୀ ମଣିଷ ଯେକୌଣସି ବୟସରେ ବି ଏକ ରଚନାତ୍ମକ ପରିବେଶ ସୃଷ୍ଟି କରିପାରିବ ଏବଂ ସେହି ପରିବେଶରେ କାର୍ଯ୍ୟ କରି ସମାଜ ପ୍ରତି ତା'ର ମହାର୍ଘ ମହତ କର୍ତ୍ତବ୍ୟ ନିର୍ବାହ କରିପାରିବ।


ମାର୍ଗାରେଟ୍ ଆଟ୍‌ଉଡ୍‌ଙ୍କ ଉପନ୍ୟାସ ଆଧାରିତ ଟେଲିଭିଜନ୍ ସିରିଜ୍ 'ଦି ହ୍ୟାଣ୍ଡମେଡ୍ସ ଟେଲ୍'ରେ ମଣିଷର ସ୍ୱାଧୀନତା ସହିତ ତା'ର ଚିନ୍ତା ଓ କର୍ମର ବ୍ୟାପକତା ସୂଚିତ ହୋଇଛି। ଆମେରିକୀୟ ମନସ୍ତତ୍ତ୍ୱବିତ୍ ଆବ୍ରାହାମ୍ ମାସ୍‌ଲୋ ଅଙ୍କନ କରିଥିବା ପିରାମିଡ୍-ଆକାର 'ହାଏରାର୍କି ଅଫ୍ ନିଡ୍ସ' ଏବଂ ରଚନା କରିଥିବା ନିବନ୍ଧ 'ଏ ଥିଓରି ଅଫ୍ ହ୍ୟୁମାନ୍ ମୋଟିଭେସନ୍'ରେ କୁହାଯାଇଛି, ମଣିଷର ପ୍ରଥମ ଆବଶ୍ୟକତା ଶରୀର ସମ୍ବନ୍ଧୀୟ, ଦ୍ୱିତୀୟ ସୁଖ ଓ ବିତ୍ତୀୟ ନିରାପତ୍ତା, ତୃତୀୟ ଶ୍ରଦ୍ଧା, ବନ୍ଧୁତା ଓ ପାରିବାରିକ ବନ୍ଧନ ଜରିଆରେ ଆବେଗିକ ମଙ୍ଗଳ, ଚତୁର୍ଥ ସାମାଜିକ ବୃତ୍ତିଗତ ସମ୍ମାନ ଓ ସ୍ୱୀକୃତି ଏବଂ ପିରାମିଡ୍‌ର ଶୀର୍ଷସ୍ଥ ପଞ୍ଚମ ଆବଶ୍ୟକତା ଆତ୍ମ-ବାସ୍ତବାୟନ। ଅର୍ଥାତ୍ ଜଣେ ମଣିଷ ଭାବରେ ନିଜର ସମ୍ପୂର୍ଣ୍ଣ ଅନ୍ତଃଶକ୍ତିର ଉପଲବ୍ଧି।

ପ୍ରତ୍ୟେକ ମଣିଷ କିଛି ନା କିଛି ଅନ୍ତଃଶକ୍ତି ଧାରଣ କରିଥାଏ। କିନ୍ତୁ ଏକ ସକାରାତ୍ମକ ପରିବେଶରେ ସେହି ଶକ୍ତିକୁ ଉପଲବ୍ଧି କରି ଗଠନମୂଳକ କାର୍ଯ୍ୟରେ ତାକୁ ଉପଯୋଗ କରିବା ଦ୍ୱାରା ସଂପୃକ୍ତ ମଣିଷର ଓ ସମଗ୍ର ସମାଜର ମଙ୍ଗଳ ହୋଇଥାଏ। କେତେକ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ ଅନୁଯାୟୀ, ଇନ୍‌ଫୋଟେକ୍ କନ୍‌ସଲ୍‌ଟାଣ୍ଟ ନରେଶଚନ୍ଦ୍ର ସିଂହ ୨୦୧୦ ମସିହାରେ ନବୀ ମୁମ୍ବାଇର ଖରଘର୍ ଅଞ୍ଚଳକୁ ଆସି ଅବସ୍ଥାନ କଲେ। ଜ୍ୟୋତି ନାଦକର୍ଣ୍ଣି ୨୦୧୬ ମସିହାରେ ଆଫ୍ରିକାରୁ ଭାରତକୁ ଫେରିଆସିଲେ। ଖରଘର୍‌ର ସୌନ୍ଦର୍ଯ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷଲତା ଇତ୍ୟାଦିକୁ ଦେଖି ସେମାନେ ଖୁବ୍ ଆନନ୍ଦ ଅନୁଭବ କଲେ। କିନ୍ତୁ ଲକ୍ଷ୍ୟକଲେ, ସେଠାକାର ହ୍ରଦ ଦୂଷିତ, ପାହାଡ଼ ଜଙ୍ଗଲ କ୍ଷୟ ହେଉଛି। ତେଣୁ ସେମାନେ ମାତ୍ର ୪ଜଣଙ୍କୁ ନେଇ ଏକ କ୍ଷୁଦ୍ର 'ପ୍ରକୃତି ସଂରକ୍ଷକ ଦଳ' ଗଠନ କଲେ। ଏବେ ସେହି ଦଳର ସଦସ୍ୟ ସଂଖ୍ୟା ୫୦୦, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଆଇ.ଆଇ.ଟି ଗବେଷକ, ଫଟୋଗ୍ରାଫର୍, ପଶୁପକ୍ଷୀଙ୍କ ସୁରକ୍ଷାଦାତା କର୍ମୀ, ଲେଖକ, ଓକିଲ, କର୍ପୋରେଟ୍ ବୃତ୍ତିଧାରୀ, ସାଧାରଣ ମଣିଷ ଓ ଅବସରପ୍ରାପ୍ତ ଅଫିସର୍, ବରିଷ୍ଠ ନାଗରିକ। ସେମାନେ ବୃକ୍ଷରୋପଣ ଓ ଜଳାଶୟଗୁଡ଼ିକର ସଂରକ୍ଷଣ କରି ଜୈବ ବିବିଧତାରେ ସମୃଦ୍ଧ ଖରଘର୍ ଅଞ୍ଚଳର ପ୍ରାକୃତିକ ସମ୍ପଦଗୁଡ଼ିକୁ ସୁରକ୍ଷିତ କରୁଛନ୍ତି। ସାରା ପୃଥିବୀରେ ଏମିତି ଅସଂଖ୍ୟ ଦୃଷ୍ଟାନ୍ତ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେପରି ମହତ୍ କାର୍ଯ୍ୟ ସହିତ ଅବସରପ୍ରାପ୍ତ କର୍ମଚାରୀ, ବରିଷ୍ଠ ନାଗରିକମାନଙ୍କର ସଂପୃକ୍ତି। ସେମାନେ ପ୍ରମାଣ କରୁଛନ୍ତି ଯେ ସମଗ୍ର ସମାଜ ପ୍ରତି ନୈତିକ ଦାୟିତ୍ୱ ନିର୍ବାହ କରିବା ଦିଗରେ ବୟସ ଆଦୌ ବାଧକ ନୁହେଁ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଷଢ଼େଇକଳା-ଖରସୁଆଁର ଦୁଃଖ

ରବୀନ୍ଦ୍ର ପଟ୍ଟନାୟକ





ସମ୍ପ୍ରତି କୋଟିଆକୁ ନେଇ ଆଲୋଚନା ଓ ଉତ୍ତେଜନା ଜୋର ଧରିଛି। ଏ ସମ୍ପର୍କିତ ଖବର ସବୁ ଗଣମାଧ୍ୟମରେ ନିୟମିତ ସ୍ଥାନ ପାଉଛି। କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ଓ ଆଞ୍ଚଳିକ ରାଜନୀତି ମଧ୍ୟ ବେଶ୍ ଚଳଚଞ୍ଚଳ ହେଉଛି। ଏହି ଚର୍ଚ୍ଚା ଭିତରେ ୭୭ବର୍ଷ ଧରି ଓଡ଼ିଶା ବାହାରେ ଥିବା ଓଡ଼ିଆବହୁଳ ଅଞ୍ଚଳ 'ଷଢ଼େଇକଳା-ଖରସୁଆଁ'ର ଅନ୍ତଃବେଦନା ଓ ସ୍ୱର ହଜି ଯାଉଛି। କେବଳ କେବେକେମିତି ଏ ସମ୍ପର୍କିତ ଆଲୋଚନା ଔପଚାରିକତାରେ ଶେଷ ହେଉଛି ସିନା ସେହି ଅଞ୍ଚଳର ସମସ୍ୟା, ଓଡ଼ିଆ ଅସ୍ମିତା ଓ ଓଡ଼ିଶାରେ ପୁନଃମିଶ୍ରଣ ପାଇଁ ଆନ୍ତରିକତାର ଅଭାବ ଦେଖାଦେଉଛି।

ଓଡ଼ିଆ ଗଡ଼ଜାତ ରାଜ୍ୟ ଷଢ଼େଇକଳାର ମହାରାଜା ଆଦିତ୍ୟ ପ୍ରତାପ ସିଂହଦେବ ଏବଂ ଖରସୁଆଁର ରାଜା ରାମଚନ୍ଦ୍ର ସିଂହଦେବ ୧୫ଡିସେମ୍ବର ୧୯୪୭ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶକ୍ରମେ ଚୁକ୍ତିନାମାରେ ସ୍ୱାକ୍ଷର କଲା ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ୧.୧.୧୯୪୮ ରୁ ୧୭.୫.୧୯୪୮ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚମାସ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ରହିଥିଲା। ତତ୍କାଳୀନ ବିହାରର ପ୍ରଭାବଶାଳୀ ନେତାଙ୍କ ଚକ୍ରାନ୍ତ ତଥା ତତ୍କାଳୀନ ଦୁର୍ବଳ ଓଡ଼ିଆ ନେତୃତ୍ୱ ପାଇଁ ବିହାର ସହ ୧୮.୦୫.୧୯୪୮ରେ ଏକବର୍ଷ ପାଇଁ ବା ମୟୂରଭଞ୍ଜ ଓଡ଼ିଶାରେ ମିଶିବା ପର୍ଯ୍ୟନ୍ତ ଏହା ସାମୟିକ ଭାବେ ସାମିଲ ହେବାକୁ ପ୍ରସ୍ତାବ ରହିଥିଲା। କିନ୍ତୁ ଏହାଭିତରେ ଦୀର୍ଘ ୭୭ ବର୍ଷ ବିତିଯାଇଛି। ସେହି ଦୁଇ ଓଡ଼ିଆ ଅଞ୍ଚଳ ଓଡ଼ିଶାକୁ ଆଉ ଫେରି ପାରିନି।

ଉଲ୍ଲେଖଯୋଗ୍ୟ, ଅବିଭକ୍ତ ବିହାରର ବିଭାଜନ ବେଳେ ଝାଡ଼ଖଣ୍ଡରୁ ଷଢ଼େଇକଳା-ଖରସୁଆଁକୁ ଅଲଗା କରି ଓଡ଼ିଶାରେ ମିଶ୍ରଣ ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ପାରିତ ହୋଇଥିଲା। ବାଚସ୍ପତିଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧିଦଳ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଗୃହମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ସାକ୍ଷାତ କରି ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ, ଷଢ଼େଇକଳା-ଖରସୁଆଁର ନ୍ୟାଯ୍ୟ ଦାବିକୁ ଆଡ଼େଇ ଯାଇ କେବଳ ଏତିକି ପ୍ରତିଶ୍ରୁତି ଦେଇଥିଲେ ଯେ, ଷଢ଼େଇକଳା-ଖରସୁଆଁର ସର୍ବାଙ୍ଗୀନ ବିକାଶ କଥା ବୁଝିବା ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ସରକାରଙ୍କ ଗୁରୁଦାୟିତ୍ୱ। ଏହାପରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଟି ଝାଡ଼ଖଣ୍ଡ ଗଠନ ହେବା ଦିନ ୧୫ ନଭେମ୍ବର ୨୦୦୦ରୁ ଏପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରି ଶତଳ ଭଣ୍ଡାରରେ ପଡ଼ି ରହିଛି। ଏପରିକି ଝାଡ଼ଖଣ୍ଡରେ ଓଡ଼ିଆକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ମିଳିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନହୋଇ କେବଳ କାଗଜକଲମରେ ସୀମିତ ରହିଛି। ନା ଏହାକୁ କାର୍ଯ୍ୟକାରୀ କରୁଛି ଓଡ଼ିଶା ନା ଝାଡ଼ଖଣ୍ଡ ସରକାର।

ଓଡ଼ିଆବହୁଳ ଦୁଇ ଅଞ୍ଚଳ ଷଢ଼େଇକଳା ଓ ଖରସୁଆଁ ଏବେ ଝାଡ଼ଖଣ୍ଡର ଏକ ଜିଲ୍ଲା, ଯାହାକି ବିହାରଠାରୁ ଅଲଗା ହୋଇ ୧୫.୧୧.୨୦୦୦ରେ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଛି। କିନ୍ତୁ ଦୀର୍ଘ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ଓଡ଼ିଶା ବାହାରେ ରହିଥିବା ଓଡ଼ିଶାର ଏକ ଜିଲ୍ଲା କେମିତି ଓଡ଼ିଶାକୁ ଫେରିବ ସେ ସମ୍ପର୍କରେ ଓଡ଼ିଆ ଗଣମାଧ୍ୟମ, ଓଡ଼ିଶାର ନେତୃବୃନ୍ଦ, ଓଡ଼ିଆ ସଂଗଠନ ଓ ବୁଦ୍ଧିଜୀବୀ ନିରବ ନିଷ୍କ୍ରିୟ। ଅତି ଦୁଃଖ ଓ କ୍ଷୋଭର ବିଷୟ ଯେ, ଓଡ଼ିଆ ଅଧ୍ୟୁଷିତ ଷଢ଼େଇକଳା-ଖରସୁଆଁକୁ ଦୀର୍ଘ କୋଡ଼ିଏ ବର୍ଷ ଧରି ଓଡ଼ିଶା ବିଧାନସଭାର ସଂଖ୍ୟାଲଘୁ ଭାଷା କମିଟି ଗସ୍ତ କରି ପ୍ରତ୍ୟକ୍ଷ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ନେଇ ଚିନ୍ତାଜନକ ପରିସ୍ଥିତିକୁ ଅନୁଧ୍ୟାନ କରିନାହାଁ।

ପ୍ରତିକୂଳ ପରିସ୍ଥିତି ଓ ପରିବେଶ ସହ ପ୍ରତିଦିନ ସଂଘର୍ଷ କରି ଆସୁଥିବା ଷଢ଼େଇକଳା-ଖରସୁଆଁର ଉପେକ୍ଷିତ ଓଡ଼ିଆମାନଙ୍କ ଓଡ଼ିଆପଣ ଓ ଓଡ଼ିଆଟାଣ ମୂଳ ଓଡ଼ିଶା ଭୂଖଣ୍ଡର ଓଡ଼ିଆମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ, ବରଂ ଅଧିକ। ଓଡ଼ିଶା ସରକାରଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ମାଧ୍ୟମରେ ନିଯୁକ୍ତ ଓଡ଼ିଆ ଭାଷା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମିଳୁଥିବା ମାସିକ ନାମମାତ୍ର ପାରିଶ୍ରମିକ(୩ହଜାର ଟଙ୍କା), ଯାହାକି ବର୍ଷକୁ ଦଶମାସ ପାଇଁ ଥରେ ମିଳେ, ତାହା ମଧ୍ୟ ଗତ ବର୍ଷେ ଧରି ମିଳିନାହିଁ। କରୋନା ମହାମାରୀ କାଳ ୨୦୨୦-୨୧ର ପାରିଶ୍ରମିକ କୌଣସି କାରଣ ପାଇଁ ଅଟକି ରହିଛି। ଗତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଓଡ଼ିଆ ଶିକ୍ଷାକର୍ମୀଙ୍କ ମାସିକ ପାରିଶ୍ରମିକ ୩ହଜାରରୁ ୬ହଜାରକୁ ବୃଦ୍ଧି କରି ପ୍ରତିମାସ କରିବାକୁ ଦେଇଥିବା ପ୍ରତିଶ୍ରୁତି ଖାଲି 'ପ୍ରତିଶ୍ରୁତି'ରେ ହିଁ ରହିଯାଇଛି।

ଆମ ଆଗରେ ବର୍ତ୍ତମାନ ଏକ ବଡ଼ ପ୍ରଶ୍ନ, ଏହି ସଂକଟଜନକ ପରିସ୍ଥିତିରେ କିଏ ବୁଝିବ ଆମ ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା-ଖରସୁଆଁର ଉପେକ୍ଷିତ, ନିର୍ଯାତିତ ମାତୃଭାଷାର ସୁରକ୍ଷା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଅହରହ ସଂଘର୍ଷରତ ପ୍ରାୟ ସାତ ଲକ୍ଷ ଓଡ଼ିଆଙ୍କ ଦୁଃଖ, କଷ୍ଟ ଓ ଦୈନ୍ୟ? ଷଢ଼େଇକଳା-ଖରସୁଆଁରେ ଦୃଢ଼ ଓଡ଼ିଆ ନେତୃତ୍ୱ ସୃଷ୍ଟି କରିବା ଆଜିର ବଡ଼ ଆହ୍ୱାନ। ଉପେକ୍ଷିତ, ନିଷ୍ପେଷିତ, ନିର୍ଯାତିତ ଓ ଅବହେଳିତ ଓଡ଼ିଆ ଭାଷୀମାନଙ୍କୁ ସଂଗଠିତ କରି ସୁଚିନ୍ତିତ ଯୋଜନା ଓ ଉପଯୁକ୍ତ ମାର୍ଗଦର୍ଶନ ଆବଶ୍ୟକ।

ରାଇରଙ୍ଗପୁର, ମୋ:୮୨୪୯୪୯୦୬୬୩

## କର୍କଟ ରୋଗ ପ୍ରତିରୋଧୀ ଶର୍କରା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ବର୍ତ୍ତମାନ ପୃଥିବୀରେ ସବୁଠାରୁ ଭୟଙ୍କର ରୋଗ ରୂପେ ପରିଗଣିତ ହେଉଛି କର୍କଟ। ଏକପକ୍ଷରେ ତାହା ଘାତକ ଏବଂ ଅନ୍ୟପକ୍ଷରେ ଯନ୍ତ୍ରଣାଦାୟକ। ୨୦୨୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ହୋଇଥିବା ଆକଳନ ଅନୁସାରେ ସେ ବର୍ଷ ବିଶ୍ୱରେ ୨୦ ନିୟୁତ ନୂଆ ରୋଗୀ ସାମିଲ୍ ହୋଇଥିବା ବେଳେ ୯.୭ ନିୟୁତ ଲୋକ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଏ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି ପ୍ରାୟ ୫୩.୫ ନିୟୁତ ଲୋକ (୨୦୨୪ ମସିହା)।

ବିବିଧ ଅଙ୍ଗକୁ ପ୍ରଭାବିତ କରୁଥିବା କର୍କଟରୋଗ ମଧ୍ୟରୁ ଫୁସ୍‌ଫୁସ୍ କର୍କଟରୋଗର ସ୍ଥାନ ସର୍ବାଗ୍ରେ। ଉପରୋକ୍ତ ଗଣନା ଅନୁସାରେ ୨୦୨୨ ମସିହାରେ ବିଶ୍ୱରେ ଏ ରୋଗୀଙ୍କ ସଂଖ୍ୟା ୨.୫ ନିୟୁତ ଥିବା ବେଳେ ସ୍ତନକର୍କଟ, ବୃହଦନ୍ତ୍ର କର୍କଟ, ପୌରୁଷଗ୍ରନ୍ଥି କର୍କଟ, ପାକସ୍ଥଳୀ କର୍କଟ ଏବଂ ଗର୍ଭାଶୟ କର୍କଟରେ ଯଥାକ୍ରମେ ଆକ୍ରାନ୍ତ ହୋଇଥିଲେ ୨.୩ ନିୟୁତ, ୧.୧ ନିୟୁତ ୧.୫ ନିୟୁତ, ୯, ୭୦, ୦୦୦ ଏବଂ ୬୬୧, ୪୦୦ ଲୋକ। ସେହିପରି ଫୁସ୍‌ଫୁସ୍ କର୍କଟରେ ୧.୮ ନିୟୁତ, ବୃହଦନ୍ତ୍ର କର୍କଟରେ ୯, ୦୦, ୦୦୦, ଯକୃତ କର୍କଟରେ ୭, ୬୦, ୦୦୦, ସ୍ତନକର୍କଟରେ ୬୭, ୦୦୦, ପାକସ୍ଥଳୀ କର୍କଟରେ ୬, ୬୦, ୦୦୦ ଏବଂ ଗର୍ଭାଶୟ କର୍କଟରେ ୩, ୪୮, ୧୮୬ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୫୦ ମସିହା ବେଳକୁ ୨୦୨୨ ମସିହା ତୁଳନାରେ ଏ ରୋଗୀଙ୍କ ସଂଖ୍ୟା ୭୭ ଶତାଂଶ ଅଧିକ ହେବ ବୋଲି ଆକଳନ କରାଯାଇଛି।

ସେଥିପାଇଁ ଏ ରୋଗର ସଫଳ ଚିକିତ୍ସା ଲାଗି ସାରା ବିଶ୍ୱରେ ଚାଲିଛି ବିଭିନ୍ନ ଦିଗରୁ ଉଦ୍ୟମ। ତନ୍ମଧ୍ୟରୁ ଗୋଟିକରେ ଚାଇନିଜ ଆକାଡେମୀ ଅଫ୍ ସାଇନସେସ୍‌ର କିଛି ଗବେଷକ ଗଭୀର ସମୁଦ୍ରରେ ବାସ କରୁଥିବା ଏକପ୍ରକାର ଜୀବାଣୁଠାରେ ଏହାର ପ୍ରତିହତ କରିବାର ସାମର୍ଥ୍ୟ ଥିବାର ଆବିଷ୍କାର କରିଛନ୍ତି ବୋଲି ସୂଚୀତ କରିଛନ୍ତି ଜୁଲାଇ, ୨୦୨୫ ସଂଖ୍ୟାର 'ଦ ଏଫ୍‌ଏଏସ୍‌ଇବି ଜର୍ଣ୍ଣାଲ'ରେ। ତଦନୁଯାୟୀ ତା'ଠାରେ ଏକ ଦୀର୍ଘ ମାଳାଯୁକ୍ତ ଶର୍କରା ବା 'ଏକ୍ସୋ ପଲି ସାକାରାଇଡ୍'ର ଗୁଣ ରହିଛି। ଏହି ଜୀବାଣୁଗୁଡ଼ିକ ହେଲେ 'ସ୍ପୋଙ୍ଗିବାକ୍ଟର ନାନାହାଇନସ ସିଏସ୍ସି୩.୯'। ତହିଁରେ ଥିବା କର୍କଟ ରୋଗ ପ୍ରତିରୋଧକାରୀ ଶର୍କରାଟି ହେଲା 'ଇପିଏସ୍ ୩.୯'। ଏଥିରେ ରହିଛି ମାନୋଜ୍ ଓ ଗ୍ଲୁକୋଜ୍ ଶର୍କରା। ଯାନ୍ତ୍ରିକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ 'ଇପିଏସ୍ ୩.୯ ପାଞ୍ଜୋଟି ଝିଲ୍ଲୀଥିବା 'ଫସ୍ଫୋଲିଫିଡ୍' ଅଣୁମାନଙ୍କୁ ସିଧାସଳଖ ଭେଦ କରିପାରେ ଏବଂ ମଣିଷର 'ଲ୍ୟୁକୋମିଆ (ଶ୍ୱେତକଣିକା ବୃଦ୍ଧି ରୋଗ) ଜୀବକୋଷମାନଙ୍କରେ ପାଇରୋଷ୍ଟସିସ୍ ପ୍ରକ୍ରିୟାକୁ ସକ୍ରିୟ କରି ଅର୍ବୁଦ ଉପରେ ତା'ର ବିଷାକ୍ତପଣ ପ୍ରୟୋଗ କରିପାରେ। ଯକୃତ କର୍କଟରୋଗ ଗ୍ରସ୍ତ ମୂଷାମାନଙ୍କ ଠାରେ ଇପିଏସ ୩.୯ର ଗୁରୁତ୍ୱପୂର୍ଣ୍ଣ ଅର୍ବୁଦ-ନିରୋଧକ ପ୍ରଭାବମାନ ଥିବାର ଏବଂ ଏହା ସହିତ ତାର ଅର୍ବୁଦ ନିରୋଧକ ରୋଗ ପ୍ରତିରୋଧକାରୀ ପ୍ରତିକ୍ରିୟାକୁ ସକ୍ରିୟ କରିବାର ଦେଖାଯାଇଛି।

'ଚାଇନିଜ୍ ଏକାଡେମୀ ଅଫ୍ ସାଇନସେସ୍'ର ଏହି ଗବେଷକ ଗୋଷ୍ଠୀର ଅନ୍ୟତମ ସଦସ୍ୟ ଚାଓମିନ୍ ସନ୍‌ଙ୍କ ମତରେ ତାଙ୍କର ଏ ଆବିଷ୍କାର କର୍କଟରୋଗର ନିଦାନ ରୂପେ ଶର୍କରାଭିତ୍ତିକ ଔଷଧର ବିକାଶ ଲାଗି କେବଳ ତାତ୍ତ୍ୱିକ ମାଧ୍ୟମ ଯୋଗାଇ ନାହିଁ, ସେଥିସହିତ ସାମୁଦ୍ରିକ ସୂକ୍ଷ୍ମଜୀବ ସଂସାଧନର ଅନୁସନ୍ଧାନ କରିବା ଦିଗରେ ଥିବା ଗୁରୁତ୍ୱକୁ ଉପସ୍ଥାପନ କରିଛି। ପାଇରୋପ୍ଟିସ୍ ହେଉଛି ବହିରାଗତ ଜୀବକୋଷକୁ ନଷ୍ଟ କରିବା ଲାଗି ଅଭିପ୍ରେତ ପ୍ରକ୍ରିୟା, ଯାହାକି ଶରୀରକୁ ସଂକ୍ରମଣ ଓ ରୋଗ ବିରୁଦ୍ଧରେ ସଂଗ୍ରାମ ଲାଗି ସହାୟତା କରେ। ନିୟମିତ ସାଧାରଣ ଜୀବକୋଷ ମୃତ୍ୟୁଠାରୁ ଭିନ୍ନ ହୋଇଥିବା ଏହା ଏକ ନାଟକୀୟ ତଥା ବିସ୍ଫୋରକ ପ୍ରକ୍ରିୟା, ଯହିଁରେ ଜୀବକୋଷଗୁଡ଼ିକ ଫୁଲି ଉଠନ୍ତି, ଫାଟି ଖୋଲିଯା'ନ୍ତି ଏବଂ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସଚେତନ କରିବା ଲାଗି ପ୍ରଦାହୀ ସୂଚକମାନ ଦେଇଥା'ନ୍ତି।

ଆଗରୁ ଏହା ନାନାଦି ଜୀବାଣୁ ଓ ଭୂତାଣୁମାନଙ୍କ ସହିତ ସଂଗ୍ରାମ କରୁଥିବା ଏକ ପ୍ରତିରକ୍ଷା ବ୍ୟବସ୍ଥା ରୂପେ ଆବିଷ୍କାର ହୋଇଥିଲା। ଏବେ ତାହା କର୍କଟ ରୋଗ ଚିକିତ୍ସା ଗବେଷଣା ବିଷୟରେ ପରିଣତ ହୋଇଛି। କାରଣ 'ପାଇରୋପ୍‌ସିସ୍' କେବଳ ସେଗୁଡିକୁ ସିଧାସଳଖ ଧ୍ୱଂସ କରିଦିଏ ନାହିଁ; ବରଂ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରେ। ସେଥିପାଇଁ ଶର୍କରା (ଇପିଏସ୍୩.୯) କୁ କୃତ୍ରିମ ଉପାୟରେ ଉତ୍ପାଦନ କରି କର୍କଟ ଚିକିତ୍ସାରେ ମଧ୍ୟ ଲଗାଇବାକୁ ଚିନ୍ତା କରାଯାଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଦୁଇ ଏବିଭିପି ସଦସ୍ୟଙ୍କ ଗିରଫ ଘଟଣା

# ବିଜେପି ଷଡ଼୍‌ଯନ୍ତ୍ରକାରୀ, ଏବିଭିପି ହତ୍ୟାକାରୀ: ବିଜେଡି

ଭୁବନେଶ୍ୱର, ୪।୮ (ସମିସ): ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ଦୁଇ କଲେଜ ଛାତ୍ର ତଥା ଏବିଭିପି ସଦସ୍ୟଙ୍କ ଗିରଫ ପରେ ଏବିଭିପି ଓ ବିଜେପିର ମୁଖା ଖୋଲିଯାଇଛି। ଏହି ଘଟଣାରେ ଷଡ଼ଯନ୍ତ୍ର ରହିଛି ବୋଲି ବିଜୁ ଜନତା ଦଳ ପ୍ରଥମ ଦିନରୁ କହିଆସୁଥିଲା। ଏବିଭିପିର ଦୁଇ ସଦସ୍ୟ ଗିରଫ ହେବା ପରେ ଏହା ପ୍ରମାଣିତ ହୋଇଯାଇଛି। ମାତ୍ର, ଏହି ଷଡଯନ୍ତ୍ରରେ ବିଜେପିର ବି କିଛି ନେତାଙ୍କ ସମ୍ପୃକ୍ତି ରହିଛି। ଦୁଇ ଏବିଭିପି ସଦସ୍ୟଙ୍କୁ ଗିରଫ ଆଳରେ ବିଜେପି ଉକ୍ତ ନେତାମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି ବୋଲି ସାଂଘାତିକ ଅଭିଯୋଗ ଆଣିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଦଳର ମୁଖପାତ୍ର ଇପ୍ସିତା ସାହୁ ସମଗ୍ର ଘଟଣାରେ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ଜଣେ ଅଧ୍ୟାପକ ଛାତ୍ରୀଜଣଙ୍କୁ ଯୌନ ଅନୁଗ୍ରହ ମାଗିବା ପରେ ସେ ନ୍ୟାୟ ପାଇଁ ସଂଘର୍ଷ କରୁଥିଲା। ମାତ୍ର ଏବିଭିପି ଓ ବିଜେପି ନେତାମାନେ ତାକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିଥିଲେ। ଏହି ଘଟଣାରେ ବିଜେପି ଷଡଯନ୍ତ୍ରକାରୀ ଓ ଏବିଭିପି ହତ୍ୟାକାରୀ ଭୂମିକା ନିର୍ବାହ କରିଛନ୍ତି। କଲେଜ ନିର୍ବାଚନ ହେବ ବୋଲି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହେବା ପରେ ଏବିଭିପିର ସଂଗଠନ ଦୁର୍ବଳ ଥିବାରୁ ଏହି ଘଟଣାକୁ ବ୍ୟବହାର କରି ସଂଗଠନ ଶକ୍ତି ବୃଦ୍ଧି ପାଇଁ ଷଡ଼୍‌ଯନ୍ତ୍ର ରଚନା ହୋଇଥିଲା। ଷଡ଼୍‌ଯନ୍ତ୍ରର ଅଂଶ ଭାବେ ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ଦେବା ପାଇଁ ଉସୁକା ଯାଇଥିଲା। ରାଜନୈତିକ ଫାଇଦା ହାସଲ ପାଇଁ ଭୟଙ୍କର ଷଡ଼୍‌ଯନ୍ତ୍ର ରଚିବାରେ ଏହି ଘଟଣା ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୁଃଖ ଓ



ପରିତାପର ବିଷୟ, ଷଡ଼୍‌ଯନ୍ତ୍ରରେ ସ୍ଥାନୀୟ ବିଜେପି ନେତାମାନଙ୍କ ଭୂମିକା ମଧ୍ୟ ସନ୍ଦେହଘେରରେ ରହିଛି, ଯେଉଁ ଦିଗକୁ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ। ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ସ୍ଥାନୀୟ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହଯୋଗ ଲୋଡ଼ିଥିଲେ ମଧ୍ୟ ସେ ତାଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିନଥିଲେ। ଶ୍ରୀ ଷଡ଼ଙ୍ଗୀ ଉପଯୁକ୍ତ ସହଯୋଗ କରିଥିଲେ ଏଭଳି ଅଘଟଣ ଘଟିନଥାନ୍ତା। କ୍ରାଇମବ୍ରାଞ୍ଚ ଶ୍ରୀ ଷଡ଼ଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦଳ ଦାବି କରିଆସୁଛି। ଏବିଭିପିର ସମ୍ପୃକ୍ତି ସ୍ପଷ୍ଟ ହୋଇଥିବା ବେଳେ ଶ୍ରୀ ଷଡ଼ଙ୍ଗୀ ଓ ଅନ୍ୟ ବିଜେପି ନେତାଙ୍କ ସମ୍ପୃକ୍ତି ମଧ୍ୟ ସନ୍ଦେହଘେରକୁ ଆସିଛି।

ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ଏବିଭିପି କାର୍ଯ୍ୟକ୍ରମରେ ଚଳିତ ବର୍ଷ

- ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ
- ସଂଗଠନ ବୃଦ୍ଧି ପାଇଁ ରଚା ଯାଇଥିଲା ଘୃଣ୍ୟ ଷଡ଼୍‌ଯନ୍ତ୍ର
- ଏବିଭିପି ଓ ବିଜେପିର ଅସଲ ଚେହେରା ପଦାକୁ ଆସିଲା

କଲେଜ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବା ସହ ଏଥିପାଇଁ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ କହିଥିଲେ। ଛାତ୍ର ସଂଗଠନକୁ ମଜଭୁତ କରିବା ପାଇଁ ଏଫଏମ କଲେଜରେ ରଚାଯାଇଥିଲା ଏକ ଘୃଣ୍ୟ ଷଡ଼ଯନ୍ତ୍ର; ଯାହାର ପରିଣାମ ସ୍ୱରୂପ ସୌମ୍ୟାଶ୍ରୀ ଭଉଣୀଙ୍କ ପରି ଏକ ମୂଲ୍ୟବାନ ଜୀବନ ଚାଲିଗଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢ଼େଇ ଜାରି ରଖିବ।

ଇପ୍ସିତା ସାହୁ କହିଥିଲେ, ଜ୍ଞାନ ଚରିତ୍ର ଓ ଏକତା ଭଳି ଆଦର୍ଶର ପାଠ ପଢ଼ାଇ ଆସୁଥିବା ଏବିଭିପିର ଅସଲମୁଖା ଆଜି ଖୋଲିଯାଇଛି। ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଏବିଭିପି ଓ ବିଜେପି ନେତାମାନେ ଭଉଣୀ ସୌମ୍ୟାଶ୍ରୀକୁ ମୋହରା କରିଛନ୍ତି। ଯେତେବେଳେ ସୌମ୍ୟାଶ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ହୋଇ ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଥିଲେ, ସେତେବେଳେ ଏବିଭିପିର ସଦସ୍ୟମାନେ ବିରୋଧୀ ଦଳର ବିଧାୟକ ଓ ନେତାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଭିତରକୁ ଯିବାକୁ ଦେଉନଥିଲେ। ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ଏଥିରେ ସ୍ପଷ୍ଟ ହୋଇଛି। କେବଳ ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରି ମାମଲାକୁ ରଫାଦଫା କରିଦେବା ପାଇଁ ଉଦ୍ୟମ କରୁଛନ୍ତି ସରକାର। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ ହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-AOMC-ETP-25-26-13

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ମେନ୍ (Main) ETP (କ୍ଷମତା:30000 L/ଦିବସ) ଏବଂ ରୋଲର ବିୟରିଙ୍ଗ୍ ସଫେଇ କାରଖାନା ETP ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 28,23,481.28, EMD (ଟଙ୍କାରେ) : 56,500/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.08.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH)/ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-427/Q/25-26


## ୩୩ ନବନିଯୁକ୍ତ ଓଜେଏସ୍ ଅଧିକାରୀଙ୍କ ଶପଥ ଗ୍ରହଣ

କଟକ, ୪।୮ (ସମିସ): ଓଡ଼ିଶା ନ୍ୟାୟିକ ଏକାଡେମୀଠାରେ ଆଜି ୩୩ ନବନିଯୁକ୍ତ ବିଚାର ବିଭାଗୀୟ ଅଧିକାରୀ (ଓଜେଏସ୍)ଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଜଷ୍ଟିସ୍ ଟଣ୍ଡନ ମାମଲାଗୁଡ଼ିକ ଅଯଥା ଶୁଣାଣି ସ୍ଥଗିତ ନ ରଖିବା ପାଇଁ ପରାମର୍ଶ ଦେଇଥିଲେ।

**ନିର୍ଦ୍ଧାରିତ ସମୟରେ ମାମଲା ଫଇସଲା ଉପରେ ମୁଖ୍ୟ ବିଚାରପତିଙ୍କ ଗୁରୁତ୍ୱାରୋପ**

ଏଥିସହ ନିର୍ଦ୍ଧାରିତ ସମୟରେ ଏଗୁଡ଼ିକର ଫଇସଲା ଉପରେ ଯତ୍ନବାନ ହେବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡ଼ିଶା ନ୍ୟାୟିକ ଏକାଡେମୀର ପତ୍ରିକା 'ବିଦ୍ୟା'ର ବିଶେଷ ସଂସ୍କରଣ ୨୦୨୪-୨୦୨୫କୁ ମୁଖ୍ୟ ବିଚାରପତି ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ତଥା ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଜଷ୍ଟିସ୍ ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତିଗଣ, ଅବସରପ୍ରାପ୍ତ ବିଚାରପତିଗଣ, ଆଇନ ବିଭାଗର ପ୍ରମୁଖ ସଚିବ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, କଟକ ଜିଲ୍ଲା ଓ ଦୌରା ଜଜ, ଓଡ଼ିଶା ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ଓଡ଼ିଶା ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନ୍ୟ ଅଧିକାରୀଙ୍କ ସମେତ କର୍ମଚାରୀଗଣ ସହାୟତା କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା କେନ୍ଦ୍ରର ଅତିରିକ୍ତ ସଂଯୋଜକ ସୁଶ୍ରୀ ନିତିଶା ଚଣ୍ଡକ ଉଦଘୋଷିକା ରୂପେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ

■ ବଢ଼ିଲା ବିଷ୍ଣୁପଦଙ୍କ ଅଡୁଆ

## ସୁପ୍ରିମକୋର୍ଟରେ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର, ୪।୮ (ସମିସ): ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଲାଗି ଅଡୁଆ ବଢ଼ିଛି। ଆଗୁଆ ଜାମିନ ଆବେଦନକୁ ଆଜି ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ଆବେଦନ ଖାରଜ ପରେ ତାଙ୍କ ଗିରଫଦାରୀକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ସହ ଟେଣ୍ଡର୍ ଫିକ୍ସିଂ ଓ ଲାଞ୍ଚ କାରବାର ମାମଲାରେ ଛନ୍ଦି ହୋଇଛନ୍ତି ବିଷ୍ଣୁପଦ। ଏହି ମାମଲାର ତଦନ୍ତ କରୁଥିବା ସିବିଆଇ ବିଷ୍ଣୁପଦଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ପାଇଁ ସେ ପ୍ରଥମେ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ହେଲେ ଗତ ମାସ ୧୮ ତାରିଖରେ ହାଇକୋର୍ଟ ଏହାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଗତ ୨୯ ତାରିଖ ଦିନ ହାଇକୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ। ପରେ ବିଷ୍ଣୁପଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଆଜି ସୁପ୍ରିମକୋର୍ଟ ମଧ୍ୟ ତାଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତ ଓ ଜଷ୍ଟିସ ଅଗଷ୍ଟାଇନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାପରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଗିରଫଦାରୀକୁ ନେଇ ଆଶଙ୍କା ପ୍ରକାଶ ପାଇଛି।


**AFFIDAVIT**

By virtue of an affidavit No.3194, Dtd.02.08.2025 sworn before the Executive Magistrate, Jaleswar I, Durgarani Chand, W/o. Rajib Lochan Chand, At. Santia, Po. Jaleswar, Ps. Jaleswar, Dist. Balasore, Pin-756032, Odisha renounce, relinquish and abandon the use of my son former name Rudra Prasad Chand (old name) instead of Rajveer Chand (New name). Henceforth, he will be known as **Rajveer Chand** for all purposes.

**Notice**
(above 18 years of age)

By virtue of an affidavit sworn before the Executive Magistrate, Gopabandhu Nagar, Mayurbhanj, dated 04-08-2025, I, Sushil Rana, Address AT-Kudiakhunta, PO- Ranibandha, PS- Khunta, Dist- Mayurbhanj, PIN-757026 declare that I have changed my name Sushila Rana to Sushil Rana. Henceforth I shall be known as Sushil Rana for all purposes.

Sushil Rana

**NOTICE**

By virtue of an affidavit sworn before the Notary Public, Cuttack, dated 29.07.2025 I, Srimati Devi, W/o – Late Abhimanyu Nayak, resident of At- Jhinki Jhari (Harijan Sahi), PO- Nizigarh Tapang, PS/Dist-Khorda, Odisha, Pin- 752018 have changed my name from Smriti Devi to Srimati Devi. Henceforth, I shall be known as Srimati Devi for all purposes.

(Srimati Devi)

**NOTICE**

By virtue of an affidavit sworn before Sri Himanshu Bhusan Palei, O.R.S, Executive Magistrate, Puri dated 30/07/2025. I Nrusingha Charan Khuntia of Gangamata Bagicha, Po: Puri-2, PS: Kumbharapada, Dist: Puri, Odisha-752002 declare that, I have changed my fathers name from PRANAB KISHORE MOHANTY to RADHU KHUNTIA. Henceforth, he shall be known as RADHU KHUNTIA for all purposes.

NRUSINGHA CHARAN KHUNTIA

**AFFIDAVIT**

I, Puspanjali Samantaray, aged about 54 years, W/o Pratap Chandra Buxipatra, resident of Plot No. 301/07, Hal Plot No. 1294/5001, Sastrinagar, Bhubaneswar, PO- Nayapalli, Dist- Khordha, PIN- 751012, Odisha declared by this affidavit No. 1516, dtd- 31/07/2025 that now onwards I shall be known as **PUSPANJALI BUXIPATRA** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 24/07/2025. I, **Biganatha Kharsel** (new name) formerly called as **Biganath Kharsel** (old name), S/o- Pitho, Permanent resident of AT/P.O. Bhatipada, P.S. Titilagarh, Dist- Bolangir (Odisha), PIN-767042 now residing at the same place affirm that I have changed my name from **Biganath Kharsel** (old name) to **Biganatha Kharsel** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Biganatha Kharsel** (new name).

**Biganatha Kharsel**

**AFFIDAVIT**

I, Pappu Quershi, S/o- Samiula Kureshi, resident of Buromal Road, Po- Jharsuguda, Pin- 768201 Dist- Jharsuguda, Odisha declared by this affidavit No- 612, dtd- 02/08/2025 that now onwards I shall be known as **ANISH KURESI** for all future purposes.

**AFFIDAVIT**

I, Bijay Goel, S/o- Late Chamrulal Agrawal, resident of At- Raghunathpada, Titilagarh, Po- Titilagarh, Ps- Titilagarh, Dist- Balangir, Odisha declare by this affidavit No. 12, dtd. 28/07/2025 that, now onwards I shall be known as **Bijay Kumar Goel** for all future purposes.

**AFFIDAVIT**

By virtue of an affidavit CFR No.-708/2025, dtd. 29.07.2025 before the Executive Magisrate, Chandahandi, Dist.- Nabarangpur, I, Mukesh Goud, Vill- Malgaon, Ps- Chandahandi, Dist.- Nabarangpur have changed my name from Dhanaru Goud to Mukesh Goud, Henceforth I shall be known as **Mukesh Goud** for all purposes.

Sd/- Mukesh Goud

**AFFIDAVIT**

I, Priyatrma Kar, W/o- Asit Kumar Kar, resident of C-132-B, Kh No- 858, J V T S Garden, Chattarpur Extn, Po- Chattarpur, Pin- 110074, Dist- South Delhi, Delhi, declared by this affidavit No. 2505, dtd- 28/11/2024 that now onwards I shall be known as **PRIYATAMA KAR** for all future purposes.

**AFFIDAVIT**

By virtue of an affidavit (CF No. 06, date- 04/08/2025) sworn before The Executive Magistrate, Padampur. I, **Miniketan Thapa** (new name), permanent & current resident of At- Darbekela, Po- Mahulpali, P.S. Padampur, Dist- Bargarh, PIN- 768036 Odisha declare that I have changed my name from **Meenaketan Thapa** (old name) to **Miniketan Thapa** (new name). Henceforth, I shall be known as **Miniketan Thapa** (new name), S/o Harekrushna Thapa for all future purposes.

**Miniketan Thapa**

**AFFIDAVIT**

I, Rasmi Ranjita Bagh, W/o- Sujan Bagh, resident of At/Po- Kamata, Anchalgumma, Ps- Tentulikhunti, Pin- 764049, Dist- Nabarangpur, Odisha declared by this affidavit No- 8346, dtd- 01/08/2025 that now onwards I shall be known as **RASHMI RANJITA BAGH** for all future purposes.

**AFFIDAVIT**

By virtue of an affidavit sworn before Executive Magistrate , Gaisilet, dtd- 29/07/2025, I, **Sarat Kalo,** resident of At/Po/Ps- Gaisilet, Dist- Bargarh, Odisha, Pin- 768037, declare that I have changed my minor son's name **Swastik Kalo** (old name) to **Sangram Kalo** (new name). Henceforth, he will be known as **Sangram Kalo** for all purposes.

**Sarat Kalo**

**AFFIDAVIT**

I, Sushree Sangeeta Mishra, D/o- Annada Prasad Mishra, resident of Plot No- 651/992, Anantapur, Jagannathapur, Balianta, Pin- 752101, Dist- Khurda, Odisha declared by this affidavit No. 613, dtd- 02/08/2025 that now onwards I shall be known as **SUSHREE SANGITA MISHRA** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଭାଲରେ ରୋମାଞ୍ଚକ...

ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚଭରା ବିଜୟ ହାସଲ କରିଥିଲା ଭାରତ। ଏହି ମ୍ୟାଚ୍‌ରେ ୯ଟି ୱିକେଟ ନେଇଥିବା ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ରେ ସର୍ବାଧିକ ୭୫୪ ରନ୍ କରିଥିବା ଶୁବମନ ଗିଲ୍ ଭାରତର ଓ ୪୮୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍ ଇଂଲଣ୍ଡର ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍ ସହ ଭାରତର ଇଂଲଣ୍ଡ ଗସ୍ତ ଶେଷ ହୋଇଛି। ଏହା ପରେ ସେପ୍ଟେମ୍ବର ୯ରୁ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍‌ରେ ଭାରତ ପରବର୍ତ୍ତୀ ଅନ୍ତର୍ଜାତୀୟ କ୍ରିକେଟ ଖେଳିବ। ଦଳର ତାରକା ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଇଂଲଣ୍ଡରେ ଭାରତ ଟେଷ୍ଟ ସିରିଜ୍ ବରାବର ରଖିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ସଫଳତା।

### ମହାରାଷ୍ଟ୍ରକୁ ହଁ...

ମାତ୍ର ଦୁର୍ଭାଗ୍ୟଜନକ କଥା ଯେ ସ୍ୱାଧୀନତାର ଏତେ ବର୍ଷ ପରେ ବି ଏହି ନ୍ୟାଯ୍ୟ ଦାବି ପୂରଣ ହେଲାନି। ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଞ୍ଚ ପାଇଁ ଚିଠି ଲେଖିଥିଲେ। ଯଦି ମହାରାଷ୍ଟ୍ର ବିଜେପି ସରକାର କୋହ୍ଲାପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ କରି ପାରିଲେ, ତାହେଲେ ଓଡ଼ିଶାରେ ବିଜେପି ସରକାର କାହିଁକି କରିଲେ ନାହିଁ ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି। ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ ଏନେଇ ସରକାର ଏବଂ ଶାସକ ଦଳକୁ କାଠଗଡ଼ାକୁ ଟାଣିଛନ୍ତି। ସେ କହିଛନ୍ତି ଯେ ବିଜେପି ଏନେଇ କଣ ପାଇଁ ଚୁପ ଅଛି। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରିବା ଦାୟିତ୍ୱ ସରକାରଙ୍କର । ମାତ୍ର ସରକାର ଓକିଲଙ୍କୁ ଓକିଲଙ୍କ ସହ ଏବଂ ଜିଲ୍ଲାକୁ ଜିଲ୍ଲା ସହ ଲଢ଼େଇ କରିବାକୁ ଚାହୁଁଛନ୍ତି। ଯେଉଁଠାରେ ବେଞ୍ଚ ପ୍ରତିଷ୍ଠା ପାଇଁ ସର୍ବାଧିକ ଆବଶ୍ୟକତା ରହିଛି, ସେଠାରେ ସରକାର ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଦଶନ୍ଧି ଧରି ଚାଲି ଆସିଛି। ସ୍ୱାଭାବିକ ଭାବେ ପଶ୍ଚିମ ଓଡ଼ିଶା ବିଜେପିର ଗଡ ରୂପେ ଜଣାଯାଏ। ରାଜ୍ୟରେ କ୍ଷମତାକୁ ଆସିଲେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ହେବ ବୋଲି ନିର୍ବାଚନରେ ବିଜେପିର ଛାମୁଆ ନେତା ପ୍ରତିଶ୍ରୁତି ଦେଇଥିଲେ। ବିଜେପି ପଶ୍ଚିମ ଓଡ଼ିଶାରୁ ସମସ୍ତ ୫ ଲୋକସଭା ଆସନ ଜିଣିବା ସହ ବହୁ ସଂଖ୍ୟାରେ ବିଧାନସଭା ଆସନ ମଧ୍ୟ ଜିଣିବାରେ ସମର୍ଥ ହୋଇଥିଲା। ତେବେ ରାଜ୍ୟରେ ଏବଂ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବା ପରେ ବେଞ୍ଚ ପ୍ରତିଷ୍ଠା ଏବେ ବିଜେପି ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହାଠାରୁ ବଡ଼ ଆହ୍ୱାନ ହେଉଛି ବେଞ୍ଚ କେଉଁଠାରେ ପ୍ରତିଷ୍ଠା ହେବ ସେନେଇ ସ୍ଥାନ ନିରୂପଣ କରିବା। ଏନେଇ ବିଜେପି ଅଠାକାଠିରେ ପଡ଼ିବାର ସମ୍ଭାବନା ରହିଛି। ଯଦି ବିଜେପି ସରକାର ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନକରୁଛନ୍ତି, ତାହେଲେ ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଶକ୍ତ ଧକ୍କା ସଦୃଶ୍ୟ ହେବ।

### ହାତ ଟେକିଦେଲେ...

ଟ୍ରାକିଂ ସିଷ୍ଟମ୍ ସହିତ ସୁରକ୍ଷିତ ପରିବହନ ସୁବିଧା ଦେବାକୁ ପଡ଼ିବ। ନିଯୁକ୍ତିଦାତାଙ୍କୁ ରାତି ସିଫ୍ଟ ପାଇଁ ବ୍ୟବହୃତ ଗାଡ଼ିର ପ୍ରତ୍ୟେକ ଡ୍ରାଇଭରଙ୍କ ବାୟୋ-ଡାଟା ଓ ପୁଲିସ୍ ଭେରିଫିକେସନ୍ କରାଇବାକୁ କୁହାଯାଇଥିବା ବେଳେ କାର୍ଯ୍ୟସ୍ଥଳରେ ଶୌଚାଳୟ ଓ ପାନୀୟ ଜଳର ଉପଯୁକ୍ତ ସୁବିଧା ରହିବା ଆବଶ୍ୟକ ବୋଲି କୁହାଯାଇଛି। ଏହି ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଓ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରାଯିବା ଏବଂ ପରିବହନ ଗାଡ଼ିରେ ମହିଳା ହେଲ୍ପଲାଇନ ନମ୍ବର, ଶ୍ରମ ବିଭାଗର ହେଲ୍ପଲାଇନ ନମ୍ବର ପ୍ରଦର୍ଶନ ସହ ସିଫ୍ଟ ବଦଳ ସମୟରେ ୮ ଘଣ୍ଟା ବିଶ୍ରାମ ଦେବା ବାଧ୍ୟତାମୂଳକ ରଖାଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ଆଇନ ପାଳନ ସହ ନିଯୁକ୍ତିଦାତା ସ୍ୱ-ପ୍ରମାଣପତ୍ର ଦାଖଲ କରିବେ।

ଏ ସଂକ୍ରାନ୍ତରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ କେନ୍ଦ୍ରୀୟ ଆଇନ ଅନୁସାରେ ବିଭିନ୍ନ ରାଜ୍ୟକୁ ଚିଠି ହୋଇଛି। ଓଡ଼ିଶାରେ ପୁରୁଷ ମହିଳା ମଧ୍ୟରେ ଥିବା ତାରତମ୍ୟ ହ୍ରାସ ଏବଂ ସଶକ୍ତିକରଣ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ରାତି ସିଫ୍ଟ ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏଥିପାଇଁ ମହିଳାମାନଙ୍କୁ ସ୍ୱ-ଘୋଷଣାନାମା ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସରକାରଙ୍କ ଏହି ନୀତିକୁ ବିଜେଡି ସମାଲୋଚନା କରିଛି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମହିଳାମାନେ ଘୋଷଣା ନାମା ଦେଇ କାର୍ଯ୍ୟ କରିବା ଅର୍ଥ ନିଜ ସୁରକ୍ଷା ନିଜେ କରିବେ। ସରକାରଙ୍କ ତରଫରୁ କିଛି କରାଯିବ ନାହିଁ। ମହିଳା କର୍ମଚାରୀ ଘୋଷଣାନାମା ଦେବା ପରେ ସରକାରଙ୍କର ଆଉ କିଛି ଦାୟିତ୍ୱ ରହିବ ନାହିଁ। ଏହାର ଅର୍ଥ ସରକାର ସୁରକ୍ଷା ଦେଇପାରୁନାହାନ୍ତି। ନାରୀଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କର ମନୋଭାବ ନାହିଁ। ଘୋଷଣାନାମା ଦେଇସାରିବା ପରେ କୌଣସି ଅଘଟଣ ହେଲେ ମହିଳା ଦାୟୀ ରହିବେ, ସରକାର ନୁହେଁ। ସରକାର ନିଜ ମୁଣ୍ଡରୁ ଦୋଷ ଖସେଇ ଦେବା ପାଇଁ ଏଭଳି କରିଛନ୍ତି। ସରକାରଙ୍କ ନୀତି ନିୟମ ଓ ଶାସନ ବ୍ୟବସ୍ଥା କାହିଁକି ଅଛି? ମହିଳା ଯଦି ନିଜ ସୁରକ୍ଷା ନିଜେ କରିବେ, ସରକାର କାହିଁକି ଅଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି।

### ପରଲୋକରେ ଦିଶୋମ୍...

ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ, ମୀସା ଭରତୀ, ମନୋଜ ଝା ଏବଂ ଆରଜେଡିର ଅନେକ ନେତା ତାଙ୍କ ପରିବାରକୁ ଭେଟିଛନ୍ତି। ସୋରେନଙ୍କ ପାର୍ଥିବ ଶରୀର ଦିଲ୍ଲୀରୁ ରାଞ୍ଚି ନିଆଯାଇଛି। ରାମଗଡ଼ ନେମରା ଗ୍ରାମରେ ମଙ୍ଗଳବାର ଦ୍ୱିପହରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ସୋରେନଙ୍କ ମୃତ୍ୟୁକୁ ନେଇ ଝାଡ଼ଖଣ୍ଡରେ ତିନି ଦିନିଆ ଶୋକ ଘୋଷଣା କରାଯାଇଛି। ଦିବଂଗତ ସୋରେନ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ପ୍ରତିଷ୍ଠାତା ଥିଲେ। ସେ ୟୁପିଏ-୧ କାର୍ଯ୍ୟକାଳରେ କେନ୍ଦ୍ର କୋଇଲା ମନ୍ତ୍ରୀ ରହିଥିଲେ। ତେବେ ଚିରୁଡିହ ହତ୍ୟାକାଣ୍ଡରେ ନାମ ଆସିବା ପରେ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ୧୯୪୪ ଜାନୁଆରୀ ୧୧ରେ ନେମରାରେ ଜନ୍ମିତ ଶିବୁ ସୋରେନ ତିନି ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୫ ମାର୍ଚ୍ଚ ୨ର ପ୍ରଥମ ପାଳିରେ ତାଙ୍କ ସରକାର ମାତ୍ର ୧୦ ଦିନରେ ଭାଙ୍ଗି ଯାଇଥିଲା। ୩ ମାସର କାର୍ଯ୍ୟକାଳରେ ସେ ମାତ୍ର ୧୦ ମାସ ପାଇଁ ସରକାର ଚଲାଇ ଥିଲେ। ଦ୍ୱିତୀୟ ଏବଂ ତୃତୀୟ ପାଳିରେ ୫ ମାସ ଲେଖାଏଁ ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଲୋକସଭାକୁ ମଧ୍ୟ ୬ ଥର ନିର୍ବାଚିତ ହୋଇଥିଲେ।

### ନିଜ ଖାତରେ ପଡ଼ିଲା...

ପ୍ରକାଶ ପାଇଛି। ରାଜନୀତି ଓ ପତିଆରା ବୃଦ୍ଧି ପାଇଁ ଛାତ୍ରୀଙ୍କ ଜୀବନକୁ ବିପଦରେ ପକାଇବାକୁ ଏବିଭିପିର ପ୍ରୟାସକୁ ସବୁଠି ନିନ୍ଦା କରାଯାଉଛି। ଛାତ୍ରୀ ଜଣକ ଏମ୍ସରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ଭେଟିବାକୁ କାହାକୁ ପ୍ରବେଶ କରାଇ ଦେଉ ନଥିଲେ ଏବିଭିପିର କାର୍ଯ୍ୟକର୍ତ୍ତା। ବର୍ଣ୍ଣ ୟୁନିଟ୍ ବାହାରେ ରହି ବିଧାୟକଙ୍କ ସମେତ ବହୁ ଲୋକପ୍ରତିନିଧିଙ୍କୁ ବିରୋଧ କରିବା ସହ ପ୍ରବଳ ଯୁକ୍ତିତର୍କ କରୁଥିଲେ। ଏବିଭିପିର ପ୍ରତ୍ୟକ୍ଷ ସମ୍ପୃକ୍ତି ଏହାର କାରଣ ଥିଲା ବି ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେତେବେଳର ଯୁକ୍ତିତର୍କ ଭିଡିଓ ପୁଣିଥରେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି।

ଛାତ୍ରୀ ଆତ୍ମଦାହ ଘଟଣାରେ ସଂଗଠନ କାର୍ଯ୍ୟକର୍ତ୍ତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ପଦାକୁ ଆସିବା ପରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଶିକ୍ଷାବିତ ଓ ରାଜନୈତିକ ବିଶେଷଜ୍ଞଙ୍କ ମତରେ ଶାସକ ବିଜେପି ସହ ସମଭାବାପନ୍ନ ଏହି ଛାତ୍ର ସଂଗଠନ ପଛକୁ ଚାଲିଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ଫଳରେ ନିର୍ବାଚନ ହାରିବାର ଆଶଙ୍କା ବହୁଗୁଣିତ ହୋଇଛି। ଏପରିସ୍ଥିତିରେ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଠିକ୍ ନଥିବା ଦର୍ଶାଇ ପୁଣିଥରେ ନିର୍ବାଚନକୁ ସରକାର ଟାଳି ଦେଇ ପାରନ୍ତି ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ଛାତ୍ରସଂସଦ ନିର୍ବାଚନ ନିଶ୍ଚିତ କରିବା ପାଇଁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ ସାଧାରଣରେ ଘୋଷଣା କରିଛନ୍ତି। ଏହା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେବା ସହ ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସବୁକିଛି ନିରବୀ ଯାଇଛି। ସେହି ଉତ୍ସାହ ଆଉ ଦେଖାଯାଉ ନାହିଁ। ଆଉଥରେ ଅନ୍ତରୀଣ ସର୍ଭେ କରି ସ୍ଥିତି ପରଖିବା ଏବଂ ଦୂର୍ଗାପୂଜା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ କରିବା ସମୟସାପେକ୍ଷ ହୋଇଥିବାରୁ ନିର୍ବାଚନ ଟାଳି ଦେବାର ଆଶଙ୍କା ବହୁଗୁଣିତ ହୋଇଛି।

### କବରରେ ସମାଧିନେଲା...

ନିଆଁ ଲଗାଇଥିଲା କିଏ ଏବଂ ତାଙ୍କୁ ଉଦ୍ଧାର କରିଥିବା ଦୁଃଖିଶ୍ୟାମ ସେନାପତି କ'ଣ ମନଗଢ଼ା କାହାଣୀ କହିଥିଲେ? ଏହି ପ୍ରଶ୍ନ ଆଜି ଅସମାହିତ ହୋଇ ରହିଯାଇଥିବା ବେଳେ ପୀଡ଼ିତା କବର ନେଇସାରିଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୌମ୍ୟାଶ୍ରୀ ଏବଂ ବଳଙ୍ଗା ପୀଡ଼ିତାଙ୍କ ଦେହାନ୍ତ ପରେ ଉଭୟଙ୍କ ବାପା ଗଣମାଧ୍ୟମ ସମ୍ମୁଖରେ ସମାନ କଥା ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି 'ଝିଅର ମୃତ୍ୟୁକୁ ନେଇ କେହି ରାଜନୀତି ନ କରନ୍ତୁ'। ଝିଅ ମୃତ୍ୟୁରେ ବାପାଙ୍କ ମୁହଁରୁ ଏଭଳି ପ୍ରତିକ୍ରିୟା ଆସିବ କେହି ବିଶ୍ୱାସ କରୁ ନ ଥିବାବେଳେ ଏହାର ବ୍ୟତିକ୍ରମ ଘଟିଛି, ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଏବଂ ସାଧାରଣ ଜନତା। ଅନ୍ୟପକ୍ଷରେ ବଳଙ୍ଗା ପୀଡ଼ିତାଙ୍କ ଅକାଳ ବିୟୋଗକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବନ୍ଧୁ, ପରିଜନ ଓ ଗାଁ ପଡ଼ୋଶୀ। ସମସ୍ତଙ୍କ ମୁହଁରେ ଗୋଟିଏ କଥା ଝିଅଟି ଭଲ ହୋଇଆସୁଥିବା ଆମେ ଗଣମାଧ୍ୟମରୁ ଖବର ପାଉଥିଲୁ। ହେଲେ ହଠାତ୍ କ'ଣ ଏମିତି ହେଲା ତା'ର ମୃତ୍ୟୁ ଖବର ଆମକୁ ସ୍ତବ୍ଧ କରିଦେଇଛି। ଗୋଟିଏପଟେ କେଉଁ ପରିସ୍ଥିତି ଏବଂ କିଏ ତା' ଦେହରେ ନିଆଁ ଲଗାଇଛନ୍ତି ନା ଆଉ କିଛି ରହସ୍ୟ ଏହା ପଛରେ ରହିଛି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୀଡ଼ିତା ଆଖିବୁଜିବା ଘଟଣାକୁ ଆହୁରି ସନ୍ଦେହ ଭିତରକୁ ଟାଣିନେଇଛି। ଝିଅଟି ତ ଏବେ କବର ନେଇସାରିଲାଣି। ସେ ତ ଆଉ ଫେରିବନି। କିନ୍ତୁ ନିଆଁ ଲାଗିଲା କେମିତି ତା' ଉପରୁ ପରଦା ହଟିବା ଦରକାର। ଏହା ପଛର ସତ୍ୟ ପଦାକୁ ଆସୁ ବୋଲି କହିଛନ୍ତି ନୂଆ ଗୋପାଳପୁରର ବାସିନ୍ଦା।

### ଆତ୍ମଦାହ ପାଇଁ...

ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଇଥିଲା। କିନ୍ତୁ ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବାଲେଶ୍ୱର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଆତ୍ମହତ୍ୟା ପାଇଁ ଉସୁକାଇବା ଏବଂ ଷଡ଼୍‌ଯନ୍ତ୍ର ରଚିବା ଭଳି ସଂଗିନ୍ ଅଭିଯୋଗରେ ଦୁହିଁଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୦୮ ଓ ଦଫା ୬୧(୨)(ଏ) ଲଗାଇଛି। ଏହାବ୍ୟତୀତ, କ୍ରାଇମବ୍ରାଞ୍ଚ ଆଜି ମାମଲା ସଂକ୍ରାନ୍ତରେ କିଛି ନୂଆ ପ୍ରମାଣ କୋର୍ଟରେ ଦାଖଲ କରିବା ସହ ତାହାର ଲାବ୍ ଟେଷ୍ଟିଂ ପାଇଁ ଅନୁମତି ମାଗିଛି। ତେବେ ଏ ସଂପର୍କରେ ବିଶେଷ ତଥ୍ୟ ଗଣମାଧ୍ୟମକୁ ଦେବାକୁ କ୍ରାଇମବ୍ରାଞ୍ଚ ମନା କରିଦେଇଛି। ସୂଚନାଯୋଗ୍ୟ, ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ଜ୍ୟୋତିପ୍ରକାଶ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇ ଏହାର ଭିଡିଓ ଉତ୍ତୋଳନ କରୁଥିଲେ। ପରେ ସେ ସୌମ୍ୟାଶ୍ରୀଙ୍କ ଦେହରୁ ନିଆଁ ଲିଭାଇବାକୁ ଯାଇ ପୋଡ଼ି ଯାଇଥିଲେ। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକକୁ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହେବା ପରେ କିଛି ଦିନ ତଳେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା।


Accessible India Campaign

**Association for Social Reconstructive Activities (ASRA)**
**Ph: 9437062688, 8249034688**

ASRA The Shelter

**ENGAGEMENT**

**DISTRICT DISABILITY REHABILITATION CENTRE (DDRC), JAGATSINGHPUR**

Applications are invited from the interested Professional / personals for engagement at DISTRICT DISABILITY REHABILITATION CENTRE (DDRC), JAGATSINGHPUR on temporary basis for the post of **(1) Clinical Psychologist / Rehabilitation Psychologist:** Educational qualification- M.Phil or Prof. Diploma in Clinical Psych. / M.phil or PGDRP. Hon (P.M.): salary- Rs. 20500/- **(2) Trans Disciplinary Special Educator** (1 No): Educational Qualification- Diploma in Special D.ed Edu / B.Ed in Special Edu (VI) (P.M.): Salary- Rs. 14500/- **(3) Caregiver:** CCCG-RCI / CCCG- N.T or Class-VIII (3 yrs experience in c.g PWD) Hon (P.M.): Rs. 6250/-. The detailed eligibility criteria, qualification, terms & conditions etc are available in the website **www.asraodisha.com**. Candidates shall send their resume within 7 days to the Nodal Officer, District Disability Rehabilitation Centre (DDRC), Jagatsinghpur, C/o ASRA, At-Singharpur, Po-Nabapatana, Dist-Jagatsinghpur, Pin-754114, Odisha by regd. Post / speed post or Email: **asrahosp@gmail.com** on or before **12.08.2025.** Shortlisted candidates will be called for interview. Applications received after **12.08.2025** shall not be entertained.

**Sd/- Nodal Officer, DDRC, Jagatsinghpur**

# ଶ୍ରାବଣର ଶେଷ ସୋମବାର
# ଜିଲ୍ଲାର ବିଭିନ୍ନ ଶୈବପୀଠରେ କାଉଡ଼ିଆ ଭକ୍ତଙ୍କ ଭିଡ଼

## ଖଣ୍ଡାଧାର ଶିବମନ୍ଦିରରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଲମ୍ବା ଲାଇନ



କେନ୍ଦୁଝର,୪।୮ (ସମିସ): ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶୈବପୀଠଗୁଡ଼ିକ ଗୌରୀକମୟ ହୋଇଉଠିଛି। ଜିଲ୍ଲାର ଅନ୍ୟତମ ପ୍ରଶିଦ୍ଧ ଶୈବପୀଠ ଖଣ୍ଡାଧାର ନୀଳକଣ୍ଠେଶ୍ୱର ମନ୍ଦିରରେ କାଉଡ଼ିଆମାନଙ୍କର ଲମ୍ବା ଲାଇନ ପରିଲକ୍ଷିତ ହୋଇଥିଲା। ପୂଣ୍ୟତୋୟା ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଆରମ୍ଭ କରି ଜିଲ୍ଲାର ଅନ୍ୟତମ ସୀମାନ୍ତ ହାବଳେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଶୈବାଳୟରେ ଶ୍ରାବଣ ସୋମବାରରେ କାଉଡିଆ ଭକ୍ତମାନେ ଶୁଦ୍ଧପୂତ ଭାବରେ ଅତି ନିଷ୍ଠାର ସହ ଦେବଦେବ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ବହୁ ଭକ୍ତଙ୍କ ଗହଣରେ ପବିତ୍ର ଶିବମନ୍ଦିରଗୁଡିକରେ ଭିଡ଼ ପରିଲକ୍ଷିତ ହୋଇଛି। ଗୋନାସିକାର ବ୍ରହ୍ମେଶ୍ୱର ମନ୍ଦିର, ଦେଓଗାଁର କୁଶଳେଶ୍ୱର ମନ୍ଦିର, ସିଦ୍ଧମଠର ଧବଳେଶ୍ୱର, ଶ୍ରୀ ବଳଦେବଜୀଉ ମନ୍ଦିରରେ ଥିବା ପ୍ରଭୁ ବାଞ୍ଛେଶ୍ୱର, ମୁର୍ଗା ମହାଦେବଠାରେ ଥିବା ଶ୍ରୀ ଗିରିଶ୍ୱର, ପାଟଣାର ପ୍ରଭୁ ପରମେଶ୍ୱର ଓ ଆନନ୍ଦେଶ୍ୱର, ବୋଦାପଳସାରେ ଥିବା ଶ୍ରୀ ଚନ୍ଦ୍ରଶେଖର, ବଡ଼ଶାସନରେ ଥିବା ପ୍ରଭୁ ବାଲୁଙ୍କେଶ୍ୱର, ଧୂର୍ପଦାର ଶ୍ରୀ ଆଖଣ୍ଡଳମଣୀ, ପୁରୁଣା ସହରର ମୁକ୍ତେଶ୍ୱର, ଟୁକୁଣାର କୁଣ୍ଡେଶ୍ୱର, ବାର୍ହାଟିପୁରାରେ ଥିବା ଶ୍ରୀନୀଳକଣ୍ଠେଶ୍ୱର, ଘଟଗାଁଠାରେ ଥିବା ଶ୍ରୀ ଘଟକେଶ୍ୱର, କେନ୍ଦୁଝର-ଅନୁଗୁଳ ସୀମାନ୍ତବର୍ତ୍ତୀ ଖୁଲୁଡିରେ ଥିବା ଶ୍ରୀ ଗିରିଶ୍ୱର, ଶୁଆକାଟୀର ପ୍ରଭୁ ପାଟେଶ୍ୱର, ଏକାମ୍ର ବନବିହାରୀଠାରେ ଥିବା ପ୍ରଭୁ ମହାଦେବ, ଗୁଆବାଡିଠାରେ ଥିବା ଗୁଆ ମାଳିଶ୍ୱର, ଲକ୍ଷ୍ମୀପାଦଠାରେ ଥିବା ବାବା ଚନ୍ଦ୍ରଶେଖର, ରାଙ୍କିଠାରେ ଥିବା ପ୍ରଭୁ ସ୍ୱପ୍ନେଶ୍ୱର, ନରଣପୁର ଘଡଘଡି ମନ୍ଦିର ପ୍ରଭୁ ମହାଦେବ, ତୁରୁମୁଙ୍ଗାରେ ଥିବା ପ୍ରଭୁ ଗିରିଜାଶଙ୍କର, ଢେଙ୍କାପୁରରେ ଥିବା ପ୍ରଭୁ ବିଶେଶ୍ୱର, ରାଇସୁଆଁର ବାବା ବାଞ୍ଛେଶ୍ୱର ଆଦି ଶୈବପୀଠରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗତ ଶନିବାର ଓ ରବିବାରଠାରୁ କାଉଡିଆ ଭକ୍ତମାନେ ବିଭିନ୍ନ ନଦୀରୁ ଜଳ ଉଠାଇ ଦୀର୍ଘ ରାସ୍ତା ଅତିକ୍ରମ କରି ବିଭିନ୍ନ ଶିବାଳୟରେ ଲମ୍ବାଧାଡ଼ିରେ ମହାଦେବଙ୍କୁ ଜଳାଭିଷେକ କରାଇବା ସହ ପ୍ରସାଦ ସେବନ କରିଛନ୍ତି। ବିଭିନ୍ନ ଶୈବପୀଠମାନଙ୍କରେ ଦାତବ୍ୟ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମାଗଣା ପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଥିଲା।

## ଶିବ ମନ୍ଦିରରେ ଜଳଲାଗି କଲେ କୁନି କାଉଡ଼ିଆ

ରାମଚନ୍ଦ୍ରପୁର,୪।୮ (ସମିସ): କୋମଳମତୀ ଶିଶୁଙ୍କୁ ଭଗବତ ପରାୟଣ କରିବା ନିମନ୍ତେ ଅଲତି ଶିଶୁମନ୍ଦିର ପକ୍ଷରୁ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶ୍ରାବଣର ଶେଷ ସୋମବାରରେ ପ୍ରତ୍ୟକ ଶିବାଳୟରେ ଲାଗିଛି ପ୍ରବଳ ଭିଡ଼। ବୋଲବମ୍ ହରହର ବମ୍ ଧ୍ୱନିରେ ପ୍ରମ୍ପିତ ହେଉଛି ମନ୍ଦିର ପରିସର। ଶିଶୁ ମନ୍ଦିର ଅଲତି ପକ୍ଷରୁ କୁନିକୁନି ଶିଶୁ ଭାଇଭଉଣୀଙ୍କୁ



ନେଇ କାଉଡି ଯାତ୍ରା ଅନୁଷ୍ଠିତ ହୋଇଛି। ଗାଁ ପୁଷ୍କରିଣୀ କୂଳରେ ପୂଜାର୍ଚ୍ଚନା ପରେ ନିକଟସ୍ଥ ଚନ୍ଦ୍ରଶେଖରେ ମନ୍ଦିରେ ସାମୂହିକ ଜଳ ଲାଗି କରାଯାଇଛି। ଶିଶୁ ମନ୍ଦିରର ବାଟିକା ପ୍ରମୁଖ ଗିରିଜା ସାମଲଙ୍କ ସଂଯୋଜନାରେ ଗୁରୁମା ଅନୁପମା ସାମଲ, ମଧୁସ୍ମିତା ବେହେରା, ପ୍ରିୟଦର୍ଶନୀ ସ୍ୱାଇଁ, ସେଲି ସାହୁ, ପ୍ରତ୍ୟାଶା ସାହୁ, ଆଦିତ୍ୟ ନାୟକ କୁନି କାଉଡିଆମାନଙ୍କୁ ମନ୍ଦିର ନିକଟକୁ ପାଛୋଟି ନେଇଥିଲେ। ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜିବୀତ ରଖିବାକୁ ଶିଶୁ ବାଟିକା ପକ୍ଷରୁ ନିଆଯାଇଥିବା ଏଭଳି ନିଆରା ପ୍ରୟାସକୁ ସବୁଠି ପ୍ରଶଂସା କରାଯାଇଛି।

## ମହୁଲି ମଦ ସହ ପୋଚ ନଷ୍ଟ

ରାମଚନ୍ଦ୍ରପୁର,୪।୮ (ସମିସ): ରାମଚନ୍ଦ୍ରପୁର ଥାନା ଗିଁପୁର ପଞ୍ଚାୟତ ବରାଙ୍ଗ ଆଦିବାସୀ ବସ୍ତିରେ ପୁଲିସ ଚଡ଼ଉ କରି ୨୦ ଲିଟର ମହୁଲି ମଦ ସହ ୪ କୁଇଣ୍ଟାଲରୁ ଅଧିକ ପୋଚ ନଷ୍ଟ କରିଛି। ଆଇଆଇସି ମନୋଜ ସାହୁଙ୍କ ନେତୃତ୍ୱରେ ଚଢ଼ଉରେ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରୁ ପ୍ରାୟ ୪ କୁଇଣ୍ଟାଲ ପୋଚ ସହ ରନ୍ଧା ସାମଗ୍ରୀ ନଷ୍ଟ କରାଯାଇଛି। ବରାଙ୍ଗରେ ଦୀର୍ଘଦିନ ହେଲା ବେଆଇନ ଭାବେ ମହୁଲି ମଦ ପ୍ରସ୍ତୁତି କରାଯାଉଥିବା ବେଳେ ଗତ ସପ୍ତାହରେ କେନ୍ଦୁଝର ଅବକାରୀ ପୁଲିସ ବ୍ୟାପକ ମଦ ସହ ପୋଚ ନଷ୍ଟ କରିଥିଲା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୨ ଗୁରୁତର

ତୁରୁମୁଙ୍ଗା,୪।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ସାହାରପଡା-ମାଛଗଡ ରାସ୍ତାର ପଇତାମଡା ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କାହେବା ଫଳରେ ୨ ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଗୋରାସ୍ ହାଟରୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆହତ ଏବଂ ଗୁରୁତରଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଓ ଆହତଙ୍କ ପରିଚୟ ମିଳି ପାରିନାହିଁ।

## ମଦ ସହିତ ଓ ବେପାରୀ ଗିରଫ

ଆନନ୍ଦପୁର/ବେଲବାହାଳି,୪।୮ (ସମିସ): ସ୍ଥାନୀୟ କେଶଦୁରପାଳ ଅଞ୍ଚଳରେ ବିଦେଶୀ ମଦ ଚୋରା କାରବାର କରୁଥିବା ଅଭିଯୋଗରେ ପୁଲିସ ବ୍ୟବସାୟୀ କଳାକାର ସାହୁଙ୍କୁ ଗିରଫ କରିବା ସହିତ ୧୧୫ ବୋତଲ ବିଦେଶୀ ମଦ ଜବତ କରିଛି। କେଶଦୁରପାଳ ଅଞ୍ଚଳରେ ବିଦେଶୀ ମଦ ଚୋରା କାରବାର ହେଉଥିବାର ଖବର ପାଇ ଘସିପୁରା ଥାନା ଅଧିକାରୀ ମାନସ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ ଚଢ଼ଉ କରିଥିଲେ। ୧୧୫ ବୋତଲ ବିଦେଶୀ ମଦ ଜବତ କରିବା ସହିତ କାରବାରରେ ସଂପୃକ୍ତ ଥିବା ବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ



ବେଲବାହାଳି,୪।୮ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅଧୀନ ବେଲବାହାଳି ଗ୍ରାମର ଚନ୍ଦ୍ରଶେଖର ସାହୁ (୩୦)ଙ୍କ ମୃତ୍ୟୁ ଘଟିଛି। ଚାରି ୪ମାସ ତଳେ ବେଲବାହାଳି କୁଣ୍ଡୁଳାଇ ନିକଟରେ ଏକ ବାଇକ ସହ ଚନ୍ଦ୍ରଶେଖରଙ୍କ ଦୁର୍ଘଟଣା ଘଟିଥିଲା। ପ୍ରଥମେ ଆନନ୍ଦପୁର ମେଡିକାଲ ପରେ ଗୁରୁତର ହେବାରୁ କଟକର ଏକ ଘରୋଇ ମେଡିକାଲରେ ସେ ଚିକିତ୍ସିତ ହେଉଥିଲେ। ଟିକେ ସୁଧାର ଆସିବାରୁ ଘରେ ରହି ସେ ଚିକିତ୍ସା ହେଉଥିଲେ। ସୋମବାର ସକାଳୁ ଅସୁସ୍ଥ ଅନୁଭବ କରିଥିଲେ ଏବଂ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଦିବ୍ୟାଙ୍ଗ ଯୁବକ ହୋଇଥିଲେ ମଧ୍ୟ ସମାଜ ପ୍ରତି ତାଙ୍କର ସେବା ଅତୁଳନୀୟ ଥିଲା। ତାଙ୍କର ବିୟୋଗ ଖବର ପାଇ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଗ୍ରାମସ୍ଥିତ କୁଶେଇ ନଦୀ କୂଳରେ ଅନ୍ତିମ ସତ୍କାର ହୋଇଥିଲା।

## ଆନନ୍ଦପୁର ପାଳା କମିଟି ସଭାପତିଙ୍କ ପରଲୋକ



ଆନନ୍ଦପୁର,୪।୮ (ସମିସ): ଆନନ୍ଦପୁର ସାର୍ବଜନୀନ ପାଳା କମିଟିର ସଭାପତି ତଥା ପୂର୍ବତନ ଶିକ୍ଷକ ଅନନ୍ତ ଚରଣ ଶା (୮୯)ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ସକାଳେ ସେ ଅସୁସ୍ଥ ହୋଇପଡିବା ପରେ ତାଙ୍କର ପରଲୋକ ଘଟିଛି। ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଜେଡି ଯୁବନେତା ଦେବାଶିଷ ପାତ୍ର, ବିଜେପିନେତା ରାମଚନ୍ଦ୍ର ସାହୁ, ନୃସିଂହ ନାରାୟଣ ରାଜପାର୍ଟିର ଉପଦେଷ୍ଟା ନାରାୟଣ ଶା, ପାଳା କମିଟିର କର୍ମକର୍ତ୍ତା ଶାନ୍ତନୁ ମିଶ୍ର, ବାବୁନା ପଟ୍ଟନାୟକ, ମଦନ ପାଣି, ସତ୍ୟସାଇ ସେବା ସଂଗଠନର କର୍ମକର୍ତ୍ତା, ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ବ୍ରାହ୍ମଣ ସମାଜର କର୍ମକର୍ତ୍ତା ମାନେ ଆନନ୍ଦପୁର ସ୍ଥିତ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ଭାବେ ଆନନ୍ଦପୁରର ବହୁ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ଉଦ୍ୟମରେ ଦୀର୍ଘ ୫୦ବର୍ଷରୁ ଅଧିକ କାଳ ପାଳା ଅନୁଷ୍ଠାନ ହୋଇଆସୁଥିଲା।

## ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖାର ଆନ୍ଦୋଳନ ପ୍ରସ୍ତୁତି ବୈଠକ



କେନ୍ଦୁଝର,୪।୮ (ସମିସ): କଲେକ୍ଟରେଟ କଲଚରାଲ କ୍ଲବ୍ ଠାରେ ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖାର ସାଧାରଣ ପରିଷଦ ବୈଠକ ସଭାପତି ଜିତେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ପ୍ରଭାତେନ୍ଦୁ ନାୟକ ୧୧ଦ୍ର ହେବାକୁ ଥିବା ଆନ୍ଦୋଳନ କାର୍ଯ୍ୟକ୍ରମ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା, ଉପସଭାପତି ମିନତୀ ସାହୁ, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ଉପଦେଷ୍ଟା କୈଳାସଚନ୍ଦ୍ର ମଲ୍ଲିକ, ସରୋଜ ସାହୁ, ଭୁବନେଶ୍ୱର ମହାପାତ୍ର, ମିଡ଼ିଆ ସଂଯୋଜକ ଚିତବାସ ମହାନ୍ତ ଏବଂ ପ୍ରତାପ ବେଠୀ ଆଲୋଚନାରେ ସାମିଲ ଥିଲେ। ମାନସ ଜେନା, ଦେବବ୍ରତ ବେହେରା, ଶିବାନୀ ନାଏକ, ପାର୍ଥସାରଥୀ ନାୟକ, ଛବିଳ ପାତ୍ର, ଜନ୍ମେଜୟ ଶତପଥୀ, ସନ୍ତୋଷ ରଣା, ପ୍ରସନ୍ନରାମ, ସୁରେଶରଣା, ପ୍ରଭାତିପ୍ରଧାନ, ଭୀମସେନଜେନା, ପଙ୍କଜିନୀସେଠୀ, ସତ୍ୟବତୀ ଲାଗୁରୀ, ବବିତା ସାହୁ, ମିତାଲି ଦାସ, ଦିଲ୍ଲୀପ ଜେନା, ଦୀପକ ପାତ୍ର, ଅଞ୍ଜଳି ସାହୁଙ୍କ ସମେତ ଶତାଧିକ କର୍ମଚାରୀ ୧୦ ଦଫା ଦାବି ଉପରେ ଆଲୋଚନା କରିଥିଲେ।

## ଶିକ୍ଷକ ଡେପୁଟେସନ ଓ ନିଯୁକ୍ତିକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ

ହାଟଡ଼ିହୀ,୪।୮ (ସମିସ): ହାଟଡ଼ିହୀ ବ୍ଲକରେ ଶିକ୍ଷକ ଡେପୁଟେସନ ଓ ନିଯୁକ୍ତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ଲକରେ ଛାତ୍ରଛାତ୍ରୀଙ୍କ ଅନୁପାତ ଅନୁଯାୟୀ ଅଧିକ ଶିକ୍ଷକ ନିଯୁକ୍ତି ଥିଲେ ବି ବେନିୟମ ଭାବେ ଡେପୁଟେସନ କରାଯିବା ଯୋଗୁଁ ଏବେ ଅନେକ ବିଦ୍ୟାଳୟର ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେଉଁଠି କମ୍ ଶିକ୍ଷକ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ତ ଆଉ କେଉଁଠି ମେଞ୍ଚାଏ ଶିକ୍ଷକ ବସି ବସି ଘରକୁ ଫେରୁଛନ୍ତି। କିଛିଦିନ ତଳେ କେନ୍ଦୁଝର ଜିଲ୍ଲାରେ ୭୯ଜଣ ନୂତନ ସିଆରସିସିଙ୍କୁ ନିଯୁକ୍ତି ଦିଆଗଲା। ଏହିକ୍ରମରେ ହାଟଡିହୀ ବ୍ଲକରେ ୧୧ ଜଣ ନୂତନ ସିଆରସିସି ୧୧ଟି ସ୍ଥାନରେ ଯୋଗଦେଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୁଣା ସିଆରସିସି ମାନେ ସେମାନଙ୍କ ପ୍ୟାରେଣ୍ଟ ସ୍କୁଲକୁ ଫେରିବା ନିୟମ ରହିଛି। କିନ୍ତୁ ବ୍ଲକରେ ତାହାକୁ କାର୍ଯ୍ୟକାରି କରା ନଯାଇ ଭିନ୍ନ ସ୍କୁଲକୁ ଡେପୁଟେସନ କରାଗଲା। ଯାହାକୁ ନେଇ କିଛି ବିଦ୍ୟାଳୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଜୟକୁମାର ସା ସଡ଼ଙ୍ଗ ସିଆରସିସି ଭାବେ କାର୍ଯ୍ୟ କରୁଥିଲେ। ସିଆରସିସି କାର୍ଯ୍ୟକାଳ ପୂରିବା ପରେ ତାଙ୍କୁ ତାଙ୍କ ପ୍ୟାରେଣ୍ଟ ସ୍କୁଲ ତାମ୍ପଳାକୁ ଫେରାଇ ଦିଆ ନଯାଇ ନନ୍ଦିପଦା ସ୍କୁଲକୁ ଡେପୁଟେସନ କରାଯିବାରୁ ତାମ୍ପଳା ସ୍କୁଲରେ ଶିକ୍ଷକ ଅଭାବ ଦେଖାଦେଇଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୮ଟି ଶ୍ରେଣୀ ଥିବାବେଳେ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ଗତ ଶନିବାର ସ୍କୁଲ ପରିଚାଳନା କମିଟିର ସଭାପତି, ସରପଞ୍ଚଙ୍କ ପ୍ରତିନିଧି ଓ ଗ୍ରାମବାସୀ ଆସି ବିଇଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଉକ୍ତ ଶିକ୍ଷକଙ୍କୁ ତାଙ୍କ ପ୍ୟାରେଣ୍ଟ ସ୍କୁଲ ତାମ୍ପଳାକୁ ଫେରାଇ ଦିଆଯାଉ ବୋଲି ଦାବି କରିଛନ୍ତି। ସେହିପରି ଢ଼େଙ୍କା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ୯୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୩ଜଣ ଶିକ୍ଷକ ନିଯୁକ୍ତ ଥିଲେ। କିନ୍ତୁ ବ୍ଲକ ଶିକ୍ଷା ଅଧିକାରୀ ଏଠାର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀଙ୍କୁ ଡେପୁଟେସନ୍‌ରେ ମୋଟରାଗଡ଼ିଆ ସ୍କୁଲକୁ ନେଇଯାଇଛନ୍ତି। ଗେଡ଼ମା କ୍ଲଷ୍ଟର ଜଳସରପୂର ସ୍କୁଲରୁ ଅନ୍ୟ ଜଣେ କନିଷ୍ଠ ଶିକ୍ଷୟତ୍ରୀଙ୍କୁ ଡେପୁଟେସନ୍‌ରେ ଆଣି ଢେଙ୍କା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ ବୋଲି କିଛି ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଢେଙ୍କା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ଥିବା ଜଣେ ଅସୁସ୍ଥ ଶିକ୍ଷୟିତ୍ରୀ ସସ୍ମିତା ଜେନାଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ନେବାକୁ ବାଧ କରାଯାଉଛି। ସେ ଅସୁସ୍ଥତା କାରଣରୁ ପ୍ରଧାନଶିକ୍ଷୟିତ୍ରୀ ପଦବୀ ନେବାକୁ ସମ୍ପୂର୍ଣ୍ଣ ଅରାଜି ଥିବାବେଳେ ତାଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ନିର୍ବାହ ପାଇଁ ବାଧ କରାଯାଉଥିବା ସେ କାନ୍ଦି କାନ୍ଦି ଅଭିଯୋଗ କରିଛନ୍ତି। ଏପରି ବାଧ କଲେ ସେ ଚାକିରୀରୁ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ ଏହି ଫେରି ଆସିଥିବା ସିଆରସିସିଙ୍କ ମଧ୍ୟରୁ ଜଣକୁ ମୋଟରାଗଡ଼ିଆ ସ୍କୁଲକୁ ଦିଆ ନଯାଇ ଏତେ ଏପଟ ସେପଟ କରିବାର କାରଣ କଣ ବୋଲି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ରାଜୀବ ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି ଯେ କିଛି ସ୍ଥାନରେ ଆବଶ୍ୟକତାକୁ ଦେଖି ଏପରି କରାଯାଇଛି। ଯଦି କିଛି ପରିବର୍ତ୍ତନ ଆବଶ୍ୟକ ଥିବ ତେବେ ଦେଖାଯିବ ବୋଲି କହିଛନ୍ତି।

## ହାତୀପଲଙ୍କ ଉତ୍ପାତ
## ଭାଙ୍ଗିଲେ ୪ଘର, ଖାଇଲେ ଧାନ ଚାଉଳ



ତୁରୁମୁଙ୍ଗା,୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ବଣ ମହୁଲଡିହା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ୩୧ଟିକିଆ ହାତୀପଲ ୪ଟି ଘର ଭାଙ୍ଗି ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏଥିସହ ପନିପରିବା, ଓ ଧାନ ଫସଲ ଉଜାଡ଼ି ଦେଇଛନ୍ତି। ହାତୀପଲ ବଣ ମହୁଲଡିହା ପାତ୍ର ସହିର ସୂର୍ଯ୍ୟମଣି ମୁଣ୍ଡା, ଦାଶରଥି ମୁଣ୍ଡା, ସାହେବ ମୁଣ୍ଡା ଏବଂ ରବି ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ସାହିବା ଓ ରବିଙ୍କ ୨ବସ୍ତା ଚାଉଳ ଖାଇ ଯାଇଛନ୍ତି। ହାତୀପଲ ସୋମବାର ସନ୍ଧ୍ୟାରେ ବଣମହୁଲଡିହା ଜଙ୍ଗଲରେ ଡେରା ପକାଇଛନ୍ତି। ଗତ ମାସେ ଧରି ହାତୀପଲ ଏହି ଅଞ୍ଚଳରେ ଆତଙ୍କ ଖେଳାଇ ୬୦ ଅଧିକ ଘର ଭାଙ୍ଗି ନଷ୍ଟ କରୁଥିଲେ ମଧ୍ୟ ବନ ବିଭାଗ ହାତୀପଲଙ୍କୁ ଘଉଡାଇବାରେ ବିଫଳ ହୋଇଥିବା ଲୋକେ ଅଭିଯୋଗ ଆଣି ଅସନ୍ତୋଷ ପ୍ରକାଶ କରିଛନ୍ତି।

## ନିଶାଡ଼ିଙ୍କ କବ୍‌ଜାରେ ଯାତ୍ରୀ ପ୍ରତୀକ୍ଷାଳୟ

ଯୋଡ଼ା,୪।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବସଷ୍ଟାଣ୍ଡରେ ନିର୍ମାଣ ହୋଇଥିବା ଯାତ୍ରୀ ପ୍ରତୀକ୍ଷାଳୟ ଏବେ ନିଶାଡ଼ିମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଦିନରାତି ପର୍ଯ୍ୟନ୍ତ ନିଶାଡ଼ିମାନେ ପ୍ରତୀକ୍ଷାଳୟଟିରେ ଆସର ଜମାଉଥିବା ବେଳେ ଅପେକ୍ଷାରତ ଯାତ୍ରୀ ସୁରକ୍ଷିତ ନ ମଣି ନିକଟରେ ଥିବା ଦୋକାନ ବାରଣ୍ଡାରେ ଛିଡ଼ାହୋଇ ବସକୁ ଅପେକ୍ଷା କରୁଛନ୍ତି। ଏଠାରୁ ବସ ଜିଲ୍ଲା ଏବଂ ରାଜ୍ୟ ବାହାରକୁ ଚଳାଚଳ କରୁଥିବା ନେଇ ବସଷ୍ଟାଣ୍ଡଟିରେ ଯାତ୍ରୀ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ପୂର୍ବ ସରକାର ସମୟରେ




୨୦୨୩ରେ ଏହି ଯାତ୍ରୀ ପ୍ରତୀକ୍ଷାଳୟଟି ନିର୍ମାଣ କରାଯାଇଥିଲା। ପାନୀୟଜଳ, ଶୌଚାଳୟ ଆଦିର ବ୍ୟବସ୍ଥା ରହିଥିବା ବେଳେ ଏହା ଏବେ ନିଶାଡ଼ିଙ୍କ କବ୍‌ଜାରେ ରହିଛି। ସକାଳ ହେବା ମାତ୍ରେ ଯାତ୍ରୀ ଗୃହଟିକୁ ମାଡି ବସି ସେଠାରେ ବିଭିନ୍ନ ନିଶା ସେବନ କରୁଛନ୍ତି। ରାତି ହେଲେ ବିଭିନ୍ନ ଅପରାଧିକ କାର୍ଯ୍ୟ ପାଇଁ ବାହାରୁଛନ୍ତି। ଏମାନଙ୍କୁ ବସଷ୍ଟାଣ୍ଡ ଅଞ୍ଚଳରେ ଡେଣ୍ଡରାଇଡ ଗୋଷ୍ଠୀ ଭାବେ ଜାଣନ୍ତି। ଦିନବେଳେ ନିଶା ଖାଇ ପ୍ରତୀକ୍ଷାଳୟଟିରେ ପଡିରହୁଥିବା ବେଳେ ରାତି ହେଲେ ଦୋକାନ ବଜାର ବନ୍ଦ ପରେ ଚୋରି ଏବଂ ସକାଳେ ଗାଳିଗୁଲଜ କରୁଛନ୍ତି। ଲୋକଙ୍କ ଛାତ ଉପରେ ଥିବା ଜିନିଷ, ପରିତ୍ୟକ୍ତ ଘର, ଛିଡା ହୋଇଥିବା ଗାଡ଼ିଗୁଡ଼ିକର ଯନ୍ତ୍ରାଂଶ ଉପରେ ଏମାନେ ନଜର ରହୁଛି। ଦୁଇଦିନ ତଳେ ବସଷ୍ଟାଣ୍ଡ ନିକଟରେ ଥିବା କିଛି ଦୋକାନ ଘରେ ଲାଗିଥିବା ସିସିଟିଭିର କପର ତାରଗୁଡିକୁ ଛିଣ୍ଡାଇ ନେଇଯାଇଥିବା ନେଇ ସ୍ଥାନୀୟ ଲୋକ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

## ଜିଲ୍ଲାସ୍ତରୀୟ ଏଚ୍‌ଆଇଭି କୁଇଜ ପ୍ରତିଯୋଗିତା




କେନ୍ଦୁଝର,୪।୮ (ସମିସ): କେନ୍ଦୁଝର ସଦରମହକୁମାସ୍ଥ ପିଏମଶ୍ରୀ ସରକାରୀ ବାଳିକା ହାଇସ୍କୁଲ୍‌ରେ ଜିଲ୍ଲାସ୍ତରୀୟ ଏଚଆଇଭି ଏଡ଼୍ସ ସମ୍ପର୍କିତ କୁଇଜ ପ୍ରତିଯୋଗିତା ଓସାକ୍ସ ଏବଂ ଜୁନିଅର ରେଡକ୍ରସ ପକ୍ଷରୁ ଆୟୋଜିତ ହୋଇଛି। କୃତୀ ଛାତ୍ର ମୋତି ରାଇସେନ ହେମ୍ବ୍ରମ, ଓଏଭି ସାହାରପଡା, ଖାଲିଆମେଣ୍ଟା ଧନେଇ ନୋଡାଲ ହାଇସ୍କୁଲ୍‌ର ଛାତ୍ରୀ ଅଭିଲିପ୍ସା ଦାସ ଶ୍ରେଷ୍ଠ ସ୍ଥାନ ବଜାୟ ରଖି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏଡିଏମଓ ଡ଼ଃ ଲକ୍ଷ୍ମୀକାନ୍ତ ମହାନ୍ତ, ଏପିଡିଏଚଓ ଡ଼ଃ ନିଲମ ମହାନ୍ତି, ରେଡ଼କ୍ରସ ଜିଲ୍ଲା ଯୁଗ୍ମ ସମ୍ପାଦକ ଏଆର ଖାନ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ପ୍ରଧାନଶିକ୍ଷକ ଜୟପ୍ରକାଶ ରାଉତ, ଜୁନିଅର ରେଡ଼କ୍ରସ ଅଫିସର ପ୍ରଶାନ୍ତ ପରିଡା, ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ଏଡ଼ସର ଭୟାବହତା, ପ୍ରତିକାର ଓ ସଚେତନତା ସମ୍ପର୍କରେ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରିଥିଲେ। ବୃନ୍ଦାବନ ସାହୁ ଧନ୍ୟବାଦ ଦେଇଥିଲେ।

## କେଶଦୁରପାଳରେ ଅଗ୍ନିଶମକେନ୍ଦ୍ର ଓ ଫାଣ୍ଡି ପାଇଁ ଦାବିପତ୍ର

ଆନନ୍ଦପୁର,୪।୮ (ସମିସ): କେନ୍ଦୁଝର ଜିଲ୍ଲାର ଘସିପୁରା ବ୍ଲକ ଅଧୀନ କେଶଦୁରପାଳରେ ଅଗ୍ନିଶମ କେନ୍ଦ୍ର ଓ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଆବଶ୍ୟକତା ଅନୁଭୂତ ହୋଇଥିଲେ ମଧ୍ୟ ପ୍ରଶାସନିକ ତତ୍ପରତା ପ୍ରକାଶ ପାଉନଥିବା ପରିତାପର ବିଷୟ। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିବା ବେଳେ ଆଜି କେତେକ ସଚେତନ ଯୁବକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଘସିପୁରା ଥାନା ଓ ଅଗ୍ନିଶମ କେନ୍ଦ୍ରଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଥିବା କେଶଦୁରପାଳ ଆଖ ପାଖ ୬ଟି ପଞ୍ଚାୟତର



କେନ୍ଦ୍ରସ୍ଥଳ। ଦୂରତା ଦୃଷ୍ଟିରୁ ଏହି ଅଞ୍ଚଳର ଲୋକମାନେ ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ଦୈବୀଦୁର୍ବିପାକ ଓ ନିଆଁ ଲାଗିବା ଭଳି କୌଣସି ଅଘଟଣ ହେଲେ ଘସିପୁରାରୁ କେଶଦୁରପାଳ ଯିବାକୁ ଏକ ଘଣ୍ଟା ସମୟ ଲାଗିଥାଏ। ଯାହାକି ତତ୍କାଳ ଜରୁରୀ ସେବା ପାଇବା ସମ୍ଭବ ହୁଏନାହିଁ, ୬ଟି ପଞ୍ଚାୟତର ଲୋକମାନେ ଧନଜୀବନ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେଶଦୁରପାଳରେ ଏକ ଅଗ୍ନିଶମ କେନ୍ଦ୍ର ଓ ପୁଲିସ ଫାଣ୍ଡିପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସାମ୍ବାଦିକ ଅବିନାଶ ଶତପଥୀ ଦାବିପତ୍ର ପ୍ରଦାନ କରିଥିଲେ।

## ଉଭୟଚର ଜଗତର ଅନନ୍ୟ ପ୍ରାଣୀ ଗେଣ୍ଡା
### ଗ୍ରାମାଞ୍ଚଳରେ ଏବେ ବି ରହିଛି ଆଦର

ଆନନ୍ଦପୁର,୪।୮ (ସମିସ)

ଖରାଦିନେ ଜଳାଶୟ, ଖାଲପାଟିଆ, ଜଳପୁଟ ଆଦି ସ୍ଥାନରେ ଜଳସ୍ତର ଶୁଖିଯିବା ପରେ ଯେଉଁଠି ପାଣି ମୁହାଁଏ ଥାଏ ସେଠାରେ ଛୋଟ ଛୋଟ ଶାମୁକା, କୁଜି ଗେଣ୍ଡା ଦେଖିବାକୁ ମିଳନ୍ତି। ବିଭିନ୍ନ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଆସି ଏହାକୁ ଖାଇଥାନ୍ତି। ମଣିଷ ପକ୍ଷୀମାନଙ୍କ ଖାଦ୍ୟକୁ ଏବେ ସହଜରେ ଗ୍ରହଣ କରିନେଲେଣି। କାରଣ ଏହି କୁଜି ଗେଣ୍ଡା ଓ ଶାମୁକାରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଛି। ପକ୍ଷୀମାନେ ସିଧାସଳଖ ଖାଦ୍ୟରୂପେ ଗ୍ରହଣ କରି ନିରୋଗ ରହୁଛନ୍ତି। ଆନନ୍ଦପୁର ଉପାନ୍ତ ଅଞ୍ଚଳରେ କେତେକ ଜନଜାତି ସମ୍ପ୍ରଦାୟର ଲୋକମାନେ ଏହାକୁ ନେଇ ପ୍ରଥମେ ଗରମ ପାଣିରେ ପକାଇ ଖୋଳପା ବାହାର କରି ତା' ଭିତର ମାଂସକୁ ତରକାରୀ କରି ଖାଉଛନ୍ତି। କଙ୍କଡ଼ା, ଗେଣ୍ଡା, ଶାମୁକା ଶରୀର ପାଇଁ ଖୁବ୍ ଉପଯୋଗୀ କୁହାଯାଉଥିବା ବେଳେ ଜନଜାତି ସମ୍ପ୍ରଦାୟ ଯୁବକମାନେ ଖରାବେଳେ ନିକଟ ଗାଡ଼ିଆ, ପୋଖରୀରୁ କୁଜି ଗେଣ୍ଡା, ଶାମୁକା



ସଂଗ୍ରହ କରିଥାନ୍ତି। କେତେଜଣ ଲୋକ ଏହାକୁ ନିଜେ ଖାଇବା ସହ ପଡ଼ୋଶୀ ଜିଲ୍ଲାକୁ ବିକ୍ରି କରିବାକୁ ନେଇଥାନ୍ତି। କୁଜି ଗେଣ୍ଡା ଓ ଶାମୁକା କିଲୋ ପ୍ରତି ୩୦-୪୦ ଟଙ୍କାରେ ବିକ୍ରି କରାଯାଇଥାଏ। ବର୍ଷାଦିନ ଆରମ୍ଭରୁ ବଡ଼ ଗେଣ୍ଡା, ଶାମୁକାଗୁଡ଼ିକ ଡିମ୍ବ ଦେବା ପୂର୍ବରୁ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରାଯାଏ। ଗେଣ୍ଡା, ଶାମୁକା ମାଂସକୁ ଖାଦ୍ୟ ରୂପେ ଗ୍ରହଣ କଲେ ଶରୀରରେ ଭିଟାମିନ୍ ଏ' ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହ ଆଇରନ୍ ବା ଲୌହସାର ଏବଂ କ୍ୟାଲସିୟମ ମିଳିଥାଏ। ଶରୀରରେ ଚର୍ବିଅଂଶ ହ୍ରାସ କରିବା ସହ ଲୋ ଫ୍ୟାଟ୍ ରଖିଥାଏ। ଏଥିଯୋଗୁଁ ହୃଦ୍‌ଘାତ ଆଶଙ୍କା ହ୍ରାସ ପାଇବା ସହ ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ଜଣେ ଜନଜାତି ସମ୍ପ୍ରଦାୟର ବୁଦ୍ଧିଜୀବୀଙ୍କ ସହ ଆଲୋଚନରୁ ଜଣାଯାଇଛି।

## ଆନନ୍ଦପୁରରେ ନାହିଁ ଶବଦାହ ଗୃହ
### ରାସ୍ତାପାର୍ଶ୍ୱରେ ହେଉଛି ସଂସ୍କାର

ଆନନ୍ଦପୁର,୪।୮ (ସମିସ): ଆନନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳରେ ଶବସଂସ୍କାର ପାଇଁ କୋଣସି ସୁବିଧା ନଥିବାରୁ ରାସ୍ତାକଡ଼ରେ ଶବଦାହ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୫ଟି ୱାର୍ଡ ବିଶିଷ୍ଟ ଆନନ୍ଦପୁର ସହରରେ କୌଣସି ସ୍ଥାନରେ ଶବଦାହର ସୁବିଧା ନଥିବାରୁ ବୈତରଣୀ ନଦୀକୁଳରେ ସଂସ୍କାର କାର୍ଯ୍ୟ ହୋଇଥାଏ। ହେଲେ ବର୍ଷା ଦିନରେ ବିଶେଷ ଅସୁବିଧା ହେଉଥିବା ବେଳେ ନଦୀରେ ବନ୍ୟାଜଳ ଆସିଲେ ଶବଦାହ କଷ୍ଟକର ହୋଇପଡ଼େ। ପୌରପରିଷଦ ପକ୍ଷରୁ ଶବଦାହ ଗୃହ ନିର୍ମାଣ ପ୍ରସ୍ତାବ ଶୀତଳ ଭଣ୍ଡାରରେ ପଡ଼ିଛି ବୋଲି ଅଭିଯୋଗ ହେଉଛି। ଏପରି ଅସୁବିଧା ଯୋଗୁଁ ୫୩ନଂ ରାଜ୍ୟ ରାଜପଥର ମେଗା ଜଳ ପ୍ରକଳ୍ପ ନିକଟସ୍ଥ ରାସ୍ତାପାଶ୍ୱର୍ରେ ଶବଦାହ କରାଯାଉଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପରିବେଶର ସୁରକ୍ଷା ପାଇଁ ବିବିଧ ଯୋଜନା ଓ ଜନସଚେତନତା ସୃଷ୍ଟି କରାଯାଉଥିବା ବେଳେ ରାସ୍ତାପାଶ୍ୱର୍ରେ ଏପରି ଶବଦାହ ପରିବେଶକୁ ଦୂଷିତ କରୁଛି। ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କୁ ଶବଦାହ ଗୃହରେ ସତ୍କାର ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ହେଉଥିବା ବେଳେ ଆନନ୍ଦପୁର ପୌରପରିଷଦରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ସେହିପରି ଦୁଇ ୱାର୍ଡ ବିଶିଷ୍ଟ ପଦ୍ମପୁର ଗ୍ରାମରେ ଶବଦାହ ପାଇଁ ସୁବିଧା ନଥିବାରୁ ମୃତବ୍ୟକ୍ତିଙ୍କୁ ୫୩ନଂ ରାଜ୍ୟ ରାଜପଥର କଡ଼ରେ ଦାହ କରୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକେ ଭୟଭୀତ ହେଉଥିବା ଆଲୋଚନାରୁ ଜଣାଯାଇଛି। ପୌରପରିଷଦରେ ଶବଦାହ ଗୃହ ନିର୍ମାଣ



ପାଇଁ ଲକ୍ଷ ଲକ୍ଷ ଟଙ୍କା ଥିବାବେଳେ ଦୀର୍ଘ ୩ବର୍ଷ ଧରି ପୌରପରିଷଦର ୨ନଂ ୱାଡର୍‌ରୁ ୭ନଂ ୱାଡର୍ ମଧ୍ୟରେ ଗୋଟିଏ ବି ଶବଦାହ ଗୃହ ହୋଇପାରୁ ନ ଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏଥପ୍ରତି ଦୃଷ୍ଟିଦେଇ ବିଭିନ୍ନ ୱାର୍ଡରେ ଶବଦାହ ଗୃହ ନିର୍ମାଣ ଦିଗରେ ଉଚିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି।

## କ୍ଷୀରେଶ୍ୱର ପୀଠରେ ଜଳାଭିଷେକ କଲେ କାଉଡିଆ



କାଳିପଦା, ୪ା୮ (ସମିସ): କଷାଫଳ ପଞ୍ଚାୟତର ଅନନ୍ୟ ଶିବାଳୟ ବାବା କ୍ଷୀରେଶ୍ୱର ପୀଠରେ ଶ୍ରାବଣର ସୋମବାର ପାଇଁ ଭୋର ସମୟରୁ ଶହ ଶହ ମହିଳା, ପୁରୁଷ କାଉଡ଼ିଆମାନଙ୍କ ଭିଡ଼ ପରିଲକ୍ଷିତ ହେଇଥିଲା। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବ୍ୟାରିକେଡ୍, ପାନୀୟ ଜଳ ଓ ପ୍ରସାଦ ବଣ୍ଟନ କମିଟି ପକ୍ଷରୁ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଶ୍ରୀପତି ଗିରି, ଶିବାନନ୍ଦ ପାତ୍ର, ଅରୁଣ ସ୍ୱାଇଁ, ଝାଡେଶ୍ୱର ରଥ, ଗୋପାଳ ଘଡାଇ ସହଯୋଗ କରିଥିଲେ। ଲଙ୍ଗଳେଶ୍ୱର ପାର୍ବତୀ ନଦୀରୁ ପାଣି ନେଇ କଷାଫଳ ମନ୍ଦିରରେ ମହାଦେବଙ୍କ ଉଦ୍ଦେଶ୍ୟରେ ଜଳାଭିଷେକ କରାଯାଇ ଥିଲା।

## ବାବା ନିଖିରେଶ୍ୱର ଶୈବପୀଠରେ କାଉଡ଼ିଆଙ୍କ ଜଳଲାଗି

ବାଲିଆପାଳ, ୪ା୮ (ସମସ): ବାଲିଆପାଳ ବ୍ଲକର ସର୍ବପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ଶୈବପୀଠରେ ଆଜି ଶ୍ରାବଣ ମାସର ସୋମବାର ଅବସରରେ ଶହ ଶହ ମାନସିକ ଧାରୀ ଶ୍ରଦ୍ଧାଳୁ ମହାଦେବଙ୍କ ନିକଟରେ ଜଳଲାଗି କରିଛନ୍ତି। ପୁଣ୍ୟ ଅର୍ଜନ ପାଇଁ ବଡ଼ି ଭୋରରୁ ବହୁ ଶ୍ରଦ୍ଧାଳୁ ମହିଳା, ପୁରୁଷ, କୁନି ଭକ୍ତ ପୂର୍ଣ୍ଣତୋୟା ସୁବର୍ଣ୍ଣରେଖା ନଦୀଠାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରି ସୁବର୍ଣ୍ଣରେଖା ନଦୀରୁ ପାଣି ଭାର ଉଠାଇ ବାବା ନିଖିରେଶ୍ୱରଙ୍କ ନାମ ନେଇ ମନ୍ଦିର ନିକଟରେ ପହଞ୍ଚି ମନ୍ଦିରର ଚାରିପଟେ ଘୂରି ଥିଲେ। ଏହା ପରେ ସମସ୍ତେ ଶାନ୍ତି ଶୃଙ୍ଖଳାର ସହ ଧାଡ଼ିରେ ଯାଇ ମନ୍ଦିର ଭିତରକୁ ପ୍ରବେଶ କରି ବାବାଙ୍କ ନିକଟରେ ଜଳାଭିଷେକ କରିଥିଲେ। ବାବା ନିଖିରେଶ୍ୱର ମନ୍ଦିର କମିଟି ପକ୍ଷରୁ ଜଳାଭିଷେକ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ




ବାଲିଆପାଳ, ୪ା୮ (ସମିସ): ବାଲେଶ୍ୱରର ପୂର୍ବତନ ସାଂସଦ, ବିଜୁ ଜନତା ଦଳର ବରିଷ୍ଠ ନେତା ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଜନ୍ମ ଦିବସ ଅବସରରେ ବାଲିଆପାଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଜୁ ଯୁବ ଛାତ୍ର ଜନତା ଦଳ ବାଲିଆପାଳ ତରଫରୁ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟ,ଜଗାଇ ଓ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲିଆପାଳ ବ୍ଲକ ଯୁବ ବିଜେଡି ସଭାପତି ସଂଗ୍ରାମ ପରିଡା, ବ୍ଲକ ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଛାତ୍ରନେତା ଉମେଶ ଗିରି ପ୍ରମୁଖଙ୍କ ସମେତ ବହୁ ଛାତ୍ର ନେତା ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

## କୁମ୍ଭାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୪ା୮ (ସମିସ): ଏହି ବ୍ଲକ କୁମ୍ଭାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତଃ ଚନ୍ଦ୍ର ମୋହନ ଦେଙ୍କ ଏକାଦଶାହରେ ଶନିବାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ସ୍ୱର୍ଗତଃ ଦେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ଶିକ୍ଷାବିତ୍ ଭାଗୀରଥ ଗିରି, ପଞ୍ଚାୟତ ସଭାପତି ପ୍ରଭାକର ଜେନା, ଲକ୍ଷ୍ମୀଧର ସେଠୀ, ବରେନ୍ଦ୍ର ପାଳ, ଅରୁଣ ମହାପାତ୍ର, ସୁଶୀଲ କୁମାର ଦେ, ଅନିଲ କୁମାର ଦେ, ସୁନିଲ କୁମାର ଦେ ପ୍ରମୁଖ ବହୁ ବ୍ୟକ୍ତିଙ୍କ ସମେତ ଗ୍ରାମବାସୀମାନେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସ୍ୱାମୀ ପରିତ୍ୟକ୍ତାଙ୍କୁ ଆଇନଗତ ସହାୟତା ଦାବି

ବାଲେଶ୍ୱର,୪ା୮ (ସମିସ): ଚାନ୍ଦିପୁର ଥାନା ଅର୍ନ୍ତଗତ ରଣସାହି ଅଞ୍ଚଳର ମିନତୀ ବେହେରା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ଅଟନ୍ତି। ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ବେହେରା ଆଜିକୁ ୫ବର୍ଷ ହେବ ତାଙ୍କ ସ୍ୱାମୀଙ୍କ ଠାରୁ ଅଲଗା ରହୁଛନ୍ତି। ଏପରିକି ତାଙ୍କୁ ପରିଚୟ ପତ୍ର ମଧ୍ୟ ମିଳିଛି। ଗତ ୨୦୨୪ମସିହା ଜୁଲାଇ ମାସ ଠାରୁ ମାସିକ ଏକହଜାର ଟଙ୍କା ପେନସନ ଭାବେ ପାଇଛନ୍ତି। ଏପରିକି ମାର୍ଚ୍ଚ ମାସ ଠାରୁ ଆଜି ପର୍ଯ୍ୟନ୍ତ ଆଉ ଭତ୍ତା ପାଇନାହାନ୍ତି। ଫଳରେ ତାଙ୍କର ଆଉ କୌଣସି ଅନ୍ୟ ରୋଜଗାର ନ ଥିବାରୁ ତାଙ୍କ ପୁଅଙ୍କ ସହ ଭୋକ ଓପାସରେ ରହୁଛନ୍ତି। ଏଣୁ ତାଙ୍କୁ ଆଇନଗତ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

### ଶ୍ରାବଣର ଚତୁର୍ଥ ସୋମବାର

# ପଞ୍ଚଲିଙ୍ଗେଶ୍ୱର ପୀଠରେ କାଉଡ଼ିଆଙ୍କ ଭିଡ଼

ନୀଳଗିରି/ ପଞ୍ଚଲିଙ୍ଗେଶ୍ୱର, ୪ା୮ (ସମିସ)

ଶ୍ରାବଣ ମାସର ଚତୁର୍ଥ ସୋମବାରରେ ରାଜ୍ୟର ସବୁ ଶୈବ ପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଓ ଉତ୍ସବମୁଖର ହୋଇଉଠିଲା ବେଳେ ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଞ୍ଚଲିଙ୍ଗେଶ୍ୱର କାଉଡିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା...ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ସୋନ ନଦୀରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଜଳ ଆଣି ଚାଲି ଚାଲି ଆସିବା ସହ ୨୬୩ଟି ପାହାଚ ଚଢ଼ି ଧାଡ଼ିରେ ଆସି ରବିବାର ରାତ୍ରୀ ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନୀଳଗିରି ନିକଟ ଦେବଗିରି ପର୍ବତମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି। ନୂଆକରି ଆସିଥିବା କିଛି କାଉଡିଆ ଏଠାକାର ରମଣୀୟ ପ୍ରାକୃତିକ ପରିବେଶ ସହ ଚିରସ୍ରୋତା ଝରଣାର କୁଳୁକୁଳୁ ନାଦ ଓ ନୀର ଶଯ୍ୟାରେ ବିଜେ ମହାଦେବଙ୍କୁ ସ୍ପର୍ଶ କରି ବିଭୋର ହୋଇଥିଲେ। ଏଠାରେ ନୀର ଶଯ୍ୟାରେ ବିଜେ ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରି ସାନିଧ ଲାଭ କରିବାର ସୁଯୋଗ ମିଳିଥାଏ। ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରିବାର ସୁଯୋଗ ଥିବାରୁ ବିଶ୍ୱାସ ଅଛି ପାଞ୍ଚଟି ଶୈବପୀଠରେ




ପୂଜା କଲେ ଯେଉଁ ପୁଣ୍ୟ ମିଳିଥାଏ ପଞ୍ଚଲିଙ୍ଗେଶ୍ୱରରେ ସମାନ ପୁଣ୍ୟ ମିଳିଥାଏ ଏହା ସହ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ରାସ୍ତା ଶେରଗଡ଼ରୁ ନୀଳଗିରି, ଝରଣଘାଟିରୁ ନୀଳଗିରି ଓ ମିତ୍ରପୁର, ସନ୍ତରାଗଡ଼ିଆ ରାସ୍ତାରେ କାଉଡିଆଙ୍କ ଲମ୍ବା ଧାଡ଼ି ସହ ବହୁ ସ୍ଥାନରେ ରାସ୍ତା ପାର୍ଶ୍ୱରେ କାଉଡିଆଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ କରି ପାଣି, ଗଜାବୁଟ, ମୁଗ, ଚା', ପ୍ରସାଦ, ସରବତ ଦେଉଥିବାର ଦେଖିବାକୁ ମିଳିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାଗ୍ରହଣ କରାଯାଇଥିବା ପୋଲିସ ପ୍ରଶାସନ ତରଫରୁ ଭିନ୍ନଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା।

## ସୁରକ୍ଷା ମାଗୁଛି ଦକ୍ଷିଣ ପ୍ରହରାଜପୁର ଝାଉଁ ଜଙ୍ଗଲ

ଜଳେଶ୍ୱର ବ୍ଲକ, ୪ା୮ (ସମିସ): ଜଳେଶ୍ୱର ତହସିଲ ଅଧିନ ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତର ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ଥିବା ରକ୍ଷିତ ଗ୍ରାମ୍ୟ ଜଙ୍ଗଲ ୩୨ ଏକର ଓ ଆବାଦଯୋଗ୍ୟ ଅନାବାଦୀ ୫୫ ଏକର ଜମି ଉପରେ ଥିବା ହଜାର ହଜାର ସଂଖ୍ୟାରେ ଝାଉଁ ଓ ଆକାଶୀ ଜଙ୍ଗଲ ପ୍ରହରାଜପୁର, ଗୁଆଗଡିଆ, ଦକ୍ଷିଣ ପ୍ରହରାଜପୁର ଗ୍ରାମକୁ ବର୍ଷ ବର୍ଷ ଧରି ସୁବର୍ଣ୍ଣରେଖାର ପ୍ରଳୟଙ୍କାରୀ ବନ୍ୟାରୁ ସୁରକ୍ଷା ଯୋଗାଇ ଆସୁଥିଲା। ଏବେ କୂଳ ଖାଇଯିବାରୁ ଉଜୁଡି ଯିବାକୁ ବସିଲାଣି ଜଙ୍ଗଲ। ଗ୍ରାମବାସୀଙ୍କ କହିବା କଥା ଯେ ପଶ୍ଚିମବଙ୍ଗ ବାଲି ମାଫିଆ ମାନେ ଓଡ଼ିଶା ସୀମାରେ ପ୍ରବେଶ କରି ଓଡ଼ିଶାର ପ୍ରଶାସନର କିଛି ଅଧିକାରୀ ମାନଙ୍କୁ ହାତ ଗୁଞ୍ଜା ଦେଇ ଜେସିବି ସାହାଯ୍ୟରେ ବହୁ ଟ୍ରିପ୍ ଡମ୍ପର ବାଲି ଉତ୍ତୋଳନ ସାଙ୍ଗକୁ ଦକ୍ଷିଣପ୍ରହରାଜପୁର ଠାରେ ନୂତନ ବ୍ରିଜ ନିର୍ମାଣ ଲାଗି ବଡ଼ ବଡ଼ ଭାରୀଯାନ ଜଙ୍ଗଲ ମଧ୍ୟରେ ଯାଆସ କରିବା ସହିତ ସେଠାରୁ ବାଲି ଉତ୍ତୋଳନ ଏକ ପ୍ରମୁଖ କାରଣ ହୋଇଥାଇ ପାରେ ବୋଲି କହିଥିଲେ। ଯାହା ଫଳରେ ନଦୀଗର୍ଭରେ ଲୀନ ହେବାକୁ ବସିଛି ଦକ୍ଷିଣ ପ୍ରହରାଜପୁର ଗ୍ରାମର ସୁରକ୍ଷା ଯୋଗାଇ ଆସୁଥିବା ନଦୀ କୂଳରେ ୮୦ ଏକରରୁ ଉର୍ଦ୍ଧ୍ୱ ଝାଉଁ ଜଙ୍ଗଲ। ରକ୍ଷଣାବେକ୍ଷଣ ସାଙ୍ଗକୁ ତାର ସୁରକ୍ଷା ଯୋଗାଇ ଦେବାକୁ ଗ୍ରାମବାସୀ ବନ ବିଭାଗକୁ ଅନୁରୋଧ କରିଛନ୍ତି। ତା ନ ହେଲେ ଆଗାମୀ କିଛି ବର୍ଷ ମଧ୍ୟରେ ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ଗାଁ ଗୁଡ଼ିକ ମାନଚିତ୍ରରୁ ଲୋପ ପାଇଯିବାର ଆଶଙ୍କା ପ୍ରକାଶ ପାଇଛି।



● ଆଧାର ସେବା କେନ୍ଦ୍ରରେ ବେଆଇନ କାର୍ଯ୍ୟ

## ଆଧାର କାର୍ଡ ପିଛା ନେଉଛନ୍ତି ଦୁଇ ଶହ!

କାଳିପଦା, ୪ା୮ (ସମିସ): ସମସ୍ତ ସରକାରୀ କାର୍ଯ୍ୟ ପାଇଁ ଆଧାର କାର୍ଡ ଏବେ ଜରୁରୀ ଦସ୍ତାବିଜ ହୋଇଛି। ଆଧାର କାର୍ଡର ନୂତନ ପଞ୍ଜୀକରଣ ଏବଂ ସଂଶୋଧନର ସୁବ୍ୟବସ୍ଥା ପାଇଁ ସରକାରଙ୍କ ଆନ୍ତରିକତା ଅଭାବ ଦେଖା ଦେଉଛି। ଆଧାର କାର୍ଯ୍ୟ ଦାୟିତ୍ୱ ବେସରକାରୀ ସଂସ୍ଥା କୁ ଟେକିଦେଇ ସରକାର ନିଘୋଡ଼ ନିଦରେ ଶୋଇଥିବା ପରି ମନେ ହେଉଛି। ଫଳରେ ବର୍ତ୍ତମାନ ଆଧାର କାର୍ଡ କାର୍ଯ୍ୟରେ ଅନେକ ଅନିୟମିତତା ସହିତ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲିଆପାଳ ବ୍ଲକର ବାଲିଆପାଳ ବଜାର, କାଳିପଦା ବଜାର, ନିଖିରା ହାଟ, ଲଙ୍ଗଳେଶ୍ୱର ବଜାର ଆଦି ଅଧିକାଂଶ ମୋବାଇଲ ଦୋକାନ, ଅନଲାଇନ ଦୋକାନ ଏବଂ ସେବାକେନ୍ଦ୍ର ଗୁଡିକରେ ଏଭଳି ବେନିୟମ କାର୍ଯ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରଶାସନର ଉଦାସୀନତା ଏବଂ ଆଧାର କାର୍ଯ୍ୟ ଦାୟିତ୍ୱରେ ଥିବା ସଂସ୍ଥା ଅଧିକାରୀମାନେ ହିଁ ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପାନ କାର୍ଡ ନୂଆ ଭାବରେ କରିବା ଅଥବା ପାନ କାର୍ଡ ସଂଶୋଧନ ନେଇ ସେବା କେନ୍ଦ୍ର ଗୁଡିକ ଲୋକଙ୍କୁ ଶୋଷଣ କରୁଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଗଣେଶ ସୋରେନ, ହଳଧର ମାଝୀ, ନଗେନ୍ଦ୍ର ନାଥ ପାଢ଼ୀ, ଧନଞ୍ଜୟ ବେହେରା, ହୃଷିକେଶ ମଲ୍ଲିକ, ଗୁନା ଧର ମୈକାପ, ସୁମନ୍ତ କୁମାର ଗିରି, ଖଗେଶ୍ୱର ନନ୍ଦୀ, ସୁମତୀ ଦେ, ବିଷ୍ଣୁପ୍ରିୟା ରାଉତ ପ୍ରମୁଖ ଦାବି କରିଛନ୍ତି।

## ଅଧ୍ୟକ୍ଷଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଓ ନୂତନ ଅଧ୍ୟକ୍ଷଙ୍କ ସ୍ୱାଗତ ସମାରୋହ



ରୂପସା, ୪ା୮ (ସମିସ): ସଦର ବ୍ଲକ ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଉଇଟିକିରି ସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଂଜନ ବେହେରାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ମାନସ କୁମାର ଦତ୍ତ ପରିଚାଳନା କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ,ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକ, କାର୍ଯ୍ୟାଳୟ ସହାୟକ, ୪ର୍ଥ ଶ୍ରେଣୀ କର୍ମଚାରୀ ସମେତ ପରିଚାଳନା କମିଟିର ସଭାପତି, ସଭ୍ୟ, ସଭ୍ୟା ତଥା ଅଞ୍ଚଳର ବିଶିଷ୍ଟ ମାନଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଅବସର ଗ୍ରହଣ କରୁଥିବା ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ପଠନ ଶୈଳୀ, କାର୍ଯ୍ୟ ପରିଚାଳନା ଦକ୍ଷତାକୁ ଭୂରି ଭୂରି ପ୍ରଶଂସା କରାଯାଇଥିଲା। ସମସ୍ତ ସହକର୍ମୀ ଓ ଅତିଥି ବୃନ୍ଦ ଅବସର ଗ୍ରହଣ କରୁଥିବା ଅଧ୍ୟକ୍ଷଙ୍କ ସୁସ୍ଥ ଓ ନିରାମୟ ଜୀବନର କାମନା କରିଥିଲେ। ସେହିପରି ଉଚ୍ଚଶିକ୍ଷା ବିଭାଗର ଆଦେଶ କ୍ରମେ ସମୀର କୁମାର ରାଉତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଯୋଗଦାନ କରିଥିଲେ। ନୂତନ ଅଧ୍ୟକ୍ଷଙ୍କୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ନୂଆ ବସ୍‌ଷ୍ଟାଣ୍ଡ ସାର୍ବଜନୀନ ଦୁର୍ଗାପୂଜା କମିଟି ବୈଠକ



ସୋର, ୪ା୮ (ସମିସ): ସୋର ଷ୍ଟେସନଛକସ୍ଥିତ ନୂଆବସଷ୍ଟାଣ୍ଡ ସାର୍ବଜନୀନ ଦୁର୍ଗାପୂଜା କମିଟି ବୈଠକ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ସେପ୍ଟେମ୍ବର ୨୮ ତାରିଖଠାରୁ ଆରମ୍ଭ ହେବାକୁ ଯାଉଥିବା ଦୁର୍ଗାପୂଜା ଏବଂ ଗଜଲକ୍ଷ୍ମୀ ପୂଜାକୁ ସୂଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯିବା ସହିତ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ସଦସ୍ୟ ପଞ୍ଚାନନ ଶିଅଳ, ଚୁନିଲାଲ ପରମାଣିକ, ଅକ୍ଷୟ ଦ୍ୱିବେଦୀ, ଚନ୍ଦ୍ରଶେଖର ମିଶ୍ର, ଶ୍ରୀକାନ୍ତ ଲେଙ୍କା, ଓମ୍ ପ୍ରକାଶ ପଣ୍ଡା, ପରୀକ୍ଷିତ ସାହୁ, ମହେଶ୍ୱର ସେଠୀ ଏବଂ ହିମାଂଶୁ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମନୋଜ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରରେ କ୍ଲଷ୍ଟରସ୍ତରୀୟ ସଭା

ଭୋଗରାଇ, ୪ା୮ (ସମିସ) : ଭୋଗରାଇ ବ୍ଲକ ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଭଗବାନ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସଭା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁରାଣୀ ପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାଧନ କେନ୍ଦ୍ରର ସଂଯୋଜକ ସ୍ୱାଗତ କୁମାର ସୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ବହୁ ଶ୍ରେଣୀ ପାଠ ଯୋଜନା,ନମୁନା ପାଠଟିକା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଶିଆଳିଆ ୟୁଜିୟୁପି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ବରିଷ୍ଠ ଶିକ୍ଷକ ଅରୁଣ କୁମାର ପ୍ରଧାନ ଶିଶୁ ବାଟିକାର ଗୁରୁତ୍ୱ ଓ ଅଭିନବ ନୂତନ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ କ୍ଷ ଏଥିରେ ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ପ୍ରଧାନ ଶିକ୍ଷକ ଓ ବରିଷ୍ଠ ଶିକ୍ଷକ ମାନେ ଅଂଶଗ୍ରହଣ କରିଥିଲେ।




# ଧାନ ତଳି ନ ଥିବାରୁ ଚାଷୀ ନିରାଶ

କାଳିପଦା, ୪ା୮ ( ସମିସ)

ବାଲିଆପାଳ ବନ୍ୟା ପ୍ରପୀଡ଼ିତ ୯ ଟି ପଞ୍ଚାୟତରେ ଚାଷୀଙ୍କ ଠାରେ ଖରିଫ ଧାନ ଚାଷ ପାଇଁ ଧାନ ତଳି ନ ଥିବାରୁ ଚାଷୀମାନେ ହତାଶ ହୋଇଛନ୍ତି। ସୁବର୍ଣ୍ଣ ରେଖା ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହା ଯାଇଛି। ଇତି ମଧ୍ୟରେ ସୁବର୍ଣ୍ଣରେଖା ନଦୀରେ ୫ ଥର ବନ୍ୟା ଆସିଲାଣି। ପୂର୍ବରୁ ବନ୍ୟା ଯୋଗୁଁ ଚାଷୀଙ୍କ ପରିବା ଚାଷ ଓ ନଳିତା ଚାଷ ଉଜୁଡି ଯାଇ ଥିବାବେଳେ ଚଳିତ ବନ୍ୟାରେ ଚାଷୀଙ୍କ ଧାନ ତଳି ଦୀର୍ଘ ଦିନ ଧରି ପାଣିରେ ବୁଡି ରହିବାରୁ ତଳି ପଚି ନଷ୍ଟ ହୋଇ ଯାଇଛି। ବାଲିଆପାଳ ବ୍ଲକରେ ଶତକଡା ଅଶି ଭାଗ ଲୋକ ଖରିଫ ଧାନ ଚାଷ ଉପରେ ନିର୍ଭୟ କରନ୍ତି। ନୂଆ ଧାନ ତଳି କରିବା ଏବେ ଚାଷୀଙ୍କ ପାଇଁ ଦୁରୂହ ବ୍ୟାପାର। ଚାଷୀଙ୍କ ଚାହିଦା ଥିବା ଧାନ ବିହନ ମଧ୍ୟ ବିହନ କ୍ରୟ କେନ୍ଦ୍ରରେ ମିଳୁନାହିଁ। ପୁଣି ଆଗକୁ ବନ୍ୟା ଭୟ। ବୁଣା ଧାନ ଚାଷ କଥା ନ କହିବା ଭଲ। ଷୋଳସା ପାଣ୍ଟ, କାଳନ୍ଦା ପାଣ୍ଟ, ମଧୁପୁରା ପାଣ୍ଟ, ବଡାଶ ପାଣ୍ଟ ଆଦି ଗହିରୀ ଜମିରେ ଏବେ ଫୁଟେ କି ଦେଢ଼ ଫୁଟ ପାଣି ରହିଛି। ଏହି ସବୁ ପାଣ୍ଟ ଜମିରେ ଆଉ ଚାଷ ହୋଇ ପାରିବ ନାହିଁ। ଚାଷୀଙ୍କ ଖରିଫ ଧାନ ଚାଷ ପାଇଁ ସରକାର ଧାନ ତଳି ଯୋଗାଇ ଦେବାକୁ ଗଗନ କୁମାର ସାହୁ, ମୁକୁନ୍ଦ ମୁରାରୀ ଧଳ, ସୁବୋଧ କୁମାର ପାତ୍ର, ଗଣେଶ୍ୱର ବେହେରା, ଦୁଷ୍ମନ୍ତ କୁମାର ରାଉତ, ପ୍ରସନ୍ନ କୁମାର ପାତ୍ର, ଦୁର୍ଯ୍ୟୋଧନ ମାଝୀ, ଅରବିନ୍ଦ କୁମାର କରଣ, ସୁବାଶିଷ ଦାସ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।



## ବିଜେଡି ପକ୍ଷରୁ ପ୍ରାକ୍ତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଜନ୍ମୋତ୍ସବ




ଜଳେଶ୍ୱର, ୪ା୮ (ସମିସ): ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଜନ୍ମୋତ୍ସବକୁ ଜଳେଶ୍ୱର ବିଜେଡି ପକ୍ଷରୁ ମଙ୍ଗଳା ମାତା ମନ୍ଦିରରେ ପାଳନ କରାଯାଇଛି। ସୋମବାର ଅପରାହ୍ନରେ ମଙ୍ଗଳାତଳାଠାରେ କାଉନସିଲର ଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଏକତ୍ରୀତ ହୋଇଥିଲେ। ଶ୍ରୀ ଜେନାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ମଙ୍ଗଳା ମାତା ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସମୂହ ଦ୍ୱୀପ ଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ମଧୁସୂଧନ ସେନାପତି, କାଉନସିଲର ସୁରଜ୍ ଚୈରାସିଆ,ଆନନ୍ଦ କର, ଗୌରବ ଦାସ, ଗୌତମ ପାତ୍ର, ମଧୁ ଦତ୍ତ, ଗ୍ରାମ୍ୟ ମୁଖ୍ୟ ଅନନ୍ତ ଦାସ, ସମରେନ୍ଦ୍ର ଦାସ, ଅଜୟ ପ୍ରଧାନ, ଗୌରହରି ସାହୁ ଓ ବହୁ ମହିଳା ଶୁଭେଚ୍ଛୁ ଉପସ୍ଥିତ ଥିଲେ।

### ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ଶିକ୍ଷକ ବଦଳି ନେଇ ଫିଟୁଛି ଗୁମର

# ବଦଳି ଆଦେଶକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା

ବାରିପଦା,୪।୮ (ସମିସ):

ମୟୂରଭଞ୍ଜ ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ଶିକ୍ଷକ ବଦଳି ଅନିୟମିତତା ପଦାକୁ ଆସିଛି। ରେସନାଲାଇଜେସନ ନିୟମକୁ ଅଣଦେଖା କରାଯାଇ ଶିକ୍ଷକଙ୍କୁ ବଦଳି କରାଯାଉଛି। ଫଳରେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡରେ ଶିକ୍ଷକ ଅଭାବକୁ ନେଇ ପାଠପଢାରେ ବ୍ୟତିକ୍ରମ ଘଟିଛି। ସମସ୍ତ ସ୍କୁଲରେ ଶିକ୍ଷକ ସଂଖ୍ୟା ସମତୁଲ ରକ୍ଷାରେ ବିଭାଗ ବିଫଳ ହୋଇଛି। ଅପରପକ୍ଷରେ ଏପରି ଅନିୟମିତତାକୁ ନେଇ ଗୋଟିଏ ବିଦ୍ୟାଳୟରେ ୨ ଜଣ ପ୍ରଧାନ ଶିକ୍ଷକ କାର୍ଯ୍ୟ କରୁଥିବା ମଧ ଦେଖାଯାଇଛି। ଏ ନେଇ ଜଣେ ଉଚ୍ଚ ନ୍ୟାୟାଳୟରେ ନ୍ୟାୟ ପାଇଁ ଆବେଦନ ପରେ କୋର୍ଟରେ ମାମଲା ରୁଜୁ ହୋଇଛି। ଏଭଳି ଅବ୍ୟବସ୍ଥାକୁ ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଉଦଳା ବ୍ଲକ ବହୁବନ୍ଧ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପରିଡା (ଦିବ୍ୟାଙ୍ଗ) ପଦୋନ୍ନତି ପାଇ ସେହି ବିଦ୍ୟାଳୟରେ କାର୍ଯ୍ୟ କରିଆସୁଥିଲେ। ଗତମାସ ହୋଇଥିବା ବଦଳି ନିର୍ଦ୍ଦେଶନାମା ଅନୁସାରେ ଅନ୍ୟ ଜଣେ କଳା ଶିକ୍ଷକ ରଞ୍ଜନ କୁମାର ନାୟକଙ୍କୁ ନିକଟସ୍ଥ ବଡ଼ସିମୁଳିଆ ବାଳିକା ଉଚ୍ଚ ବିଦ୍ୟାଳୟରୁ ବଦଳି କରାଯାଇ ସେହି ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ମାତ୍ର ତାଙ୍କୁ ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଇ ନ ଥିବାରୁ ବର୍ତ୍ତମାନର ପରିସ୍ଥିତିରେ ଦୁଇଜଣ ପ୍ରଧାନ ଶିକ୍ଷକ ସେଠାରେ କାର୍ଯ କରୁଛନ୍ତି। ଉକ୍ତ ବିଦ୍ୟାଳୟରେ ବଦଳି ହୋଇଆସିଥିବା ଶିକ୍ଷକଙ୍କ ପଦବୀ ନଥିବା ବେଳେ ବିଭାଗୀୟ କାର୍ଯ୍ୟକଳାପକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହୋଇଛି ; ଯାହାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସୋମବାର ଜିଲ୍ଲାପାଳ ଜନଶୁଣାଣି ଶିବରରେ ଅଭିଯୋଗ କରିଛନ୍ତି। ସେହିପରି ମାଣତ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକଙ୍କୁ ବାଙ୍ଗରିପୋଷି ବ୍ରାହ୍ମଣଗାଁ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଇଛି। ସେହି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ନାଏକଙ୍କୁ ବଡ଼ସାହି ବ୍ଲକ ଯୋଗୀନୂଆଗାଁ ଆଶ୍ରମ ବିଦ୍ୟାଳୟକୁ ବଦଳି କରାଯାଇଛି। ତେବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀଟି ବରିଷ୍ଠ ମାଟ୍ରିକ ସିଟି ପଦବୀ ପାଇଁ ଉଦ୍ଦିଷ୍ଟ ରହିଥିବା ବେଳେ କଳା ଶିକ୍ଷକକୁ ନିଯୁକ୍ତି ଦେବା କେତେଦୂର ଯଥାର୍ଥ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଚ୍ଚ ବିଦ୍ୟାଳୟରୁ କଳା ଓ ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରାଯିବାରୁ ଶିକ୍ଷକ ପଦବୀ ଏଯାବତ ଖାଲି ପଡିଛି। ଆଗକୁ ଦଶମ ପରୀକ୍ଷା ଥିବା ବେଳେ ଏହି ବିଷୟରେ ଛାତ୍ରଛାତ୍ରୀନ କିଭଳି ପାଠ ପଢୁଥିବେ ତାହା ସହଜରେ ଅନୁମେୟ। ସେହିପରି ଖୁଣ୍ଟା ବ୍ଲକ କମଳୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅରବିନ୍ଦ ବେହେରାଙ୍କୁ ଜାନୁଆରୀ ମାସରେ ପ୍ରଶାସନିକ ଦୃଷ୍ଟି କୋଣରୁ ଶରତ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଜିଲ୍ଲା ମଙ୍ଗଳ ଅଧିକାରୀ ନୂତନ ଭାବେ ଯୋଗଦେବାର ଅଳ୍ପ ଦିନ ମଧ୍ୟରେ ତାଙ୍କୁ ମାର୍ଚ୍ଚରେ ପୁଣି କରଞ୍ଜିଆ ବ୍ଲକ ଟାଙ୍ଗିଆ ଆଶ୍ରମ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଇଥିଲା। ଫଳରେ ଶରତ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ବିଜ୍ଞାନ ଓ ଗଣିତ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି; ଯାହାକି ରେସନାଲାଇଜେସନ ନିୟମକୁ ଅଣଦେଖା କରାଯାଇଛି। ଠାକୁରମୁଣ୍ଡା ବ୍ଲକ ଚମକପୁର ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଡିମ୍ପଲ କୁମାର ଦାସଙ୍କୁ ପ୍ରଧାନ ଶିକ୍ଷକ ରୂପେ ଜମଦା ବ୍ଲକ ଅଧିନ ତାରଣା ଆଶ୍ରମ ବିଦ୍ୟାଳୟକୁ ବଦଳି କରାଯାଇଛି। ତେବେ ହାଇସ୍କୁଲରେ ବିଭିନ୍ନ ଶିକ୍ଷକ ପଦବୀ ପାଇଁ ପୃଥକ ଭାବେ ଗ୍ରେଡେଶନ ତାଲିକା ଓ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ପାଇଁ ସାଧାରଣ ଗ୍ରେଡେଶନ ତାଲିକା ଏବଂ ବରିଷ୍ଠତା ଭିତ୍ତିରେ ମାଟ୍ରିକ ସିଟି ଗ୍ରେଡେସନ ତାଲିକା ପ୍ରସ୍ତୁତ ହେଉ ନ ଥିବାରୁ ବିଭାଗୀୟ ଅଧିକାରୀମାନେ ମନମୁଖି ବଦଳି ଆଦେଶ କରିଛନ୍ତି। ସେହିପରି ଜିଲ୍ଲାରେ ହୋଇଥବା ୨୦୯ ଶିକ୍ଷକ ବଦଳି ଆଦେଶରେ ବରିଷ୍ଠତାକୁ ପ୍ରାଧାନ୍ୟ ଦିଆ ନ ଯାଇ ଇଚ୍ଛା ମୁତାବକ ବଦଳି କରାଯାଇଛି।



ଖପରଖାଇ କାଉଡିଆଙ୍କ ଭାରରେ ଶ୍ରୀମହାଦେବଙ୍କ ଯାତ୍ରା

## ୧୫ ପଞ୍ଚାୟତର ନାହିଁ ନିଜସ୍ୱ କାର୍ଯ୍ୟାଳୟ ଗୃହ

### ■ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ପଞ୍ଚାୟତ କାର୍ଯ୍ୟାଳୟ

ହାଟଡ଼ିହୀ,୪।୮ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ରେ ୧୫ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ଗୃହ ନାହିଁ। ଏହି ବ୍ଲକ୍ ଅଧୀନରେ ରହିଛି ଜିଲ୍ଲାର ସର୍ବାଧିକ ୩୧ଟି ପଞ୍ଚାୟତ। ବ୍ଲକ୍ ମୁଖ୍ୟାଳୟ ହାଟଡ଼ିହୀ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନାହିଁ। ପଞ୍ଚାୟତର ଗୋଟିଏ ପୁରୁଣା ଆଜବେଷ୍ଟସ ଘର ଥିଲାବେଳେ ତାହା ବିପଦସଙ୍କୁଳ ହୋଇପଡ଼ିବାରୁ କିଛି ମାସ ତଳେ ଭାଙ୍ଗି ଦିଆଯାଇଛି। ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଛି। ସେହିପରି ଅଁରା ପଞ୍ଚାୟତ ଗଠନ ହେବା ପରଠାରୁ ୧୪ବର୍ଷ ହେଲା ଭଡ଼ାଘରେ ଚାଲୁଥିଲା ଏହି ପଞ୍ଚାୟତ। ଏପରିକି ଅନେକ ଥର ଘର ଭଡ଼ା ପୈଠ କରି ନପାରିବାରୁ



କାର୍ଯ୍ୟାଳୟରେ ତାଲା ପକାଇଥିଲେ ଘର ମାଲିକ। ଏବେ ପିଇଓଙ୍କ କ୍ୱାର୍ଟର୍ସରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଛି। ସବୁ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଥିବାବେଳେ ଏଠାରେ ତାହା ମଧ ନିର୍ମାଣ ହୋଇନି। ସେହିପରି ହାଟଡିହୀ ବ୍ଲକ୍‌ର ଆଦିବାସୀ ବହୁଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ କେ.ବାଲିପାଳ ପଞ୍ଚାୟତ ଗଠନ ହେବା ଦିନରୁ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟର ମରାମତି କିମ୍ବା ନିର୍ମାଣ ହୋଇନି। ଶାସଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଚାଲିଛି। ଡ଼ଅଁର, ହାଟଡ଼ିହୀ, ଜମ୍ବିରା, ସୁଲଣ, ହଦଗଡ଼, ବାଙ୍ଗୋର, ପଡ଼ିଆରିପଲ୍ଲୀ, ଅକରୁଆ, ଆମ୍ରୋ, କଳିଗାଁ, ବାଲିବରେଇ ଆଦି ୧୫ଟି ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ଗୃହ ନଥିବାରୁ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ କାର୍ଯ୍ୟାଳୟ ଚାଲିଛି। ଏନେଇ ବ୍ଲକ୍ କର୍ତ୍ତୃପକ୍ଷ ପ୍ରଶାସନକୁ ଚିଠି କରି ଜଣାଇଛନ୍ତି। ସରକାର ଏଥିପାଇଁ ଅନୁଦାନ ଯୋଗାଇ ଦେଲେ ଗୃହ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟାଳୟ ଭାଙ୍ଗି ଯାଇଥିବାରୁ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ କାର୍ଯ୍ୟାଳୟ ଚାଲିଛି। ସେହିପରି ପଦାଡ଼ ପଞ୍ଚାୟତରେ ମଧ ସମାନ ଅବସ୍ଥା।

## ଶ୍ୟାମଚରଣ ମୁର୍ମୁଙ୍କ ଶ୍ରାଦ୍ଧଦିବସ ପାଳିତ



ରାଇରଙ୍ଗପୁର, ୪।୮ (ସମିସ): ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କ ୧୨ତମ ମହାପ୍ରୟାଣ ଦିବସ ଉପଲକ୍ଷେ କୁସୁମୀ ବ୍ଲକ ବାଦାମପାହାଡ ନିକଟସ୍ଥ ପାହାଡପୁର ଏସଏଲଏସ (ଶ୍ୟାମ ଲକ୍ଷ୍ମଣ ସିପୁନ) ସ୍ମାରକୀ ଆବାସିକ ବିଦ୍ୟାଳୟରେ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଏବଂ ଏଲଏଣ୍ଡଟି ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ପାହାଡପୁର ଗାଁ ଛକରେ ଥିବା ସ୍ୱର୍ଗତ ମୁର୍ମୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଥିବା ସମାଧିପୀଠରେ ସ୍ୱର୍ଗତ ଶ୍ୟାମଚରଣ ମୁର୍ମୁ ଏବଂ ତାଙ୍କ ଦୁଇ ପୁତ୍ର ଲକ୍ଷ୍ମଣ ଓ ସିପୁନଙ୍କ ପ୍ରତିମୂର୍ତ୍ତିରେ ଦୀପ, ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ପରିଚାଳନାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

### ■ ସାତକୋଶିଆ ଉଚ୍ଚବିଦ୍ୟାଳୟ

## ୩ ଶିକ୍ଷକ ପଦ ଖାଲି; ଶିକ୍ଷାଦାନ ବ୍ୟାଘାତ

ମହୁଲଡିହା,୪।୮ (ସମିସ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩ ଜଣ ଶିକ୍ଷକ ଅବସର ଗ୍ରହଣ କରିଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହି ପଞ୍ଚାୟତର ଗରିବ ପିଲାମାନେ ଦୂରଦୂରାନ୍ତ ଉଚ୍ଚ ବିଦ୍ୟାଳୟକୁ ଯିବାଆସିବା କରି ପଢ଼ିବାରେ ଅସୁବିଧା ଉପଲବ୍ଧି କରି ଅଞ୍ଚଳର ବୁଦ୍ଧିଜୀବୀ ୧୯୯୨ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ





କରିଥିଲେ। ନୂତନ ଅନୁଦାନପ୍ରାପ୍ତ ଏହି ବିଦ୍ୟାଳୟରୁ ଅଦ୍ୟାବଧି ପ୍ରତିବର୍ଷେ ଶତପ୍ରତିଶତ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ କର୍ମସଂସ୍ଥାନରେ ନିଯୁକ୍ତି ପାଇଛନ୍ତି। ସୂଚନା ଅନୁସାରେ, ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ୮ମରେ ୪୨, ୯ମରେ ୧୦୬ ଓ ୧୦ମରେ ୧୧୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ବିଦ୍ୟାଳୟର ତିନି ଜଣ ଶିକ୍ଷକ ଗଜେନ୍ଦ୍ର ନାଥ ନାୟକ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମିଶ୍ର ଓ ସହକାରୀ ଶିକ୍ଷକ ଛବିନ୍ଦ୍ର ସାହୁ କ୍ରମାଗତଭାବେ ଅବସର ଗ୍ରହଣ କରିଛନ୍ତି। ହେଲେ ୩ ବର୍ଷ ହେଲା ବିଦ୍ୟାଳୟରେ ଖେଳ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀ ଶାରୀରିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ରଣା ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ବିଜ୍ଞାନ ଶିକ୍ଷକ ଶ୍ରୀକାନ୍ତ ରଣା (ପିସିଏମ), ଭରତ ଚନ୍ଦ୍ର ସାମଲ (ସିବିଜେଡ), ହିନ୍ଦୀ ଶିକ୍ଷକ ମହେଶ୍ୱର ମହାନ୍ତ ଓ ଅବସର ଅପେକ୍ଷାରେ ଥିବା ସଂସ୍କୃତ ଶିକ୍ଷକ ସୁବ୍ରତ କୁମାର ଦାସଙ୍କୁ ନେଇ ଚାଲିଛି ପାଠପଢା। ବିଦ୍ୟାଳୟରେ ଛାତ୍ରାବାସ ଅଛି; କିନ୍ତୁ ଏଠାରେ ଥିବା ବୋରିଂ ଆବଶ୍ୟକତା ଅନୁସାରେ ପାଣି ଯୋଗାଇ ପାରୁନାହିଁ। ଫଳରେ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## କଂଗ୍ରେସର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ

ତୁରୁମୁଙ୍ଗା,୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ତରଫରୁ ରାଜନଗର କଲ୍ୟାଣମଣ୍ଡପରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ କମିଟି ସଂଯୋଜିକା ସଙ୍ଗିତା ସିଂହଙ୍କ ସଭାପତିତ୍ୱରେ ରାଜ୍ୟ ଆଦିବାସୀ ସଭାପତି ଯୋଶବନ୍ତ ନାରାୟଣ ସିଂ ଲାଗୁରି, ପିସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ସଦର ବିଧାୟକ ଈଂ ସୁବର୍ଣ୍ଣ ନାୟକ, ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଐତିହ୍ୟ ଦିବ୍ୟ ସିଂହ, ମଜଦୁର କଂଗ୍ରେସ ରାଜ୍ୟ ସମ୍ପାଦକ ସଚିତା ନନ୍ଦ ମିଶ୍ର, ପୂର୍ବତନ ପାଟଣା ବ୍ଲକ୍ କଂଗ୍ରେସ ସଭାପତି ଲକ୍ଷ୍ମଣ କୁମାର ଦାଶ, ଗୋବିନ୍ଦ ମହାନ୍ତ, ବରିଷ୍ଠ ନେତା ସୁରଜ ବାଘେଲ, ଇ. ସନ୍ତୋଷ କୁମାର ସାହୁ, ସୁଜିନି ନାୟକ, ଚିତ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ରାଜ୍ୟର ବିଜେପି ସରକାରରେ ନାରୀ ନିର୍ଯାତନା ବୃଦ୍ଧିପାଇ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଛି ବୋଲି କହିଥିଲେ। ନାରାୟଣ ସେଠୀ, ସୁବଳ ସାହୁ, ମନୋରଞ୍ଜନ ସେଠୀ, ମନୋରଞ୍ଜନ ମିଶ୍ର, ଉଗ୍ରସେନ ମାଟିଆ, ତୋଫାନ ନାଏକ, ମନୋଜ ମହାନ୍ତ, ଲକ୍ଷ୍ମଣ ମାହାନ୍ତ ଓ କ୍ଷୀରୋଦ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀ ଝାଡ଼େଶ୍ୱର ପୀଠରେ ଶ୍ରାବଣୀ ମହୋତ୍ସବ



ଆନନ୍ଦପୁର,୪।୮ (ସମିସ): ଶ୍ରାବଣର ଶେଷ ସୋମବାରରେ ଆଜି ଶ୍ରୀ ଝାଡ଼େଶ୍ୱର ପୀଠରେ ଶ୍ରାବଣୀ ମହୋତ୍ସବ ଉପଲକ୍ଷେ ପ୍ରାୟ ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁ ଓ କାଉଡିଆଙ୍କ ଭିଡ଼ ହୋଇଥିଲା। ପ୍ରଶାସନ ଓ ପୁଲିସ ପକ୍ଷରୁ ଶୃଙ୍ଖଳା ଦର୍ଶନ ପାଇଁ ବ୍ୟବସ୍ଥା ହୋଇଥିବାରୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବୋଲବମ ସମିତି ଯଜ୍ଞ କମିଟି ଓ ମନ୍ଦିର ପରିଚାଳନା କମିଟି ସହଯୋଗରେ ସକାଳ ୭ଟାରେ ମହାରୁଦ୍ରାଭିଷେକ ଆରମ୍ଭ ହୋଇ ଯଥା ରୀତିନୀତିରେ ଶ୍ରାବଣୀ ପୂର୍ଣ୍ଣାହୁତି ହୋଇଥିଲା। ସକାଳ ୮ଟାରୁ ସମସ୍ତ ଦର୍ଶନାର୍ଥୀ ଓ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ପ୍ରସାଦ ସେବାକୁ ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରିଥିବା ବେଳେ ଭୁବନେଶ୍ୱରର ଦିଶା ସଂଗଠନ ବନ୍ତ ସାମାଜିକ ସଂଗଠନ ଓ ଘସିପୁରା ଡ୍ରିମ୍ସ କ୍ଲବର ସଦସ୍ୟ ଗୌରବ ସାହୁ, ମହେଶ୍ୱର ସାହୁ, ଶୈଳ ସାହୁ, ସୋମିତ୍ର ସାହୁ, ସତ୍ୟବ୍ରତ ସାହୁ, ତନ୍ମୟ ସାହୁ, ଉପେନ୍ଦ୍ର ସାହୁ ସହଯୋଗ କରିଥିଲେ।

## କରଞ୍ଜିଆରେ ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ

କରଞ୍ଜିଆ, ୪।୮ (ସମିସ): କସ୍ତୁରୀ ପଣ୍ଡା (ଆଇଏଏସ) ସୋମବାର ପାଞ୍ଚପୀଢ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ



ଗ୍ରହଣ କରିଛନ୍ତି। ଅପରାହ୍ନ ୫ ଟାରେ ସେ ଅତିରିକ୍ତ ଉପଜିଲ୍ଲାପାଳଙ୍କଠାରୁ ଦାୟିତ୍ୱ ନେଇଛନ୍ତି। ସେ ମାର୍ଚ୍ଚ ୨୩ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବାପରେ ଦୁଇ ବର୍ଷ ମାସୌରୀରେ ପ୍ରଶିକ୍ଷଣ ନେଇଥିଲେ। ପରେ କଳାହାଣ୍ଡିଠାରେ ସହକାରୀ ଜିଲ୍ଲାପାଳ ଭାବେ ଯୋଗଦେଇଥିଲେ। ଆଜି କରଞ୍ଜିଆରେ ଉପଜିଲ୍ଲାପାଳ ଭାବେ ଯୋଗଦେଇଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ଅଧିକାରୀ, ସାମ୍ବାଦିକ, କରଞ୍ଜିଆ ମହୋତ୍ସବ କମିଟିର ସଦସ୍ୟ, ଏସଡିପିଓ ପ୍ରମୁଖ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ସେ କରଞ୍ଜିଆରେ ପ୍ରଥମ ମହିଳା ଉପଜିଲ୍ଲାପାଳଭାବେ ଯୋଗଦେଇଛନ୍ତି।

### ● ମାସେ ହେଲା ପୁଅ ନିଖୋଜ

## ଖୋଜିଖୋଜି ନୟାନ୍ତ ହେଲେଣି ବାପା

ରାମଚନ୍ଦ୍ରପୁର,୪।୮ (ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଗଡବାନ୍ଧଗୋଡା ମୁସଲମାନ ବସ୍ତିର ଏସକେ ଖୈରୁଦ୍ଦିନଙ୍କ ପୁଅ ଏସକେ ରିୟାଜୁଦ୍ଦିନ ଓରଫ-ରମଜାନ୍ (୩୨) କେଉଁ ଆଡେ ନିଖୋଜ



ହୋଇଯାଇଛନ୍ତି। ସବୁଆଡୁ ନିରାସ ହେବା ପରେ ବାପା ଖୈରୁଦ୍ଦିନ ରାମଚନ୍ଦ୍ରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାରୁ ପ୍ରକାଶଯେ ସ୍ଥାନୀୟ ଗଡବାନ୍ଧଗୋଡା ମୁସଲମାନ ବସ୍ତିର ଯୁବକ ଏସକେ ରିୟାଜୁଦ୍ଦିନ ଯାଜପୁର ଜିଲ୍ଲା କୁଆଖିଆ ବଜାରରେ ଥିବା ଶୁଭମ୍ ହୋଟେଲରେ ବର୍ଷେ ହେଲା କାମ କରୁଥିଲା; ହେଲେ ଗତ ଜୁଲାଇ ୧୪ରୁ ଘରକୁ ଯିବା ପାଇଁ କହି କେଉଁଆଡେ ନିଖୋଜ ଅଛନ୍ତି। ପୁଅ ନିଖୋଜ ନେଇ ହୋଟଲ ମାଲିକଙ୍କୁ ପଚାରିବା ସହ ବିଭିନ୍ନ ଆଡେ ଯେତେ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ସନ୍ଧାନ ମିଳିନି। ଭେଣ୍ଡିଆ ପୁଅ ନିଖୋଜ ହେବା ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି ପରିବାର ଲୋକ। ରାମଚନ୍ଦ୍ରପୁର ଥାନା ସମେତ କୁଆଖିଆ ଥାନାରେ ପୁଅ ନିଖୋଜ ହୋଇଥିବା ସମ୍ପର୍କରେ ବାପା ଏକ ଏତଲା ଦାଏର କରିଛନ୍ତି। ପୁଲିସ କୁଆଖିଆ ହୋଟେଲ ମାଲିକଙ୍କୁ ନିଖୋଜ ସମ୍ପର୍କରେ ଅଧିକ ପଚାରା ଉଚାରା କଲେ ପୁଅ ନିଖୋଜ ସମ୍ପର୍କରେ କିଛି ସୂରାକ ମିଳିପାରିବ ବୋଲି ତାଙ୍କ ପରିବାର ଲୋକ ଆଶାବ୍ୟକ୍ତ କରିଛନ୍ତି।

# ଶେଷ ସୋମବାରରେ ଶୈବପୀଠରେ କାଉଡ଼ିଆଙ୍କ ଜଳାଭିଷେକ





କରଞ୍ଜିଆ,୪।୮ (ସମିସ): ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ ଶିବଙ୍କୁ ଜଳାଭିଷେକ କରିବା ପାଇଁ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କରଞ୍ଜିଆ ସ୍ଥିତ ଘୋଡାଘାଗୁରି ସିଦ୍ଧ ଶକ୍ତିପୀଠରେ ଶହ ଶହ କାଉଡିଆ ଜଳଭିଷେକ କରିଥିଲେ। ପବିତ୍ର ବୈତରଣୀ ନଦୀରୁ ଭକ୍ତମାନେ ଜଳ ଉଠାଇ ଚାଲିଚାଲି ଘୋଡ଼ାଘାଗୁରି ସିଦ୍ଧଶକ୍ତିପୀଠରେ ପହଞ୍ଚିଥିଲେ। କାଉଡିଆମାନେ ଗୈରିକ ବସ୍ତ୍ର ପରିଧାନ କରି ବୋଲବମ ନାରା ଦେଇ ବିଭିନ୍ନ ଶିବାଳୟରେ ଜଳାଭିଷେକ କରିଥିଲେ। ଚନ୍ଦ୍ରଶେଖର ଶିବ ମନ୍ଦିର, ପୁର୍ଣ୍ଣେଶ୍ୱର ମହାଦେବଙ୍କଠାରେ ଜଳାଭେଷେକ କରିଥିଲେ ଭକ୍ତ। ଭକ୍ତଙ୍କୁ ବୋଲବମ ସେବା ସମିତି, ହେଲପିଙ୍ଗ ହ୍ୟାଣ୍ଡ ସେବା ଯୋଗାଇଥିଲେ। ପୂର୍ଣ୍ଣେଶ୍ୱର ଶୈବପୀଠରେ ଭକ୍ତଙ୍କ ନିମନ୍ତେ ପ୍ରସାଦ ବଣ୍ଟନର ବ୍ୟବସ୍ଥା ହୋଇଥିଲା। କମିଟି ପକ୍ଷରୁ ଭାଗବତ ଚନ୍ଦ୍ର ଦାସ, ସୁନିଲ ସାହୁ, ତପନ କୁମାର ସାହୁ, ମୁନା ବେହେରା, ଗୋପାଳ ଅଗ୍ରୱାଲା, ପ୍ରମଦ ଦାସ ଅଧିକାରୀ, ମୋହିତ ଦାସ, ଭରତ ରାମ ପ୍ରମୁଖ ସେବା ଯୋଗାଇଥିଲେ।





**ଖୁଣ୍ଟ :** ଶ୍ରାବଣ ଚତୁର୍ଥ ଓ ଶେଷ ସୋମବାରରେ ମୟୂରଭଞ୍ଜ ଜିଲ୍ଲା ଶୁକୁଳି ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ଖୁଣ୍ଟସ୍ଥିତ ଚନ୍ଦ୍ରଶେଖର ଓ କୁଟାଇତୁଣ୍ଡି (ମୃତ୍ୟୁଞ୍ଜୟ) ସମେତ ନିକଟସ୍ଥ ସିଲିମାପୋଷିର ସିଦ୍ଧେଶ୍ୱର ମହାଦେବ ମନ୍ଦିର ଓ ଶିଆଳିଗୋଠାଣି ଗ୍ରାମର ଉମା-ମହେଶ୍ୱର ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି। ବଡିଭୋରୁ ହଜାର ହଜାର ଶ୍ରଦ୍ଧାଳୁ ମହିଳା, ପୁରୁଷ ଓ କୁନି ଭକ୍ତ ବିଭିନ୍ନ ପବିତ୍ର ଜଳାଶୟ ସମେତ ପୂଣ୍ୟତୋୟା ବୈତରଣୀ ତୀର୍ଥଘାଟରୁ ପାଣି ଭାର ଉଠାଇ ଓଁ ନମଃ ଶିବାୟ, ବୋଲବୋମ ହର ହର ବୋମ ମନ୍ତ୍ର ଧ୍ୱନିରେ ଗଗନ ପବନ ମୁଖରିତ ହୋଇଥିଲା। ଏହି ଉପଲକ୍ଷେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାଉଡିଆଙ୍କ ପାଇଁ ପ୍ରସାଦ ବଣ୍ଟନ କରାଯାଇଥିଲା।

**ରାଇରଙ୍ଗପୁର :** ରାଇରଙ୍ଗପୁର ପୌରାଞ୍ଚଳର ୮ ନମ୍ବର ୱାର୍ଡ ଗଢ ଗ୍ରାମର ବହୁ ରାଜାରୁଜୁଡା ଅମଳରୁ ପ୍ରସିଦ୍ଧ ବାବା ଶ୍ରୀ ଶ୍ରୀ ଐଶ୍ୱାନେଶ୍ୱର ମହାଦେବଙ୍କୁ ସୋମବାର ହଜାର ହଜାର କାଉଡିଆ ଜଳାଭିଷେକ କରିଛନ୍ତି। ଶ୍ରାବଣ ମାସର ଚତୁର୍ଥ ସୋମବାରରେ ଭୋରୁ ଐଶ୍ୱାନେଶ୍ୱର ମନ୍ଦିରରେ ଦେବଦେବ ମହାଦେବଙ୍କ ସ୍ୱତନ୍ତ୍ର ନୀତିକାନ୍ତି ସରିବାପରେ ପହଡ଼ ଖୋଲାଯାଇଥିଲା। ବୈତରଣୀ ନଦୀରୁ ଜଳ ଭାର ଆଣି କାଉଡିଆମାନେ ମହାଦେବଙ୍କୁ ଜଳଲାଗି କରି ପୂଜାର୍ଚ୍ଚନା କରିଥିଲେ। ମନ୍ଦିରରେ କାଉଡ଼ିଆ ଏବଂ ଶ୍ରଦ୍ଧାଳୁଙ୍କ ଦ୍ୱାରା ହର ହର ମହାଦେବ, ଓମ୍ ନମଃ ଶିବାୟ ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ମନ୍ଦିର କମିଟି ତରଫରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## କୁନି କୁନି ଶିଶୁଙ୍କ କାଉଡ଼ି ଯାତ୍ରା



ବାରିପଦା, ୪।୮ (ସମିସ): ତିନି ବର୍ଷରୁ ୧୨ ବର୍ଷର କୁନି କୁନି ପିଲାଙ୍କୁ ନେଇ ସୋମବାର କାଉଡ଼ି ଯାତ୍ରା ହୋଇଥିଲା। ପବିତ୍ର ଶ୍ରାବଣ ମାସର ଆଜି ହେଉଛି ଚତୁର୍ଥ ତଥା ଅନ୍ତିମ ସୋମବାର। ଛୋଟ ପିଲାଙ୍କ ମନରେ ଭଗବାନଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ଏବଂ ଆଧ୍ୟାତ୍ମିକତା ମନୋଭାବ ସୃଷ୍ଟି କରିବାର ନିଆରା ପ୍ରୟାସ କରିଛି ବାରିପଦାର ତୁଳସୀଚୌରା ସ୍ଥିତ ବାବା ବଡାମ କମିଟି। ସରାଳି ଓ ଜରାଳି ନଦୀର ସଙ୍ଗମ ସ୍ଥଳୀ କବରଖାନା ଘାଟ ଠାରୁ ଆଖଣ୍ଡଳମଣୀ ମନ୍ଦିର ପର୍ଯ୍ୟନ୍ତ ତିନି କିମି ଯାତ୍ରାରେ ସାମିଲ ଥିଲେ ଶତାଧିକ କୁନି କୁନି କାଉଡ଼ିଆ। ଗେରୁଆ ବସ୍ତ୍ର ପରିଧାନ କରି, ମୁଣ୍ଡରେ ଓମ୍ ନମଃ ଶିବାୟର ପଟି, ଖାଲି ପାଦରେ ହାତରେ ବାହୁଙ୍ଗି ନେଇ କରିଛନ୍ତି ବଲେବମ ଯାତ୍ରା। ବଲେ ବାବା ପାର କରେଗା, ଡମ୍ବରୁ ବାବା ପାର କରେଗା ନାରାରେ ପ୍ରକମ୍ପିତ ହୋଇଛି ସାରା ପରିବେଶ। କୁନି କୁନି ପିଲାଙ୍କୁ ରାସ୍ତାରେ ସୁରକ୍ଷାରେ ଆଣିବାରେ ମଧ୍ୟ ପିତାମାତା ଓ ଗୁରୁଜନ ସହଯୋଗ କରିଥିଲେ। କମିଟିର ସଭାପତି ୨୪ ନମ୍ବର ୱାର୍ଡ କାଉନସିଲର ଅନନ୍ତ ଦାସ, ପ୍ରଦୀପ ଖିଲାର, ଶାଶ୍ୱତ ପଣ୍ଡା, ସରୋଜ ମହାପାତ୍ର, ମୋନରଞ୍ଜନ ବେହେରା, ଦେବାନନ୍ଦ ଜେନା, ଅମିତ୍ ମହାପାତ୍ର, ବାପୁନ୍ ଓ ସଞ୍ଜୟ ବେହେରା ଦାୟିତ୍ୱ ତୁଲାଇଥିଲେ।

# କୁଶେଇ ସେତୁ ବିପଦସଂକୁଳ; କେବେ ପ୍ରଶାସନର ଦୃଷ୍ଟି ପଡ଼ିବ

ବେଲବାହାଳି,୪।୮ (ସମିସ):



ବିପଦରେ ଯାତାୟାତ କରୁଛନ୍ତି ଲୋକେ

ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଅଧିବାସୀ ଅସୁରକ୍ଷିତ। ଅଭିଯୋଗପତ୍ର ଦୀର୍ଘଦିନ ହେବା ଦିଆଯାଇଛି; ହେଲେ ପଦକ୍ଷେପ ନିଆଯାଇ ନାହିଁ। ପ୍ରଶାସନ ନିଦାବିଷ୍ଟ ସାଜିଥିଲା ବେଳେ ଅସୁରକ୍ଷିତ ଅବସ୍ଥାରେ ବିପଦସଙ୍କୁଳ ତଥା ପୁରାତନ ସେତୁ ଉପରେ ଲୋକମାନେ ଯାତାୟାତ କରୁଛନ୍ତି। ଅଞ୍ଚଳବାସୀ ସେତୁର ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବେଲବାହାଳିଠାରେ ଥିବା ପୁରୁଣା କୁଶେଇ ସେତୁ ବର୍ତ୍ତମାନ ବିପଦ ସଂକୁଳ ଅବସ୍ଥାରେ ପଡ଼ିରହିଛି। ପଞ୍ଚାୟତର ସରପଞ୍ଚ ଓ ଗ୍ରାମବାସୀ ବାରମ୍ବାର ଜିଲ୍ଲାପାଳ, ପ୍ରଶାସନିକ ଅଧିକାରୀଙ୍କ ସମେତ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ଜଣାଇଥିଲେ ମଧ ଏଥିପ୍ରତି କୌଣସି ଦୃଷ୍ଟି ଦିଆଯାଉନାହିଁ ବୋଲି ଅଭିଯୋଗ ହେଉଛି। ଚୂନ, ଗୁଡ଼, ଅଠା, ଇଟା, ବାଲି ଆଦି ବ୍ୟବହାର ହୋଇ ନିର୍ମାଣ ହୋଇଥିବା ବହୁ ପୁରାତନ ପୁରୁଣା କୁଶେଇ ସେତୁ ପୂର୍ବରୁ ୨୧୫ ନଂ ଜାତୀୟ ରାଜପଥର ମୁଖ୍ୟ ସେତୁ ଭାବରେ ବ୍ୟବହାର ହୋଇଆସୁଥିଲା। ଏହାଉପରେ ହଜାର ସଂଖ୍ୟକ ଲୁହାପଥର ବୋଝେଇ ଗାଡ଼ି କେନ୍ଦୁଝରଠାରୁ ପାରାଦୀପ ବନ୍ଦର ଯିବାଆସିବା କରୁଥିଲା। ୧୯୯୯ ମହାବାତ୍ୟାରେ ପାହିଆ ଖସିଯିବା ପରେ ସେତୁ ଦୁର୍ବଳ ହୋଇପଡ଼ିଥିଲା। ପରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ କିଛି ଅଂଶ ମରାମତି କରିଥିଲା। ବେଲବାହାଳିଠାରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାତୀୟ ରାଜପଥରେ ନୂତନ କୁସେଇ ସେତୁ ନିର୍ମାଣ କରାଯିବା ପରେ ପୁରୁଣା ସେତୁ ଅବହେଳିତ ହୋଇ ପଡିରହିଛି। ଏହି ସେତୁର ଉଭୟ ପାର୍ଶ୍ୱରେ ଥିବା ବାଡ଼ା ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ଯାଇଥିବାରୁ ବିପଦ ସୃଷ୍ଟି କରିଛି। ଆବଶ୍ୟକ ମରାମତି କାର୍ଯ୍ୟ କରା ନଯାଇ ଜିଆଇ ପାଇପ୍‌ରେ ସୁରକ୍ଷା ବାଡ଼ା କରାଯାଇଥିଲା। ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଯାଇଥିବା ବେଳେ ପ୍ରଶାସନ କୌଣସି ଦୃଷ୍ଟି ନଦେବାରୁ ଗ୍ରାମବାସୀ ଏକ ବାଉଁଶରେ ବାନ୍ଧି ଅଟକାଇଛନ୍ତି। ପ୍ରତିବର୍ଷ ପୂର୍ତ୍ତବିଭାଗ ପକ୍ଷରୁ ସେତୁ ଉପରିଭାଗ ସଫେଇ, ରଙ୍ଗ ଲଗାଇବା, ସେତୁ ସତର୍କତା ସାଙ୍କେତିକ ଖୁଣ୍ଟ ଓ ଯାନବାହନ ଗତି ନିୟନ୍ତ୍ରଣ କରିବା ପାଇଁ ରାସ୍ତାରେ ସର୍ତକସୂଚନା ଦିଆଯାଉଥିବା ବେଳେ ଆଜକୁ ଏହି ସେତୁରେ ରକ୍ଷଣାବେକ୍ଷଣ ହେଉନାହିଁ। ଅସରାଏ ବର୍ଷା ହେଲେ ସେତୁ ଉପରେ ଦୀର୍ଘ ସମୟ ଧରି ବର୍ଷା ଜଳ ଜମିରହୁଛି। ସନ୍ଧ୍ୟା ହେଲେ ଯାତ୍ରୀମାନେ ଯିବାଆସିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫ଟି ପଞ୍ଚାୟତର ଅଧିବାସୀଙ୍କ ବିଭିନ୍ନ କାର୍ଯ୍ୟ ପାଇଁ ଏହି ସେତୁ ଏକମାତ୍ର ଭରସା ହୋଇଥିବାରୁ ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ କେନ୍ଦୁଝର ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି।

## ଆଦିବାସୀ ଛାତ୍ରଛାତ୍ରୀ ଗହଣରେ ଓଡ଼ିଆ ସାମ୍ବାଦିକତା ଦିବସ



ଚମ୍ପୁଆ,୪।୮ (ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଚମ୍ପୁଆ ପାଞ୍ଚପୋଖରିଆ ମୁଣ୍ଡାସାହିରେ ଓଡିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି। ଚମ୍ପୁଆ ସାମ୍ବାଦିକ ମାନଙ୍କ ଦ୍ୱାରା ଆଦିବାସୀ କୁନିକୁନି ଛାତ୍ରଛାତ୍ରୀଙ୍କ ଗହଣରେ ପାଳିତ ଏହି ଦିବସରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଏବଂ ଲେଖକ ଧରଣୀଧର ଦାସ, ସାହିତ୍ୟ ଅନୁରାଗ ଏବଂ କବି ରମାକାନ୍ତ ପ୍ରଧାନ, ଓଡିଆ ଭାଷା ଭାଷାବିତ ଓ ଶିକ୍ଷାବିତ ଗଙ୍ଗାଧର କର ଓ ଅଧ୍ୟାପକ ରାଜକିଶୋର ମହାନ୍ତ ପ୍ରମୁଖ ଯୋଗଦେଇ ୧୮୬୬ ମସିହା ଅଗଷ୍ଟ ୪ତାରିଖକୁ ଓଡିଆ ସାମ୍ବାଦିକତା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେବା ସହିତ ସାମ୍ବାଦିକତାକ୍ଷେତ୍ରରେ ଗଣମାଧ୍ୟମର କର୍ତ୍ତବ୍ୟ, ଗଠନମୂଳକ ଲେଖା ଓ ସାମାଜିକ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ବସନ୍ତ ଗିରିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଓଡିଆ ସାମ୍ବାଦିକତା ଦିବସ ସାମ୍ବାଦିକ ପବିତ୍ର ନାୟକ ,ସଂଜିବ କୁମାର ରାଜ, ମହେଶ୍ୱର ଦାସ, ଦୀପକ କୁମାର ନାୟକ, ମହେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଏହି ଦିବସକୁ ପାଳନ କରିଥିଲେ। ସାମ୍ବାଦିକ ମାନଙ୍କ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା କୁନି କୁନି ଛାତ୍ରଛାତ୍ରୀଙ୍କ ବର୍ଣ୍ଣବୋଧ ପୁସ୍ତକ ଏବଂ ସିଲଟ ସହିତ ଚକଲେଟ, ବିସ୍କୁଟ ପ୍ରଦାନ କରାଯାଇଥିଲା।



## ଆଜିର ରାଶିଫଳ

**ମେଷ:** କୋର୍ଟକଚେରୀ ମାମଲାରୁ ଆଶ୍ୱସ୍ତି ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ମହିଳାମାନେ ଆଳସ୍ୟତା ଅନୁଭବ କରିବେ। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରୁ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ। ପରିବାରର ସହାୟତା ପାଇବେ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ।

**ମିଥୁନ:** କୌଣସି ଜରୁରି କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇବେ।

**କର୍କଟ:** ପରିବାର ସମ୍ପର୍କରେ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ପଡ଼ୋଶୀଙ୍କ ସହ ଭୁଲବୁଝାମଣା ହୋଇପାରେ।

**ସିଂହ:** ଗୁରୁଜନଙ୍କ ପରାମର୍ଶ ନେଇ କାମ ଆରମ୍ଭ କରିବେ। ବ୍ୟବସାୟରେ ସଫଳତା ପାଇବେ। ଦୂରଯାତ୍ରା ପାଇଁ ସୁଯୋଗ ରହିଛି। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** କ୍ୟାରିୟର ପାଇଁ ନୂତନ ଦିଗନ୍ତ ପାଇବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ନୂତନ ଜମିକ୍ରୟ କରିପାରନ୍ତି।

**ବିଛା:** ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। ମାନସିକ ଅବସାଦ ବଢ଼ିବ। ପରୀକ୍ଷାର୍ଥୀଙ୍କ ପାଇଁ ଦିନଟି ବହୁତ ଭଲ।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବ।

**ମକର:** ପରିବାର ସହିତ ଆନନ୍ଦଭରା ସମୟକୁ ଅତିବାହିତ କରିବେ। ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିପାରିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଉଧାର ଟଙ୍କା ଫେରିପାଇବେ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ। ଉଧାର ଟଙ୍କା ଫେରି ପାଇବେ।

## ଆଜିର ଇତିହାସ

- ୧୭୭୫- ବଙ୍ଗ ନବାବଙ୍କ ଅଧିକାରୀ ନନ୍ଦ କୁମାରଙ୍କୁ କଲିକତାରେ ଫାଶୀ ଦିଆଗଲା।
- ୧୯୧୪- ଆମେରିକାରେ ପ୍ରଥମ ଇଲେକ୍ଟ୍ରିକ୍ ଟ୍ରାଫିକ୍ ଲାଇଟ୍ ଲଗାଗଲା।
- ୧୯୬୩- ରୁଷ, ବ୍ରିଟେନ, ଆମେରିକା ମସ୍କୋରେ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି କଲେ।
- ୧୯୭୪- ବଲିଉଡ୍ ଅଭିନେତ୍ରୀ କାଜଲଙ୍କ ଜନ୍ମ।
- ୨୦୧୧- ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣିଥିବା କଥା ସାଇନ୍ସ ପତ୍ରିକାରେ ଦାବି କଲେ।



## ନିଆରା ପଦକ୍ଷେପ

ରାସ୍ତାର ଦୁଇ ପାର୍ଶ୍ୱରେ, ପାର୍କଗୁଡ଼ିକରେ ଫୁଲ ଗଛଠାରୁ ଆରମ୍ଭ କରି ଫଳ ଗଛ ସବୁ ଲାଗିଥାଏ। ହେଲେ ଏସବୁ ସ୍ଥାନରୁ ଗଛରୁ ଲୋକଙ୍କୁ ଫୁଲ କି ଫଳ ତୋଳିବାକୁ ବାରଣ କରାଯାଏ। ତେବେ ନ୍ୟୁଜିଲାଣ୍ଡରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ବୃକ୍ଷରୋପଣକୁ ନେଇ ଏଠାରେ ଏକ ନିଆରା ତଥା ମହାନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଠାରେ ଫୁଟ୍‌ପାଥ ଓ ପାର୍କ ଭଳି ସର୍ବସାଧାରଣ ସ୍ଥାନରେ ଲୋକଙ୍କ ଖାଇବା ଉଦ୍ଦେଶ୍ୟରେ ଫଳ ଗଛ ଲଗାଯାଏ। ଅବଶ୍ୟ ଏଭଳି କରିବା ପଛରେ ମହତ ଉଦ୍ଦେଶ୍ୟ ରହିଛି। ରାସ୍ତାରେ ଯିବାବେଳେ କାହାକୁ ଭୋକ ଲାଗିଲେ ଏହି ଗଛଗୁଡ଼ିକରୁ ଲୋକେ ଫଳ ତୋଳି ନିଜ କ୍ଷୁଧା ମେଣ୍ଟାଇ ପାରିବେ। ନ୍ୟୁଜିଲାଣ୍ଡରେ ଏହି 'ଫୁଡ୍ ଫରେଷ୍ଟ'ସ୍ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏହା ମାଧ୍ୟମରେ ଲୋକଙ୍କୁ ମାଗଣାରେ ତାଜା ଫଳ ଖାଇବାର ସୁଯୋଗ ମିଳିପାରୁଛି। ସେଓ, କୋଳି, କଦଳୀ ଭଳି ଅନ୍ୟାନ୍ୟ ଫଳଗଛ ସବୁ ସ୍ଥାନୀୟ କାଉନସିଲ ଏବଂ କମ୍ୟୁନିଟି ଟ୍ରଷ୍ଟର ସମର୍ଥନରେ ଲଗାଯାଏ। ଖାଦ୍ୟ କିଣିବାକୁ ଅସମର୍ଥ ଲୋକଙ୍କ ପାଇଁ ଏହା ଏବେ ଏକ ଉତ୍ତମ ବିକଳ୍ପ ହୋଇପାରିଛି। ଏହାଦ୍ୱାରା ଏକଥା ସୁନିଶ୍ଚିତ କରାଯାଏ ଯେ, କେହି ଯେମିତି କ୍ଷୁଧା ଯୋଗୁ ମୃତ୍ୟୁବରଣ କରିବେ ନାହିଁ। ସେହିପରି ସ୍ଥାନୀୟ ଲୋକେ ମିଳିମିଶି ଏହି ଗଛଗୁଡ଼ିକର ଯତ୍ନ ନିଅନ୍ତି। ଫଳ ତଳେ ପଡ଼ି ନଷ୍ଟ ହେବା ପରିବର୍ତ୍ତେ ଏହାଦ୍ୱାରା ଉପଯୋଗରେ ଆସିପାରୁଥିବା କୁହାଯାଉଛି। ଏହିପରି ଭାବେ ଖାଦ୍ୟ ନଷ୍ଟ ବି ଏକପ୍ରକାର ରୋକା ଯାଉଛି। ଏହାବାଦ୍ ଉକ୍ତ ପଦକ୍ଷେପ ଲୋକଙ୍କୁ ଖାଦ୍ୟ ଉତ୍ସ, ଋତୁକାଳୀନ ଫଳ, ଏବଂ ପ୍ରକୃତି ସହିତ ଥିବା ସମ୍ବନ୍ଧ ବାବଦରେ ଶିକ୍ଷା ପ୍ରଦାନ କରୁଛି। ଏହି ପଦକ୍ଷେପ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ବି ବୃଦ୍ଧି କରିବାରେ ସହାୟକ ହେଉଛି। ଗଛରୁ ମିଳୁଥିବା ଅତିରିକ୍ତ ଫଳକୁ ସ୍ଥାନୀୟ ବଜାରରେ ବିକ୍ରି କରାଯାଏ। ଏହିପରି ଭାବେ ସ୍ୱଚ୍ଛସ୍ତରରେ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବା ଦିଗରେ ବି କାର୍ଯ୍ୟ କରୁଛି। ସ୍ଥାନୀୟ ଲୋକେ ଏହି ଗଛଗୁଡ଼ିକର ଯତ୍ନ ନେବା ପାଇଁ 'ବୃକ୍ଷ ରକ୍ଷକ' ଭାବରେ କାର୍ଯ୍ୟ କରୁଛନ୍ତି। ଏହି ପଦକ୍ଷେପ କେବଳ ଖାଦ୍ୟର ସଦୁପଯୋଗକୁ ପ୍ରୋତ୍ସାହିତ କରୁ ନାହିଁ, ବରଂ ସାମୁଦାୟିକ ଭାବନା ଏବଂ ସହଭାଗିତା ଦାୟିତ୍ୱବୋଧକୁ ବି ପ୍ରୋତ୍ସାହିତ କରୁଛି।



## 'ସୈୟାରା' ପାଇଁ ଅଟକିଛି କାର୍ତ୍ତିକ୍‌ଙ୍କ ଫିଲ୍ମ

ବକ୍ସ ଅଫିସ୍‌ରେ ସୁନାମି ଆଣିଛି 'ସୈୟାରା' ଫିଲ୍ମ। ଆହାନ ପାଣ୍ଡେ ଓ ଅନୀତ୍ ପଡ୍ଡାଙ୍କ ଏହି ଫିଲ୍ମ ରିଲିଜ୍ ହେବାର ୯ ଦିନ ମଧ୍ୟରେ ୩୦୦ କୋଟି କ୍ଲବ୍‌ରେ ପହଞ୍ଚିଥିଲା। 'ସୈୟାରା'ର ସଫଳତାକୁ ଦେଖି ଅନେକ ଫିଲ୍ମ ନିର୍ମାତା ସେମାନଙ୍କ ଫିଲ୍ମକୁ ଆଉ ଏବେ ରିଲିଜ୍ କରିବାକୁ ଚାହୁଁନାହାନ୍ତି। ଅନୁରାଗ ବସୁ, କାର୍ତ୍ତିକ୍ ଆର୍ୟନ୍ ଓ ଶ୍ରୀଲୀଲାଙ୍କୁ ନେଇ ଏକ ରୋମାଣ୍ଟିକ୍ ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମର କାହାଣୀ ମଧ୍ୟ ଲେଖା ସରିଥିଲା। କିନ୍ତୁ ଫିଲ୍ମର କାହାଣୀ କିଛି ମାତ୍ରାରେ 'ସୈୟାରା' ସହ ମିଶି ଯାଉଥିବାରୁ ପୁଣିଥରେ ଅନୁରାଗ ଏହାର କାହାଣୀ ଲେଖୁଥିବା ଚର୍ଚ୍ଚା ହେଉଛି। କିନ୍ତୁ ଅନୁରାଗ ଏହି କଥାକୁ ଖଣ୍ଡନ କରିବା ସହ ସେ କହିଛନ୍ତି, 'ମୁଁ ପୁଣିଥରେ ଫିଲ୍ମର କାହାଣୀ ଲେଖୁନାହିଁ କି ଫିଲ୍ମର ରିଲିଜ୍ ମଧ୍ୟ ହେଉ ନାହିଁ। ଦୁଇଟି ଫିଲ୍ମରେ ଗୋଟିଏ ସମାନତା ରହିଛି ତାହା ହେଲା ଦୁଇଟି ଫିଲ୍ମର ହିରୋ ରକ୍‌ଷ୍ଟାର୍ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମର ସୁଟିଂ କାର୍ତ୍ତିକ୍‌ଙ୍କ ଲୁକ୍ ପାଇଁ ହିଁ ଅଟକିଛି। ଏବେ କାର୍ତ୍ତିକ୍ 'ତୁ ମେରା ମେ ତେରି ମେ ତେରି ତୁ ମେରା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କ ଲୁକ୍ ଅଲଗା ରହିଛି।' ଅନୁରାଗଙ୍କ ଏହି ଫିଲ୍ମ ଦୀପାବଳି ଅବସରରେ ରିଲିଜ୍ ହେବ ବୋଲି ପୂର୍ବରୁ କୁହାଯାଉଥିଲା। ଏଯାବତ୍ ଫିଲ୍ମର ୪୦% ସୁଟିଂ ସରିଛି। ତେଣୁ ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

## ଶଳାର ପୁଅ ହେଲେ ଚିନି ବାଣ୍ଟନ୍ତି ଭିଣୋଇ

ବିଶ୍ୱର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପରମ୍ପରା ଓ ସଂସ୍କୃତି ଦେଖିବାକୁ ମିଳେ। ତଦ୍ରୂପ ଭାରତର କିଛି ସ୍ଥାନରେ ଏମିତି ଅଜବ ପରମ୍ପରା ରହିଛି ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହି କ୍ରମରେ ମଧ୍ୟପ୍ରଦେଶ, ବୁରହାନପୁର ଜିଲ୍ଲାର ଶ୍ରୀ ଗୁର୍ଜର ସାଲୀ ସକଳ ପଞ୍ଚ ସମାଜରେ ଏକ ଅଜବ ପରମ୍ପରା ଦେଖିବାକୁ ମିଳେ। ସାଧାରଣତଃ ଘରେ ଝିଅ କି ପୁଅଟିଏ ଜନ୍ମ ହେଲେ ବାପା ମାମାନେ ଖୁସିରେ ସାହି ପଡ଼ିଶାରେ ମିଠା ବାଣ୍ଟି ଥାନ୍ତି। ଏମିତି ବି ଅନେକ ଅଛନ୍ତି ଯେଉଁମାନେ ପୁଅ ଜନ୍ମ ହେଲେ ପୁରା ଗାଁ ଯାକ ମିଠା ବାଣ୍ଟିଥାନ୍ତି। ହେଲେ ମଧ୍ୟପ୍ରଦେଶର ଉକ୍ତ ସମ୍ପ୍ରଦାୟରେ ପରମ୍ପରା ଅନୁଯାୟୀ, ଶଶୁରଘରେ ଶଳାର ପୁଅ ହେଲେ ଭିଣୋଇମାନେ ମିଠା ବଦଳରେ ଚିନି ବାଣ୍ଟନ୍ତି। ଏଥିପାଇଁ ଭିଣୋଇମାନେ ବ୍ୟାଣ୍ଡ ବାଜା ସହ ରୋଶଣି କରି ସାହି ବୁଲି ଚିନି ବାଣ୍ଟିଥାନ୍ତି। ତେବେ ଘର ପିଛା ଗିନାଏ ଚିନି ତଥା ୨୦୦ ଗ୍ରାମ୍ ଚିନି ବାଣ୍ଟି ସାହି ଲୋକଙ୍କୁ ଏକ ସାମୂହିକ ଭୋଜନ ପାଇଁ ନିମନ୍ତ୍ରଣ କରାଯାଇଥାଏ। ଏନେଇ ଜଣେ ସ୍ଥାନୀୟ ବାସିନ୍ଦା ରାଜୁ ଜଗିଆଲାଙ୍କ କହିବାନୁସାରେ, 'ଏହି ପ୍ରଥା ପାଖାପାଖି ୫୦୦ ବର୍ଷ ପୁରୁଣା। ପିଢ଼ି ପରେ ପିଢ଼ି ଆମେ ଏହି ପରମ୍ପରାକୁ ପାଳନ କରି ଆସୁଛୁ। ତେଣୁ ଯେତେବେଳେ ଶଶୁରଘରେ ଶଳାର ପୁଅ ହୁଏ ସେ ଘରର କ୍ୱାଇଁ ତଥା ଭିଣୋଇ ନିଜ ପକ୍ଷିତ ଅର୍ଥରୁ ଚିନି ବସ୍ତା କିଣି ପୂରା ସାହିଭାଇରେ ବାଣ୍ଟନ୍ତି। ଚିନି ଦେଇଥିବା ଘରକୁ ନିମନ୍ତ୍ରଣ ମଧ୍ୟ କରିଥାନ୍ତି। ଏହା ପରେ ଶଶୁରଘର ପକ୍ଷରୁ ସାମୂହିକ ଭୋଜନ ବ୍ୟବସ୍ଥା କରାଯାଇଥାଏ।' ଅବଶ୍ୟ ଏଠାରେ ଲୋକେ ପୁଅ ଜନ୍ମ ହେବା ଖୁସିରେ ଏପରି ଆୟୋଜନ କରିଥାନ୍ତି। ତେବେ କ୍ୱାଇଁ ବ୍ୟାଣ୍ଡ ବାଜା ସହିତ ଚିନି ବାଣ୍ଟୁଥିବା ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଅନ୍ୟପଟେ ପୁଅ ଜନ୍ମ ପାଇଁ କ୍ୱାଇଁ ଯେଉଁ ଚିନି ବାଣ୍ଟିଥାନ୍ତି ସେଥିରେ ପାଖ ପଡ଼ୋଶୀମାନେ ଚା' ବନାଇ ପିଅନ୍ତି। ସେମାନଙ୍କ ପାଇଁ ଏହା ମିଠାର ବିକଳ୍ପ।






## ବର୍ଷାରେ ଫସଲର ଯତ୍ନ

**ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଲଗାଣ ବର୍ଷା ଲାଗି ରହୁଛି। ଏଥିଯୋଗୁଁ ଫସଲରେ ଜଳ ଜମି ରୋଗପୋକ ଲାଗିପାରେ। ଜଳମଗ୍ନ ଫସଲ ନଷ୍ଟ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଚାଷୀମାନେ ଫସଲରେ ପାଣି ଜମିଥିଲେ କିପରି ସୁରକ୍ଷା ପ୍ରଦାନ କରିବେ ଜାଣିବା...**



**ଜଳନିଷ୍କାସନ:** ବର୍ଷାଦିନେ ଫସଲରେ ଜଳ ଜମି ଗଛ ସଡ଼ିଯାଏ। ଫସଲକୁ ବିଭିନ୍ନ ପୋକ ଆକ୍ରମଣ କରନ୍ତି। ତେଣୁ ପ୍ରଥମେ ଫସଲରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ। କୁଣ୍ଡରୁ ଜଳ ନିଷ୍କାସନ ପାଇଁ ମଧ୍ୟ ବନ୍ଦୋବସ୍ତ ଜରୁରି। ବର୍ଷାପରେ ପତ୍ରରେ ଲାଗିଥିବା ମଳିକୁ ସଫା କରିବା ଦ୍ୱାରା ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ବାଧା ଉପୁଜି ନ ଥାଏ।

**ଫିମ୍ପିଜନିତ ସମସ୍ୟା:** ଗଛମୂଳେ ପାଣି ଜମି ଗଛ ହଳଦିଆ ପଡ଼ିବା ସହ ଗଛ ଝାଉଁଳି ମରି ଯାଇଥାଏ। କାଣ୍ଡ ଅଂଶ ପଚିଯାଇଥାଏ। ତେଣୁ ଏହି ଫିମ୍ପିଜନିତ ସମସ୍ୟା ପରିଲକ୍ଷିତ ହେଉଥିଲେ, କପର ଅକ୍ସିକ୍ଲୋରାଇଡ୍ ଏକ ଲିଟର ପିଛା ପାଞ୍ଚ ଗ୍ରାମ ସିଞ୍ଚନ କରିବା ଆବଶ୍ୟକ। ମାଟିରୁ ଫିମ୍ପି ସମସ୍ୟା ଦୂର କରିବାକୁ ନୂଆ ମାଟି ବ୍ୟବହାର ଜରୁରି। ବର୍ଷାଦିନେ ମାଟିରେ ଆର୍ଦ୍ରତା ଅଧିକ ଥାଏ। ତେଣୁ ମାଟି ନ ଶୁଖିବା ଯାଏଁ ଜଳ ସିଞ୍ଚନ କରିବା ଅନୁଚିତ। ଏତଦ୍‌ଭିନ୍ନ ଗଛଲତାରେ ଉର୍ବରକ, ନିମ୍ବତେଲ ପ୍ରୟୋଗ କରିବା ସର୍ବୋତ୍ତମ। ନିମ୍ବ ତେଲ ବଦଳରେ ନିମ୍ବ ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ଅନୁମୋଦିତ ହାରରେ ବ୍ୟବହାର କରାଯାଇପାରିବ।

**ପୋକ ପ୍ରାଦୁର୍ଭାବ ନିୟନ୍ତ୍ରଣ:** ବର୍ଷାରେ ଗଛକୁ ବିଭିନ୍ନ ପ୍ରକାର ପୋକ ଆକ୍ରମଣ କରିଥାନ୍ତି। ଏଥିରୁ ବର୍ତ୍ତିବା ପାଇଁ ଏକର ପ୍ରତି ନିମ୍ବନାଶକ କୀଟନାଶକ ୧୫୦୦ ପିପିଏମ୍ ୬୦୦ମିଲିକୁ ୨୦୦ ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କରିପାରିବେ। ଫସଲରେ ଆଲୋକ ଯନ୍ତା ତଥା ଅଠାଳିଆ ଯନ୍ତା ବସାଇବା ସହ ଜୈବିକ ପ୍ରଣାଳୀରେ କୀଟ ନିୟନ୍ତ୍ରଣ କରାଯାଏ।

**ମାତ୍ରାଧିକ ସାର ପ୍ରୟୋଗକୁ ନା:** ବର୍ଷା ଯୋଗୁଁ ମାଟିର ପୋଷକତତ୍ତ୍ୱ ହ୍ରାସ ପାଏ। ତେଣୁ ନିର୍ଦ୍ଦିଷ୍ଟ ଅନ୍ତରରେ ଖତ ତଥା ଜୈବିକ ଖତ ଉପଯୋଗ କରିପାରିବେ। ଗଛକୁ ଭଲ ଭାବେ ସୂର୍ଯ୍ୟକିରଣ ପଡ଼ିବାକୁ ବନ୍ଦୋବସ୍ତ ଆବଶ୍ୟକ। ମଝିରେ ମଝିରେ ଗଛର ତଳ ପତ୍ରକୁ କାଟିବା ଦ୍ୱାରା ଗଛ ମୂଳରେ ପାଣି ଜମିବା ଭୟ କମ୍ ହୁଏ। ଏହି ଦିନରେ ଗଛମୂଳରେ ମାତ୍ରାଧିକ ସାର ବା କୀଟନାଶକ ପ୍ରୟୋଗ ଅନୁଚିତ। ବର୍ଷା ସମୟରେ କୀଟନାଶକ, ତୃଣନାଶକ କିମ୍ବା ସାର ପ୍ରୟୋଗ ଆଦୌ ଭଲ ନୁହେଁ। ତେଣୁ ଶୁଖିଲା ପାଗରେ ସନ୍ଧ୍ୟା ସମୟରେ ସାର ସିଞ୍ଚନ କରିପାରିବେ। କୁଣ୍ଡରେ ଗଛ ଲଗାଉଥିଲେ, ତିନି ଭାଗ ମାଟି ଏବଂ ଏକ ଭାଗ ଖତ ମିଶାଇବା ଜରୁରି। ୧୦ ଦିନ ଅନ୍ତରରେ ଗଛରେ ଫିମ୍ପିନାଶକ ସିଞ୍ଚନ କରିପାରିବେ।

## ଯନ୍ତ୍ର ତୋଳିବ ଚା' ପତ୍ର



ଚା' ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତରେ ଦାର୍ଜିଲିଂ, ଆସାମ, କୋଲୁକୁମାଲାଇ, ପାଲମପୁର, ମୁନ୍ନାର, ନୀଳଗିରିରେ ଚା' ଚାଷ ହୁଏ। ଚା'ଚାଷ ପାଇଁ ମୃତ୍ତିକା, ଜଳବାୟୁ ବେଶ ଗୁରୁତ୍ୱପୂର୍ଣ୍ଣ। ତେବେ ଚା' ପତ୍ର ତୋଳାଳିଙ୍କୁ ମୁଖ୍ୟତଃ ଚା ପତ୍ର ତୋଳିବାରେ ସମସ୍ୟା ଅଧିକ ହୋଇଥାଏ। ଏଥିପାଇଁ ଅଧିକ ଖର୍ଚ୍ଚ ମଧ୍ୟ ହୁଏ। ହେଲେ ଏହି ସମସ୍ୟାକୁ ଏବେ ଦୂର କରୁଛି ସ୍ୱୟଂଚାଳିତ ହାଇଡ୍ରୋଲିକ୍ ମେସିନ୍। ଏହି ଯନ୍ତ୍ରଟି ଶ୍ରମିକଙ୍କ କାମକୁ ସହଜ କରିପାରିବ। ଏହାଦ୍ୱାରା ଶ୍ରମ ହ୍ରାସ ସହିତ ସମୟ ମଧ୍ୟ ବଞ୍ଚି ପାରିବ। ଏହି ଯନ୍ତ୍ରରେ ଟ୍ରାନ୍ସମିଶନ ଏବଂ କୁଲିଂ ପ୍ରଣାଳୀର ଫିଚର୍ସ ସଂଯୋଗ କରାଯାଇଥିବାରୁ ଏହା ମେସିନ୍‌ର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିଥାଏ। ସେହିପରି ଏଥିରେ ଥିବା ଡିସ୍କ-ଟାଇପ୍ ନେଗେଟିଭ ବ୍ରେକ୍ ପ୍ରଣାଳୀ ଯନ୍ତ୍ରକୁ ସୁରକ୍ଷିତ ଏବଂ ସ୍ଥିର କରିଥାଏ। ଏହି ଯନ୍ତ୍ରର ଉଚ୍ଚତା ୧.୪ ମିଟର। ବିଭିନ୍ନ ଫସଲର ଆକାର ଅନୁସାରେ କାମ କରିବାକୁ ଏହାକୁ ଡିଜାଇନ୍ କରାଯାଇଛି। ଏହି ଯନ୍ତ୍ରଟି ପ୍ରତି ଘଣ୍ଟା ୨୦ କିମି କାମ କରିଥାଏ। ଏହି ଯନ୍ତ୍ରର ଆଉ ଏକ ସ୍ୱତନ୍ତ୍ରତା ହେଉଛି, ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ର ଶବ୍ଦ ଧ୍ୱନିପ୍ରଦୂଷଣ କମ୍ କରି ବେଶ୍ ଶାନ୍ତ ଭାବେ କାମ କରିଥାଏ।

## ଗାଈଙ୍କ ପ୍ରସୂତି ଜ୍ୱର



ଆମ ରାଜ୍ୟର ଅଧିକାଂଶ ଚାଷୀ ଗୋ- ପାଳନ କରନ୍ତି। ଗୋ ପାଳନରେ ସଠିକ୍ ଦେଖାରଖା ନିତାନ୍ତ ଜରୁରି। ତେବେ ଦୁଧିଆଳିଗାଈଙ୍କଠାରେ ବିଭିନ୍ନ ରୋଗ ଦେଖାଯାଉଥିବାବେଳେ ତନ୍ମଧ୍ୟରୁ ପ୍ରସୂତି ଜ୍ୱର ଏକ ମୁଖ୍ୟ ସମସ୍ୟା। ଏହାର ନାଁ ପ୍ରସୂତି ଜ୍ୱର ହୋଇଥିଲେ ମଧ୍ୟ ଏଥିରେ ଜ୍ୱର ନ ଥାଏ। ଗାଈଙ୍କ ଶରୀରର ତାପମାତ୍ରା ସାଧାରଣ ତାପମାତ୍ରାଠାରୁ କମ୍ ଥାଏ। ସାଧାରଣତଃ ଗାଈ, ମଇଁଷି ପ୍ରସବ କଲା ପରେ ଏହି ପ୍ରସୂତି ଜ୍ୱର ହୋଇପାରେ। ପାଣିପାଗ ସହିତ ଏହାର କିଛି ସମ୍ପର୍କ ନ ଥାଏ। ତେଣୁ ଗାଈ ଓ ମଇଁଷି ପ୍ରସବ ପରେ ସେମାନଙ୍କର ଦେଖାଶୁଣା କରିବା ନିହାତି ଆବଶ୍ୟକ। ପ୍ରସୂତି ଜ୍ୱରରେ ଆକ୍ରାନ୍ତ ପ୍ରାଣୀ ମୁଖ୍ୟତଃ ପ୍ରାଥମିକସ୍ତରରେ ଅସ୍ଥିର ହୋଇଯାଆନ୍ତି। ପରେ ଶାରୀରିକ କମ୍‌ଜୋର ହୋଇ ତଳେ ପଡ଼ି ଯାଆନ୍ତି। ଖାଦ୍ୟଗ୍ରହଣ କରନ୍ତିନି। ଗୋଟିଏ ପାଖକୁ ମାଡ଼ିକି ଶୁଅନ୍ତି କିମ୍ବା ବସିଲା ଭଳି ଅବସ୍ଥାରେ ରହି ନିଜ ଥୋମଣିଟିକୁ ବେକ ବଙ୍କେଇ ପେଟ ପାଖରେ ରଖନ୍ତି। ଏହା ସବୁ ଏହି ରୋଗର ଲକ୍ଷଣ। ତେଣୁ ଏପରି ଲକ୍ଷଣ ଦେଖାଗଲେ, ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୟାଲ୍‌ସିୟମ ବୋରୋଗ୍ଲୁକୋନେଟ ଔଷଧ ଦେଇ ପାରିବେ। ଆବଶ୍ୟକସ୍ଥଳେ ପ୍ରାଣୀଙ୍କୁ ସାଲାଇନ୍ ଦିଆଯାଇଥାଏ। ଡାକ୍ତରଙ୍କ ତତ୍ତ୍ୱାବଧାନରେ ପ୍ରାଣୀଟିର ଚିକିତ୍ସା କରିବାର କିଛି ଘଣ୍ଟା ମଧ୍ୟରେ ପ୍ରାଣୀ ସତେଜ ହୋଇଯାଆନ୍ତି। ସଳଖି ଛିଡ଼ା ହୋଇ ପାରନ୍ତି। ତେଣୁ ପ୍ରସବ ପୂର୍ବରୁ ସନ୍ତୁଳିତ ଖାଦ୍ୟ ଦେବା ଦରକାର। ସନ୍ତୁଳିତ ଖାଦ୍ୟପେୟରେ ଦାନା-ମିଶ୍ରଣ, ସବୁଜ ଚାରା, ଶୁଖିଲା ଚାରା ଦିଆଯାଇ ପାରିବ। ଦାନା ମିଶ୍ରଣରେ ଦୁଇ ପ୍ରତିଶତ ଉଚ୍ଚ ଗୁଣବତ୍ତା ଖଣିଜ ଲବଣ ଗର୍ଭାବସ୍ଥାର ଆଠମାସ ପର୍ଯ୍ୟନ୍ତ ଦେଇପାରିବେ। ଏହା ପରେ ବନ୍ଦ କରିବା ଆବଶ୍ୟକ। ପ୍ରସବ ପରେ ପୁଣି ପ୍ରାଣୀଙ୍କୁ ଉପରୋକ୍ତ ଖାଦ୍ୟ ଦେବା ଆରମ୍ଭ କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଖାଲୁଆ ଜମିରେ, ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ତେବେ ମୁଖ୍ୟ ଜମିରେ ପ୍ରତିରୋପଣ କରିଦିଅନ୍ତୁ।
- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ। ବେଉଷଣ ପରେ ଏକର ପ୍ରତି ୩୫ କିଗ୍ରା ୟୁରିଆ ଶୀର୍ଷ ସାର ପ୍ରୟୋଗ କରନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ରପୋଡ଼ା, ଝାଉଁଳା ଓ ମୂଳସଢ଼ା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ ମେଟାଲାକ୍ସିଲ+ମାଙ୍କୋଜବ କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ +ମାଙ୍କୋଜେବ ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ମକା ମଞ୍ଜି ବୁଣିବାର ୨୦ରୁ ୨୫ ଦିନ ହୋଇଯାଇଥିଲେ ଘାସ ବାଛି ଜମିକୁ କୋଡ଼ାଖୋସା କରି ହୁଡ଼ା ଟେକି ଦିଅନ୍ତୁ। ଏହି ସମୟରେ ଏକର ପ୍ରତି ୫୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ।
- ମୁଗ ଓ ବିରି ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ-ତୃଣକମାରୀ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମିଲି ଇମାଜିଥାଇପର କିମ୍ବା ୪୦୦ ମିଲି କୁଇଜାଲୋଫପ୍ ଇଥାଇଲ୍ ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍

# ଶେଷ ଟେଷ୍ଟରେ ଭାରତର ରୋମାଞ୍ଚକର ବିଜୟ



ଓଭାଲ,ଲଣ୍ଡନ, ୪।୮ (ଏଜେନ୍ସି):

ଘରୋଇ ଦଳର ଅଲରାଉଣ୍ଡର ଗସ୍ ଆଟକିନସନଙ୍କୁ ବୋଲ୍ଡ ଆଉଟକରି ମହମ୍ମଦ୍ ସିରାଜ ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟରେ ଭାରତକୁ ରୋମାଞ୍ଚକର ଓ ଐତିହାସିକ ଟେଷ୍ଟ ବିଜୟ ପ୍ରଦାନ କରିଛନ୍ତି । ଭାରତ ପ୍ରଦତ୍ତ ୩୭୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟର ଶେଷ ଦିନରେ ଇଂଲଣ୍ଡ ୩୬୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଏହା ଫଳରେ ଭାରତ ମାତ୍ର ୬ ରନ୍‌ରେ ଶେଷ ଟେଷ୍ଟ ଜିତିବା ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୨-୨ ବରାବର ସ୍ଥିତିରେ ରଖିବାରେ ହୋଇଛି । ଟେଷ୍ଟ କ୍ରିକେଟରେ ରନ୍ ବ୍ୟବଧାନରେ ଏହା ଭାରତର ସବୁଠାରୁ କମ୍ ରନ୍‌ରେ ବୀଜୟ । ଏହି ସିରିଜ୍‌ର ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା । ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଦ୍ୱିତୀୟ ଓ ଏଠାରେ ଅନୁଷ୍ଠିତ ୫ମ ଟେଷ୍ଟରେ ଭାରତ ବିଜୟୀ ହୋଇଛି । ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟର ଫଳାଫଳ ମିଳି ପାରି ନ ଥିଲା । ଏଠାରେ ଘାତକ ବୋଲିଂ କରି ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜ (ମ୍ୟାଚ୍‌ରେ ୯ ୱିକେଟ)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ୫ଟି ଯାକ ଟେଷ୍ଟରେ

- ଟେଷ୍ଟ ସିରିଜ୍ ୨-୨ରେ ବରାବର
- ସିରାଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ଗିଲ, ବ୍ରୁକ୍ ମ୍ୟାନ୍ ଅଫ୍ ଦି ସିରିଜ୍

ଭାରତ ପକ୍ଷରୁ ସର୍ବାଧିକ ୭୫୪ ଓ ଇଂଲଣ୍ଡ ପକ୍ଷରୁ ୪୮୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଦୀର୍ଘ ୨୫ ଦିନ ଧରି ଚାଲିଥିବା ବ୍ୟାଟ୍ ବଲର ସଂଘର୍ଷ ମଧ୍ୟରେ ଏହି ପ୍ରତିଯୋଗିତାମୂଳକ ତଥା ରୋମାଞ୍ଚଭରା ଟେଷ୍ଟ ସିରିଜ୍ ସ୍ମରଣୀୟ ଭାବେ ଶେଷ ହୋଇଛି । ଏହା ପରେ ଭାରତ ୟୁଏଇ'ରେ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ରେ ଅଂଶଗ୍ରହଣ କରିବ । ଆଲୋଚନା ଫଳପ୍ରସୂ ହେଲେ ଏହା ପୂର୍ବରୁ ଶ୍ରୀଲଙ୍କା ସହ ଏକ ସୀମିତ ଓଭର ସିରିଜ୍ ଚଳିତ ମାସ ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ ।

ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ମ୍ୟାଚ୍‌ର ପିଚ୍ ଘାସ ଥାଇ ଖେଳାଯାଇଥିଲା । ଯାହାଫଳରେ ଆରମ୍ଭରୁ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ । ପ୍ରଥମ ଇନିଂସରେ ଭାରତ ୨୨୪ ଓ ଇଂଲଣ୍ଡ ୨୪୭ ରନ୍ କରିଥିଲା । ଏଠାରେ ତୃତୀୟ ଇନିଂସରେ ସର୍ବାଧିକ ସ୍କୋର ହେଉଥିଲାବେଳେ ଭାରତ ୩୯୬ ରନ୍‌ରେ ଦ୍ୱିତୀୟ ଇନିଂସ ଶେଷ କରିଥିଲା । ଫଳରେ ଏହି ଟେଷ୍ଟର ତୃତୀୟ ଦିନ ଘରୋଇ ଇଂଲଣ୍ଡ ଆଗରେ ଏହି ଟେଷ୍ଟ ମ୍ୟାଚ୍ ଜିତିବାକୁ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ପ୍ରଥମ ଦିନ ୧ ୱିକେଟରେ ୫୦ ରନ୍ କରିଥିଲା । ଦ୍ୱିତୀୟ ଦିନରେ ଦଳ ୧୦୬ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଭାରତୀୟ ଶିବିରରେ ଉତ୍ସାହ ସୃଷ୍ଟି ହୋଇଥିଲା । କିନ୍ତୁ ଜୋ ରୁଟ ଓ ହ୍ୟାରୀ ବ୍ରୁକ୍‌ଙ୍କ ୪ର୍ଥ ୱିକେଟରେ ଦମ୍‌ଦାର ବ୍ୟାଟିଂ ଇଂଲଣ୍ଡକୁ ବିଜୟର ନିକଟବର୍ତ୍ତୀ କରାଇବା ସହ ଭାରତକୁ ନିରାଶ କରିଥିଲା । ଦ୍ୱିତୀୟ ଇନିଂସରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଖେଳିବାକୁ ଆସି ୬୬ ରନ୍‌ର ଆକର୍ଷଣୀୟ ଇନିଂସ ଖେଳିଥିବା ଆକାଶ ଦୀପ୍ ୧୧୧ ରନ୍ କରିଥିବା ବ୍ରୁକ୍‌ଙ୍କୁ ଟି' ପୂର୍ବରୁ ଆଉଟ କରି ୧୯୫ ରନ୍‌ର ପାର୍ଟନରସିପ୍‌କୁ ଭାଙ୍ଗିଦେଇଥିଲେ । ଏହା ପରେ ରୁଟ୍ (୧୦୫) ଓ ଜ୍ୟାକବ ବେଥେଲ (୫)ଙ୍କୁ ଆଉଟ କରି ଭାରତକୁ ଜିତିବା ଲାଗି ଏକ ସୁଯୋଗ ଦେଇଥିଲେ । ଦ୍ୱିତୀୟ ଦିନ ଆଲୋକ ଅଭାବ ଓ ବର୍ଷା ହେବାରୁ ଖେଳ ବନ୍ଦ ରହିଲା ବେଳକୁ ୬ ୱିକେଟରେ ୩୩୯ ରନ୍ କରିଥିଲା । ଯାହା ଫଳରେ ମ୍ୟାଚ୍‌ର ୫ମ ତଥା ଶେଷ ଦିନରେ ଇଂଲଣ୍ଡକୁ ଜିତିବା ଲାଗି ବାକିଥିବା ୪ ୱିକେଟ ବିନିମୟରେ ୩୭ ରନ୍ ଓ ଭାରତକୁ ଏହା ମଧ୍ୟରେ ୪ଟି ୱିକେଟ ଆବଶ୍ୟକ ଥିଲା ।

## ରୋମାଞ୍ଚଭରା ଶେଷ ଦିନର ଖେଳ

୬ ୱିକେଟରେ ୩୩୯ ରନ୍‌ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ପକ୍ଷରୁ ଜେମି ଓଭରଟନ ଭାରତର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଚୌକା ମାରି ଭଲ ଆରମ୍ଭ ଦେଇଥିଲେ । କିନ୍ତୁ ୱିକେଟ ରକ୍ଷକ ଜେମି ସ୍ମିଥ୍‌ଙ୍କୁ ୨ ରନ୍‌ରେ ଓ ଏହା ପରେ ଓଭରଟନ୍‌ଙ୍କୁ ୯ ରନ୍‌ରେ ଆଉଟ କରି ସିରାଜ ଭାରତର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ । କେବଳ ଗସ୍ ଆଟକିସନସନ ଭାରତର ବିଜୟରେ ପ୍ରତିବନ୍ଧକ ରହିଥିଲେ । ସେ ମଧ ଛକା ମାରି ସୁଯୋଗକୁ ହାତଛଡ଼ା କରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ । ଏହି ସମୟରେ ଜୋଶ ଟଙ୍ଗ୍‌ଙ୍କୁ ବୋଲ୍ଡ କରି ପ୍ରସିଦ୍ଧ ଆହତ ଖେଳାଳି କ୍ରିସ୍ ଓକ୍ସଙ୍କୁ ବ୍ୟାଟିଂ କରିବାକୁ ବାଧ କରିଥିଲେ । ଆଟକିନସନ ଭଲ ଖେଳୁଥିବାରୁ ତାଙ୍କୁ କିଛି ସମୟ କ୍ରିଜ୍‌ରେ ରହିବାର ଆବଶ୍ୟକତା ଥିଲା । ୮୬ତମ ଓଭରର ପ୍ରଥମ ବଲ୍‌ରେ ସିରାଜ ଘଣ୍ଟାପ୍ରତି ୧୪୩ କିଲୋମିଟର ବେଗରେ ୟର୍କର ପକାଇ ଆଟକିନସନଙ୍କୁ ବୋଲ୍ଡ କରିଦେଇଥିଲେ । ଏହି ଆଉଟ ସହ ସିରାଜ, ଜୁରେଲ ଓ ଭାରତୀୟ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା । ରୁଟ୍ ଓ ବ୍ରୁକଙ୍କ ଶତକ କିଛି କାମ ଦେଇ ନ ଥିଲା । ଭାରତ ପକ୍ଷରୁ ସିରାଜ ୫ଟି ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ୱିକେଟ ନେଇଥିଲେ । କିନ୍ତୁ ବ୍ରୁକ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ ଆକାଶଦୀପଙ୍କୁ ମିଳିଥିଲା । ପ୍ରଥମ ଇନିଂସରେ ମଧ ସିରାଜ ଓ ପ୍ରସିଦ୍ଧ ୪ଟି ଲେଖାଏଁ ୱିକେଟ ପାଇଥିଲେ । ଏହି ମ୍ୟାଚ୍‌ରେ ଯଶପ୍ରୀତ୍ ବୁମ୍‌ରା ଖେଳି ନ ଥିଲାବେଳେ ଭାରତୀୟ ଏକାଦଶରେ ସାମିଲ ଥିବା ଦୁଇ ସ୍ପିନ୍‌ର ଏହି ଇନିଂସରେ ୮ ଓଭର ଓ ମ୍ୟାଚ୍‌ରେ ୧୦ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ ।

## ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ** : ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭) ।


**ଇଂଲଣ୍ଡ ପ୍ରଥମ ଇନିଂସ** : ୨୪୭/୧୦ (କ୍ରାଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨) ।

**ଭାରତ ଦ୍ୱିତୀୟ ଇନିଂସ** : ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮) ।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ** : ୩୬୭/୧୦, ଓଭର (ହ୍ୟାରୀ ବ୍ରୁକ୍-୧୧୧, ଜୋ ରୁଟ-୧୦୫, ବେନ୍ ଡକେଟ-୫୪, ମହମ୍ମଦ୍ ସିରାଜ-୫/୧୦୪, ପ୍ରସିଦ୍ଧ କ୍ରିଷ୍ଣା-୪/୧୨୬, ଆକାଶଦୀପ-୧/୮୫) ।

## ସର୍ବନିମ୍ନ ବ୍ୟବଧାନରେ ଭାରତ ଟେଷ୍ଟ ବିଜୟ

ଓଭାଲ,୪।୮ (ଏଜେନ୍ସି): ଏଠାରେ ସୋମବାର ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ମ ମ୍ୟାଚ୍‌ରେ ଭାରତ ୬ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି । ଟେଷ୍ଟ କ୍ରିକେଟ ଇତିହାସରେ ଏହା ଭାରତର ସର୍ବନିମ୍ନ ରନ୍ ବ୍ୟବଧାନ ବା ସବୁଠାରୁ କମ୍ ରନ୍ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ କରିଛି । ଏହା ପୂର୍ବରୁ ଦଳ ୨୦୦୪ ୱାଙ୍ଖଡେ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୧୩ ରନ୍‌ରେ ହରାଇ ସର୍ବନିମ୍ନ ରନ୍ ବ୍ୟବଧାନରେ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲେ । ଏହା ବ୍ୟତୀତ ୧୯୭୨ କୋଲକାତା ଟେଷ୍ଟରେ ଇଂଲଣ୍ଡକୁ ୨୮ ଓ ୨୦୧୮ ଆଡିଲେଡ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୩୧ ରନ୍‌ରେ ପରାସ୍ତ କରି କମ୍ ରନ୍ ବ୍ୟବଧାନରେ ବିଜୟୀ ହୋଇଥିଲା । ତୃତୀୟ ସର୍ବନିମ୍ନ ପରାଜୟ: ଭାରତ ରେକର୍ଡ ବିଜୟ ହାସଲ କରିଥିଲେ ମଧ ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ତୃତୀୟ ସର୍ବନିମ୍ନ ରନ୍ ବ୍ୟବଧାନରେ ବିଜୟ । ପୂର୍ବରୁ ଦଳ ୨୦୨୩ ୱେଲିଂଟନ ଟେଷ୍ଟରେ ନ୍ୟୁଜିଲାଣ୍ଡଠାରୁ ୧ ରନ୍, ୧୯୦୨ ମାଞ୍ଚେଷ୍ଟର ଟେଷ୍ଟରେ ଅଷ୍ଟ୍ରେଲିଆଠାରୁ ୩ ରନ୍ ବ୍ୟବଧାନରେ ପରାଜିତ ହୋଇଥିଲା । ଭାରତଠାରୁ ୬ ରନ୍‌ରେ ହାରିବା ମଧ ଦ୍ୱିତୀୟଥର । ପୂର୍ବରୁ ୧୮୮୫ ସିଡନୀ ଟେଷ୍ଟରେ ଅଷ୍ଟ୍ରେଲିଆ ନିକଟରୁ ଇଂଲଣ୍ଡ ୬ ରନ୍‌ରେ ହାରିଥିଲା ।



**ସିରିଜ୍‌ରେ ରେକର୍ଡ** : ଭାରି ଓ ଇଂଲଣ୍ଡ ଟେଷ୍ଟ ସିରିଜ୍ ରୋମାଞ୍ଚକ ହୋଇଥିଲା । ଟେଷ୍ଟ କ୍ରିକେଟ ଲାଗି ଏହା ଏକ ଉପଯୁକ୍ତ ଉଦାହରଣ ସୃଷ୍ଟି କରିଛି । ସବୁଠାରୁ ବଡ଼ କଥା ହେଲା ସିରିଜ୍‌ର ସମସ୍ତ ୫ଟି ଯାକ ଟେଷ୍ଟ ୫ ଦିନ ଯାଏ ଖେଳାଯାଇଛି । ୨୦୧୮ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆସେସ ସିରିଜ୍‌ରେ ଏହା ଶେଷଥର ହୋଇଥିଲା । ଏହି ସିରିଜ୍‌ରେ ଉଭୟ ଦଳର ବ୍ୟାଟିଂ ଦମ୍‌ଦାର ହୋଇଥିଲା ବେଳେ ମୋଟରେ ୭,୧୮୭ ରନ୍ ସଂଗୃହୀତ ହୋଇଛି । ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍ ସଂଗ୍ରହରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି । ସେହିପରି ଏହି ସିରିଜ୍‌ରେ ମୋଟ ୧୪ଥର ଗୋଟିଏ ଇନିଂସରେ ୩୦୦ କିମ୍ବା ତା'ଠାରୁ ଅଧିକ ରନ୍ ହୋଇଛି । ଗୋଟିଏ ସିରିଜ୍‌ରେ ଏହା ଯୁଗ୍ମ ସର୍ବାଧିକ । ଏହି ସିରିଜ୍‌ରେ ସର୍ବାଧିକ ୯ ଜଣ ବ୍ୟାଟର ୪୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି । ଗୋଟିଏ ସିରିଜ୍‌ରେ ଏହା ସର୍ବାଧିକ । ଏହି ସିରିଜ୍‌ରେ ମୋଟ ୫୦ଥର ଖେଳାଳିମାନେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି । ଏହି ସିରିଜ୍‌ରେ ୨୧ଟି ବ୍ୟକ୍ତିଗତ ଶତକ ଓ ୧୯ ଟି ସେଞ୍ଚୁରୀ ପାର୍ଟନରସିପ୍ ହୋଇଛି । ଗୋଟିଏ ସିରିଜ୍‌ରେ ଏହା ଯୁଗ୍ମ ପ୍ରଥମ ସ୍ଥାନରେ ରହିଛି ।

## ସିରିଜ୍ ଶୀର୍ଷରେ ଗିଲ୍ ଓ ସିରାଜ



ଲଣ୍ଡନ,୪।୮ (ଏଜେନ୍ସି): ଏଠାରେ ଆଜି ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତର ଦୁଇ ଖେଳାଳି ଶୁବମନ ଗିଲ୍ ବ୍ୟାଟିଂରେ ଓ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ବୋଲିଂରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି । ଉଭୟ ଖେଳାଳି ସିରିଜ୍‌ରେ ସମସ୍ତ ୫ଟି ଯାକ ଟେଷ୍ଟ ଖେଳିଥିଲେ । ଗିଲ୍ ୫ଟି ଟେଷ୍ଟର ୧୦ଟି ଇନିଂସରେ ସର୍ବାôଧକ ୭୫୪ ରନ୍ ସଂଗ୍ରହ କରିଛନ୍ତି । ଏହା ମଧ୍ୟରେ ସେ ୪ଟି ଶତକ ହାସଲ କରିଛନ୍ତି । ଇନିଂସ ପ୍ରତି ୭୫.୪୦ ହାରରେ ସେ ଏହି ରନ୍ ସଂଗ୍ରହ କରିଥିଲାବେଳେ ୨୬୯ ରନ୍ ସର୍ବାଧିକ ହୋଇ ରହିଛି । ତାଙ୍କ ପଛକରୁ ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ୫ଟି ଟେଷ୍ଟର ୯ ଟି ଇନିଂସରେ ୫୩୭ ରନ୍ ସଂଗ୍ରହ କରିଛନ୍ତି । ଏହା ମଧ୍ୟରେ ସେ ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି । ଭାରତର ଆଉ ୨ଜଣ ଖେଳାଳି ଲୋକେଶ ରାହୁଲ ୫୩୨ ଓ ରବୀନ୍ଦ୍ର ଜାଡେଜା ୫୧୬ ରନ୍ ସଂଗ୍ରହ କରିଥିଲେ । ହ୍ୟାରୀ ବ୍ରୁକ୍ ୪୮୧ ରନ୍ ୫ମ ସ୍ଥାନରେ ରହିଛନ୍ତି ।



ବୋଲିଂରେ ମଧ ଜଣେ ଭାରତୀୟ ଖେଳାଳି ମହମ୍ମଦ୍ ସିରାଜ ସର୍ବାଧିକ ୨୩ଟି ୱିକେଟ ନେଇଛନ୍ତି । ଏଥିଲାଗି ସେ ସିରିଜ୍‌ରେ ସର୍ବାଧିକ ୧୧୧୩ଟି ବଲ ପକାଇ ରେକର୍ଡ କରିଛନ୍ତି । ସେ ଗୋଟିଏ ଇନିଂସରେ ୨ଥର ୫ ୱିକେଟ ନେଇଛନ୍ତି । କିନ୍ତୁ ୫ମ ଟେଷ୍ଟରେ ସେ ୯ ଟି ୱିକେଟ ନେଇଥିଲେ ମଧ ଦ୍ୱିତୀୟ ଇନିଂସରେ ୫ଟି ୱିକେଟ ନେଇ ଭାରତର ଅନ୍ୟତମ ଶ୍ରେଷ୍ଠ ବିଜୟରେ ଶ୍ରେଷ୍ଠ ଖେଳାଳି ହୋଇଛନ୍ତି । ତାଙ୍କ ପଛକୁ ଇଂଲଣ୍ଡର ୨ଜଣ ବୋଲର ଜୋଶ ଟଙ୍ଗ ୩ଟି ମ୍ୟାଚ୍‌ରୁ ୧୯ ଟି ଓ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ୧୭ ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଭାରତର ଅନ୍ୟ ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମରା ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏଁ ଟେଷ୍ଟ ଖେଳି ୧୪ଟି ଲେଖାଏଁ ୱିକେଟ ନେଇଛନ୍ତି ।

## ଶୁଭଙ୍କର ହେଲା ଗାଭାସ୍କରଙ୍କ ଧଳା ଜ୍ୟାକେଟ



ଲଣ୍ଡନ,୪।୮ (ଏଜେନ୍ସି): ଭାରତ ଯେଉଁଠାରେ କ୍ରିକେଟ ଖେଳିଲେ ମଧ କିମ୍ବଦନ୍ତୀ ଖେଳାଳି ସୁନୀଲ ଗାଭାସ୍କର ଖେଳ ଦେଖିବାକୁ ଯାଇଥାନ୍ତି । ଇଂଲଣ୍ଡରେ ସେ ଜଣେ ଟେଲିଭିଜନ ଭାଷ୍ୟକାର ଭାବେ ଉପସ୍ଥିତ ଥିଲେ । ଏହି ସମୟରେ ସେ ନିଜ ରେକର୍ଡ (ସିରିଜ୍‌ରେ ସର୍ବାଧିକ ରନ୍) ଭାଙ୍ଗିବାକୁ ଭାରତର ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଗୁଆ ଶୁଭେଚ୍ଛା ଜଣାଇଥିଲେ । ଜଣେ ଖେଳାଳିମାନେ ସିରିଜ୍‌ରେ ଗାଭାସ୍କରଙ୍କ ନାମରେ ଥିବା ସର୍ବାଧିକ ରନର ରେକର୍ଡ ଗିଲ ଭାଙ୍ଗିପାରି ନ ଥିଲେ । କିନ୍ତୁ ସେ ଦେଇଥିବା ପ୍ରତିଶ୍ରୁତି ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଥିଲା । ପ୍ରସାରଣ ବେଳେ ସେ କହିଥିଲେ ମୋର (ଗାଭାସ୍କରଙ୍କ) ଲକି ଧଳା ଜ୍ୟାକେଟ ଭାରତରୁ ମଗାଇଛି । ଏହି ଜ୍ୟାକେଟ ପିନ୍ଧି ଏଠାରେ ଉପସ୍ଥିତ ରହିଲେ ଭାରତ ନିଶ୍ଚିତ ମ୍ୟାଚ୍ ଜିତିବ ବୋଲି ଗାଭାସ୍କର କହିଥିଲେ । ସୌଭାଗ୍ୟବଶଃତ ଗାଭାସ୍କର ମ୍ୟାଚ୍ ବେଳେ ତାଙ୍କ ଲକି ଜ୍ୟାକେଟ ପିନ୍ଧି ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ଦିନ ଭାରତ ମଧ ମ୍ୟାଚ୍ ଜିତିଥିଲା । ଗାଭାସ୍କରଙ୍କ ଧଳା ଜ୍ୟାକେଟ ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଛି ବୋଲି ଏହି ମ୍ୟାଚ୍ ବିଜୟରୁ ଜଣାଯାଇଛି ।



ଓଭାଲରେ ଭାରତୀୟ କ୍ରିକେଟ ଦଳର ବିଜୟ ପରେଡ





ମ୍ୟାନ୍ ଅଫ୍ ଦି ସିରିଜ୍ ହ୍ୟାରୀ ବ୍ରୁକ୍ ଓ ସାହସିକ କ୍ରିସ୍ ଓକ୍ସ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS